

କକ୍‌ଟେଲ୍ ପାଇଁ ମନା କରିଥିଲେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-356 ◆WEDNESDAY ◆24 JUNE 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୫୬ ◆ବୁଧବାର ◆୨୪ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଟିଏମ୍‌ସିରେ ଲଢ଼େଇ ତୀବ୍ର

## ନାମ ଓ ଚିହ୍ନ ପାଇଁ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେଲେ ମମତା ଓ ରତବ୍ରତ

■ କୋଲକାତା, ୨୩।୬ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ କ୍ଷମତାକୁ ନେଇ ଚାଲିଥିବା କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଶିବିର ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଦଳର ନାମ ଏବଂ ଚିହ୍ନ ଉପରେ ନିୟନ୍ତ୍ରଣ ପାଇଁ ଲଢେଇ ଏବେ ନିର୍ବାଚନ କମିସନଙ୍କ ଦ୍ୱାରରେ ପହଞ୍ଚିଛି।



ଦଳକୁ ହାତରୁ ଖସିଯିବା ଆଗରୁ ମମତା ନିଜ ଉଦ୍ୟମ ଆରମ୍ଭ କରିଛନ୍ତି। ସୋମବାର ରାତିରେ ମମତା ନିର୍ବାଚନ କମିସନଙ୍କ ନିକଟରେ ଦଳର ଏକ ପୁନର୍ଗଠିତ ଜାତୀୟ କାର୍ଯ୍ୟକାରିଣୀ କମିଟି ଏବଂ ସାଂଗଠନିକ ଢାଞ୍ଚାର ତାଲିକା ଦାଖଲ କରିଛନ୍ତି। ତାଲିକାରେ ମମତାଙ୍କୁ ଦଳର ଅଧକ୍ଷା ଏବଂ ଅଭିଷେକ ବାନାର୍ଜୀ ଜାତୀୟ ସାଧାରଣ ସମ୍ପାଦକ, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟ ସଭାପତି, ଡେରେକ ଓ'ବ୍ରାଏନ ଓ ଦୋଲା ସେନଙ୍କୁ ଯୁଗ୍ମ ସମ୍ପାଦକ ଏବଂ ଶୁଭାଶିଷ ଚକ୍ରବର୍ତ୍ତୀଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ମମତା ନିଜେ ଏହି ତାଲିକାରେ ସ୍ୱାକ୍ଷର କରି ନିର୍ବାଚନ କମିସନଙ୍କ ପାଖକୁ ପଠାଇଥିବା ଜଣା ପଡ଼ିଛି। ନିର୍ବାଚନ କମିସନଙ୍କୁ ଦିଆଯାଇଥିବା ସଂଶୋଧିତ ତାଲିକାରୁ ଜୁନ୍ ୫ରେ ଘୋଷଣା କରାଯାଇଥିବା ଜାତୀୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଅରୂପ ବିଶ୍ୱାସଙ୍କୁ ବାଦ୍ ଦିଆଯାଇଛି। ଏହା ବ୍ୟତୀତ ଫିରହାଦ ହାକିମ, ଅରୂପ ରାୟ, ଜାଭେଦ ଖାନ, ରଥିନ ଘୋଷ ଏବଂ ସାବିନା ୟାସମିନଙ୍କ ଭଳି ବିଧାୟକ ତଥା ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଛି।

ଅନ୍ୟପଟେ, ଏକ ପାଞ୍ଚତାରକା ହୋଟେଲରେ ରତବ୍ରତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୃଥକ ଜାତୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇ ମମତା କିମ୍ବା ଅଭିଷେକଙ୍କ ପାଇଁ କୌଣସି ସ୍ଥାନ ରଖାଯାଇ ନାହିଁ। ବିଦ୍ରୋହୀ ଗୋଷ୍ଠୀ ହାୱଡା ସେଣ୍ଟ୍ରାଲ ବିଧାୟକ ଅରୂପ ରାୟଙ୍କୁ ଅଧ୍ୟକ୍ଷ ଏବଂ ରତବ୍ରତଙ୍କୁ ▶ପୃଷ୍ଠା-୭

### ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣାରେ ୭ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

# ଓଡ଼ିଶା ଫେରିଲା ୫ ମରଶରୀର

■ ଭୁବନେଶ୍ୱର/ ତେଲକୋଇ, ୨୩।୬ (ସମିସ): ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣ ଓଡ଼ିଆଙ୍କର ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଅନ୍ୟ ଦୁଇ ମୃତକ ହେଲେ କେନ୍ଦୁଝର ଜିଲ୍ଲାର ସଜନୀ ଜୁଆଙ୍ଗ ଓ ଜାମୁନୀ ଜୁଆଙ୍ଗ। ସଜନୀଙ୍କ ଘର ବାଂଶପାଳ ବ୍ଲକ ଅନ୍ତର୍ଗତ କୁଡ଼ିପଶା ଗ୍ରାମରେ ହୋଇଥିବା ବେଳେ ଜାମୁନିଙ୍କ ଘର ତେଲକୋଇ ବ୍ଲକ ଅନ୍ତର୍ଗତ ରଙ୍ଗମାଟିଆରେ ବୋଲି ଜଣାପଡ଼ିଛି। ଅପରପକ୍ଷେ ସୋମବାର ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିବା ବେଳେ ଏହି ରାଶିକୁ ଆଜି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏପଟେ ମଙ୍ଗଳବାର ମୃତକ ୫ଜଣଙ୍କର ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ଯେଉଁ ମୃତକଙ୍କର ମରଶରୀର ଓଡ଼ିଶା ଆସିଛି ସେମାନେ ହେଲେ ଜିମାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ, ଶିବାନୀ ଓ ଫୁଲମଣି ଜୁଆଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ▶ପୃଷ୍ଠା-୭



ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧିକଲେ ମୁଖ୍ୟମନ୍ତ୍ରୀ

### ରାଜ୍ୟସଭା କ୍ରସ ଭୋଟିଂ

# ଅକଳରେ ୧୧ ବିଧାୟକ

■ ଭୁବନେଶ୍ୱର, ୨୩।୬ (ସମିସ): ଗତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହୁଇପ୍ ଅମାନ୍ୟ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକ ଅକଳରେ ପଡ଼ିଛନ୍ତି। ନିଜ ଦଳକୁ ଧୋକା ଦେଇଥିବାରୁ ବିଜେପି ସେମାନଙ୍କୁ ଆଦର କରି କୋଳେଇ ନେବ ବୋଲି ସେମାନେ ଯେଉଁ ଆଶା କରିଥିଲେ, ତାହା ଏବେ ମଉଳିବାକୁ ବସିଛି। ପ୍ରଥମତଃ ସେମାନେ ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳର ବିଜେପି ନେତାମାନଙ୍କ ବିରୋଧ ସେମାନଙ୍କ ପାଇଁ କଣ୍ଟା ହୋଇଛି। ପୁନଶ୍ଚ ସଦସ୍ୟ ପଦ ରଦ୍ଦ ହେବା ଭୟରେ ସେମାନେ ଆନୁଷ୍ଠାନିକ ଭାବରେ ମଧ୍ୟ ବିଜେପିରେ ଯୋଗଦେଇ ପାରୁନାହାନ୍ତି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଟିପ୍ପଣୀ ଏହି ୧୧ ବିଧାୟକଙ୍କ ପାଇଁ ଅଡୁଆ ହୋଇଛି। ଯେଉଁ ୧୧ ବିଧାୟକ ନିଲମ୍ବିତ ହୋଇଛନ୍ତି, ସେମାନଙ୍କୁ ମୁଁ ଜାଣିଛି ବୋଲି ସଂକ୍ଷେପରେ ସୁରେଶ ପୂଜାରୀଙ୍କ ଟିପ୍ପଣୀକୁ ରାଜନୈତିକ ସମୀକ୍ଷକ ନକରାତ୍ମକ ଦୃଷ୍ଟିରେ ଦେଖୁଛନ୍ତି। ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି।

ଅନ୍ୟପକ୍ଷରେ ବିଜେଡି ଓ ବିଜେପି ଦଳରୁ ନିଲମ୍ବିତ କରିଥିବା ବିଧାୟକମାନଙ୍କୁ ଗ୍ରହଣ କରିବାକୁ ରାଜି ନୁହନ୍ତି ବୋଲି କୁହାଯାଉଛି।

## ଫେରାଇ ନେବାକୁ ରାଜି ନୁହନ୍ତି ବିଜେଡି ଓ କଂଗ୍ରେସ

## କୋଳେଇ ନେବାକୁ ଅରାଜି ବିଜେପି ରାଜ୍ୟ ନେତୃତ୍ୱ

ଗଣମାଧ୍ୟମ ସହ ଅନୌପଚାରିକ ଆଲୋଚନା ସମୟରେ ଶ୍ରୀ ପୂଜାରୀ କହିଛନ୍ତି ଯେ ବିଜେପି ଗୋଟେ ଧର୍ମଶାଳା ପାର୍ଟି ନୁହେଁ। ଯାହାର ଦରକାର ପଡ଼ିବ, ସେ ଆସିବ। କାମ ସରିଗଲେ ସେ ପଳାଇବ। କିଛି ପାଇବା ପାଇଁ ଓ ସ୍ୱାର୍ଥ ପାଇଁ ଆସୁଥିବା ଲୋକଙ୍କୁ ପଶ୍ଚାତାପ କରିବାକୁ ପଡ଼ିବ ବୋଲି ଶ୍ରୀ ପୂଜାରୀଙ୍କ ବିଜେଡିର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ ଯେଉଁମାନେ ଦଳରୁ ଗୋଡ଼କାଢ଼ି ଯାଇଛନ୍ତି, ସେମାନଙ୍କୁ ଆଉ ଫେରାଇ ଆଣିବାର ପ୍ରଶ୍ନ ଉଠୁନାହିଁ। ନିଲମ୍ବିତ ବିଧାୟକମାନେ ଯଦି ବିଜେପି ଯିବାକୁ ଚାହୁଁଛନ୍ତି, ସେମାନେ ଯାଇ ପାରନ୍ତି। ମାତ୍ର ଯେଉଁମାନେ ବିଜେପି ▶ପୃଷ୍ଠା-୭

# କେନ୍ଦ୍ରମନ୍ତ୍ରୀ କୁରିଆନଙ୍କ ଇସ୍ତଫା



■ ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ ମଙ୍ଗଳବାର କେନ୍ଦ୍ର ମନ୍ତ୍ରୀ ପରିଷଦରୁ ନିଜର ଇସ୍ତଫା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ଏହି ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। କୁରିଆନଙ୍କ ୬ ବର୍ଷିଆ ରାଜ୍ୟସଭା କାର୍ଯ୍ୟକାଳ ଜୁନ୍ ୨୧ରେ ସମାପ୍ତ ହୋଇଥିଲା। ନିକଟରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେପି ତାଙ୍କୁ ପୁନର୍ବାର ପ୍ରାର୍ଥୀ ନ କରିବାକୁ ନିଷ୍ପତ୍ତି ନେବା ପରେ ସେ ମନ୍ତ୍ରୀ ପଦରୁ ଓହରି ଯାଇଛନ୍ତି। ତେବେ ତାଙ୍କ ଇସ୍ତଫାର କୌଣସି ନିର୍ଦ୍ଦିଷ୍ଟ କାରଣ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇ ନାହିଁ। ୬୫ ବର୍ଷୀୟ କୁରିଆନ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏବଂ ମତ୍ସ୍ୟପାଳନ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ପେସାରେ ଜଣେ ଓକିଲ ଥିବା କୁରିଆନ, କେରଳର କୋଟାୟମ ଅଞ୍ଚଳର ବାସିନ୍ଦା ଏବଂ ୧୯୮୦ ମସିହାରେ ବିଜେପି ପ୍ରତିଷ୍ଠା ହେବା ସମୟରୁ ଦଳ ସହିତ ଜଡିତ ଅଛନ୍ତି। ସେ ଦଳର ଜଣେ ବରିଷ୍ଠ ନେତା ଭାବେ କେରଳ ୟୁନିଟର ସାଧାରଣ ସମ୍ପାଦକ ଏବଂ ଉପ-ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପଦବୀରେ କାର୍ଯ୍ୟ କରିଛନ୍ତି।






# ଜୁଲାଇ ୫କୁ ପୁଣି ଘୁଞ୍ଚିଲା ଓଟିଇଟି

■ କଟକ, ୨୩।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ ମାସ ୨୧ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ଏହାକୁ ନିଟ ପରୀକ୍ଷା ପାଇଁ ପ୍ରଥମେ ଘୁଞ୍ଚାଯାଇ ଜୁନ ୨୮ ରେ ହେବ ବୋଲି ସ୍ଥିର କରାଯାଇଥିଲା। ଜୁନ ୨୮ ରେ ଓଏସଏସସି ପକ୍ଷରୁ ଆରଆଇ, ଅମିନ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ଓଟିଇଟି ପରୀକ୍ଷା ଆସନ୍ତା ଜୁଲାଇ ୫ତାରିଖରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଓଟିଇଟି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ପେପର-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗତ ଜୁନ ୧୭ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ ହୋଇସାରିଛି। ଯେଉଁମାନେ ଏହାକୁ ଡାଉନଲୋଡ କରିଛନ୍ତି ଆଉ ଡାଉନଲୋଡ କରିବାକୁ ପଡିବ ନାହିଁ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

### ୪ ତାରିଖରେ ଆସିବେ ଶାହା

# ବିଜେପି ରାଜନୀତି ସରଗରମ



■ ଭୁବନେଶ୍ୱର, ୨୩।୬ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପରେ ଆସନ୍ତା ଜୁଲାଇ ମାସ ପ୍ରଥମାର୍ଦ୍ଧରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସିବେ। ଜୁଲାଇ ୪ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସ୍ଥିରୀକୃତ ହୋଇଛି। ଏହି ଅବସରରେ ସେ କିଛି ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ ଓ ଦଳୀୟ କାର୍ଯ୍ୟରେ ମଧ୍ୟ ଅଂଶଗ୍ରହଣ କରିବେ। ଏହାକୁ ନେଇ ରାଜ୍ୟ ବିଜେପି ରାଜନୀତି ସରଗରମ ହୋଇଛି। ଏକ ପକ୍ଷରେ ବିଜେପିର ନୂତନ ଅଧ୍ୟକ୍ଷ ନିତିନ ନବୀନ ନିଜର ନୂଆ ଟିମ୍ ଗଠନ କରିବାକୁ ଯାଉଛନ୍ତି, ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳର ପୁନର୍ଗଠନ କରିବେ ବୋଲି ଚର୍ଚ୍ଚା ହେଉଛି। ବିଜେପିର ଜାତୀୟ ଟିମ୍ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ ପରେ ରାଜ୍ୟରେ ମନ୍ତ୍ରୀ ପରିଷଦରେ ଅଦଳବଦଳ ହେବାର ଆକଳନ କରାଯାଉଛି। ▶ପୃଷ୍ଠା-୭

### ମଣ୍ଡିରେ ପଡ଼ିଛି ଧାନ

# କୀଟନାଶକ ପିଇ ଜୀବନ ହାରିଲେ ଚାଷୀ



■ କୋମନା, ୨୩।୬ (ସମିସ): ମଣ୍ଡିରେ ପଡ଼ିଛି ଧାନ, ଟୋକନ ଥାଇ ମଧ୍ୟ ମିଲର ଉଠାଉନାହିଁ। ଫଳରେ ସିଏସ୍‌ଓ ଅଫିସ ସମ୍ମୁଖରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହୋଇ ନିରାଶରେ ଫେରିବା ପରେ କୀଟନାଶକ ପିଇ ଜୀବନ ହାରିଛନ୍ତି ଜଣେ ଚାଷୀ। ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ। ମୃତ ଚାଷୀ ହେଲେ କୋମନା ବ୍ଲକ ଜଡ଼ାମୁଣ୍ଡା ଗାଁର ନେପାଳ ମାଝୀ। ଧାନ ବିକି ନପାରି ଜୀବନ ହାରିଥିବା ଆଲୋଚନା ହେଉଛି। ପ୍ରକାଶ ଯେ, ଜଡ଼ାମୁଣ୍ଡା ରବି ଧାନ ମଣ୍ଡିରେ ମେ' ୩୦ରୁ ଜୁନ୍ ▶ପୃଷ୍ଠା-୭




## ବାୟୁସେନାର ସମସ୍ତ ୩୬ଟି ରାଫେଲ୍ ସୁରକ୍ଷିତ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନାର ରାଫେଲ୍ ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନ ପକ୍ଷରୁ ବାରମ୍ବାର କରାଯାଉଥିବା ମିଥ୍ୟା ପ୍ରଚାର ପୁଣିଥରେ ବିଫଳ ହୋଇଛି। ବାୟୁସେନାର ସରକାରୀ ଦସ୍ତାବେଜରୁ ପ୍ରମାଣିତ ହୋଇଛି ଯେ, ଭାରତ ପାଖରେ ଥିବା ସମସ୍ତ ୩୬ଟି ଯାକ ରାଫେଲ୍ ଯୁଦ୍ଧବିମାନ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ଅଛନ୍ତି। ବାୟୁସେନା ମୁଖ୍ୟାଳୟ ପକ୍ଷରୁ ଜୁନ୍‌ରେ ଏକ 'ରିକ୍ୱେଷ୍ଟ ଫର ପ୍ରପୋଜାଲ' ଦସ୍ତାବେଜ ଜାରି ହୋଇଥିଲା। ଏଥିରେ ବାୟୁସେନା ବର୍ତ୍ତମାନ ସେବାରେ ଥିବା ସମସ୍ତ ୩୬ଟି ରାଫେଲ୍ ବିମାନ ପାଇଁ ୫ ମାସର ରକ୍ଷଣାବେକ୍ଷଣ ସହାୟତା ପାଇଁ ଆବେଦନ କରିଛି। ୨୦୧୬ରେ ଫ୍ରାନ୍ସ ସହିତ ହୋଇଥିବା ସରକାରୀ ଚୁକ୍ତି ଅନୁସାରେ ଭାରତ ୩୬ଟି ରାଫେଲ୍ ବିମାନ କିଣିଥିଲା। ଏହି ଦସ୍ତାବେଜ ସ୍ପଷ୍ଟ କରିଛି ଯେ ସମସ୍ତ ବିମାନ ବର୍ତ୍ତମାନ ମଧ୍ୟ ବାୟୁସେନାର ଅଭିନ୍ନ ଅଙ୍ଗ ହୋଇ ରହିଛି। ଅପରେସନ୍ ସିନ୍ଦୂର ସମୟରେ ଭାରତର ଏକାଧିକ ରାଫେଲ୍ ବିମାନକୁ ନଷ୍ଟ କରିଦେଇଥିବା ନେଇ ପାକିସ୍ତାନ ସରକାର ଓ ସେଠାକାର ସୋସିଆଲ ମିଡିଆ ବାରମ୍ବାର ଦାବି କରିଆସୁଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଏହି ସାମରିକ ଅଭିଯାନ ଆରମ୍ଭ କରିଥିଲା। ତେବେ ବାୟୁସେନାର ଏହି ନୂତନ ଟେଣ୍ଡର ପାକିସ୍ତାନର ଦାବିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛି। ଏହା ପୂର୍ବରୁ ମଧ୍ୟ ପାକିସ୍ତାନ ଯେଉଁ ଟେଲ୍ ନମ୍ବର ଥିବା ବିମାନଗୁଡ଼ିକୁ ନଷ୍ଟ ହୋଇଥିବା କହିଥିଲା, ସେଗୁଡ଼ିକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷମ ଅବସ୍ଥାରେ ଉଡୁଥିବାର ଦେଖିବାକୁ ମିଳିଥିଲା।

## ମାମୁଟି, ଅଲ୍‌କା ୟାଗ୍ନିକ ଏବଂ ଆର୍ ମାଧବନଙ୍କୁ ପଦ୍ମ ପୁରସ୍କାର

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଦ୍ୱିତୀୟ ସିଭିଲ୍ ଇନଭେଷ୍ଟିଚର୍ ସେରିମୋନିରେ ୨୦୨୬ ବର୍ଷ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସମାରୋହରେ ମାଲାୟାଲମ୍ ସୁପରଷ୍ଟାର ମାମୁଟି, ପ୍ରସିଦ୍ଧ ଗାୟିକା ଅଲକା ୟାଗ୍ନିକ ଏବଂ ଅଭିନେତା ଆର ମାଧବନଙ୍କ ସମେତ ଅନେକ କଳାକାରଙ୍କୁ ସମ୍ମାନିତ କରାଯାଇଛି। ଅଲକା ୟାଗ୍ନିକଙ୍କୁ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଅଭିନେତା ଆର ମାଧବନ, ମଗାନ୍ତି ମୁରଲୀ ମୋହନ, ରାଜେନ୍ଦ୍ର ପ୍ରସାଦ, ଅନିଲ କୁମାର ରାସ୍ତୋଗି ଏବଂ ଲୋକ କଳାକାର ଗୁରୁ ସାଙ୍ଗୟୁସାଙ୍ଗ ପୋଙ୍ଗେନର୍‌ଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ସ୍ୱର୍ଗତ ଅଭିନେତା ସତୀଶ ଶାହଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ଦିଆଯାଇଥିବା ବେଳେ ତାଙ୍କ ଭାଇ ଅରବିନ୍ଦ ଶାହ ତାଙ୍କ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଆଗ୍ରା କୋଚିଂ ସେଣ୍ଟର୍‌ରେ ଅଗ୍ନିକାଣ୍ଡ

ଆଗ୍ରା, ୨୩।୬(ଏଜେନ୍ସି): ଆଗ୍ରାର ଏକ କୋଚିଂ ସେଣ୍ଟରରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଲକ୍ଷ୍ନୌରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡର ୨୪ ଘଣ୍ଟା ମଧ୍ୟରେ ଏହି ଘଟଣା ଘଟିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଆଗ୍ରାସ୍ଥିତ ଆକାଶ କୋଚିଂ ସେଣ୍ଟରର ବେସମେଣ୍ଟରୁ ହଠାତ୍ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଧୂଆଁ ଦେଖିବା ମାତ୍ରେ କୋଚିଂ କର୍ତ୍ତୃପକ୍ଷ ତୁରନ୍ତ ସତର୍କ ହୋଇଯାଇଥିଲେ ଏବଂ କ୍ଲାସରୁମରେ ଥିବା ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ପଠାଇଥିଲେ। ଏହି ଘଟଣାରେ କେହି ମୃତାହତ ହୋଇନଥିବା ସ୍ପଷ୍ଟ ହୋଇଛି। ଏକ ଟ୍ରାନ୍ସଫର୍ମରରେ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ଦିଲ୍ଲୀରେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା; ଟ୍ୟାକ୍ସି ଚାଳକ ଗିରଫ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀର ମେହରୌଲି ଅଞ୍ଚଳରେ ଜଣେ ୧୧ ବର୍ଷର ନାବାଳିକାକୁ ଅପହରଣ, ଦୁଷ୍କର୍ମ ଏବଂ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ଜଣେ ଟ୍ୟାକ୍ସି ଚାଳକକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ନିଜ ପରିବାର ସହ ସିଡିଆର ଛକ ନିକଟସ୍ଥ ଫୁଟପାଥରେ ଶୋଇଥିଲେ। ସୋମବାର ଭୋର ପ୍ରାୟ ୬ଟାରେ ପରିବାର ଲୋକେ ଝିଅ ନିଖୋଜ ଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ସିସିଟିଭି ଫୁଟେଜ୍ ଏବଂ ତଦନ୍ତ ଆଧାରରେ ପୁଲିସ ଅଭିଯୁକ୍ତ ଟ୍ୟାକ୍ସି ଚାଳକ ବବଲୁକୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଜେରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଛି। ଅଭିଯୁକ୍ତର ସୂଚନା ଆଧାରରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୀଡ଼ିତାଙ୍କ ପରିବାର ମୂଳତଃ ବିହାରର ବାସିନ୍ଦା। ପରିବାରରେ ୪ଟି ସନ୍ତାନ ଥିବାବେଳେ ପିତାମାତା ଦିନମଜୁରିଆ ଭାବେ କାମ କରନ୍ତି ଏବଂ ୧୧ ବର୍ଷର ନାବାଳିକା ଜଣକ ରାସ୍ତାରେ ବେଲୁନ୍ ବିକ୍ରି କରି ପରିବାରକୁ ସାହାଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଆର୍ଥିକ ଅଭାବ ଯୋଗୁଁ ଘରଭଡ଼ା ଦେଇ ନପାରିବାରୁ ସେମାନେ ଫୁଟପାଥରେ ରହିବାକୁ ବାଧ ହୋଇଥିଲେ। ପୁଲିସ ଅନୁଯାୟୀ, ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି।

# ନିଟ୍ ପରୀକ୍ଷା ଜାଲିଆତି ରାକେଟ୍‌ରେ ଲକ୍ଷ ଲକ୍ଷ ଟଙ୍କା କାରବାର



ପାଟନା, ୨୩।୬(ଏଜେନ୍ସି): ବିହାରର ଲକ୍ଷ୍ମୀସରାଇ ଜିଲ୍ଲାରେ ଅନୁଷ୍ଠିତ ପୁନଃ ନିଟ୍ ପରୀକ୍ଷାରେ ପୁଣି ଜାଲିଆତି ଚେଷ୍ଟା ହୋଇଥିବା ଖବର ସାମ୍ନାକୁ ଆସିଛି। ଏମ୍ସ ପାଟନା, ପାଟନା ମେଡିକାଲ କଲେଜ ଏବଂ ହସ୍ପିଟାଲ (ପିଏମ୍‌ସିଏଚ୍) ଏବଂ ଗୟାର ଅନୁଗ୍ରହ ନାରାୟଣ ମଗଧ ମେଡିକାଲ କଲେଜ (ଏଏନ୍‌ଏମ୍‌ଏମ୍‌ସିଏଚ୍) ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରମାନେ ଅସଲି ପରୀକ୍ଷାର୍ଥୀଙ୍କ ବଦଳରେ ଛଦ୍ମବେଶୀ

**■ ଏମ୍ସ, ପାଟନା ଡାକ୍ତରୀ ଛାତ୍ର ସଂପୃକ୍ତ**
**■ ପରୀକ୍ଷାର୍ଥୀଙ୍କ ଠାରୁ ନେଉଥିଲେ ୪୦ ଲକ୍ଷ**

ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଉଥିବା ବେଳେ ଧରାପଡ଼ିଛନ୍ତି। ଏହି ଘଟଣାରେ ପୁଲିସ ବର୍ତ୍ତମାନ ସୁଦ୍ଧା ୨୪ ଜଣଙ୍କୁ ଗିରଫ କରିଛି। ତଦନ୍ତ ଅନୁଯାୟୀ, ଏହି ଗ୍ୟାଙ୍ଗ ମେଡିକାଲରେ ଆଡମିସନ କରାଇଦେବା ପାଇଁ ଜଣେ ଜଣେ ପରୀକ୍ଷାର୍ଥୀଙ୍କଠୁ ପ୍ରାୟ ୪୦ ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଧନୀ ପରିବାରର ପିଲାମାନଙ୍କୁ ଟାର୍ଗେଟ୍ କରି ସେମାନଙ୍କ ବଦଳରେ ପରୀକ୍ଷା ଦେବା ପାଇଁ ମେଧାବୀ ମେଡିକାଲ ଛାତ୍ର ବା 'ସଲଭର' ମାନଙ୍କୁ ନିୟୋଜିତ କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ଆର୍ଥିକ ଅସୁବିଧାରେ ଥିବା ମେଡିକାଲ ଛାତ୍ରମାନଙ୍କୁ ୧୫ ରୁ ୨୦ ଲକ୍ଷ ଟଙ୍କାର ପ୍ରଲୋଭନ ଦେଖାଯାଥିଲା। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ଭଳି ୬ଟି ରାଜ୍ୟରୁ ଛାତ୍ରମାନଙ୍କୁ ଅଣାଯାଇଥିଲା। ତେବେ ଏହି ଜାଲିଆତି ପ୍ରକ୍ରିୟାରେ ବାୟୋମେଟ୍ରିକ୍ ସୁରକ୍ଷା ବ୍ୟବସ୍ଥାକୁ ବାଇପାସ୍ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ବାୟୋମେଟ୍ରିକ୍ ଯାଞ୍ଚ ପାଇଁ ନିୟୋଜିତ ହୋଇଥିବା 'ଇନୋଭେଟିଭ୍ ଭ୍ୟୁ' ନାମକ ଏକ ଘରୋଇ ସଂସ୍ଥାର କର୍ମଚାରୀମାନେ ଏହି ଗ୍ୟାଙ୍ଗ ସହ ସାମିଲଥିବା କୁହାଯାଇଛି। ଏହି କମ୍ପାନୀ ପୂର୍ବରୁ ଅନେକ ରାଜ୍ୟରେ ବ୍ଲାକଲିଷ୍ଟେଡ୍ ହୋଇଥିଲା। ତଥାପି ଉକ୍ତ ସଂସ୍ଥାକୁ ଏହି ଗୁରୁଦାୟିତ୍ୱ ଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାୟୋମେଟ୍ରିକ୍ ତଥ୍ୟ ମେଳ ନଖାଇଲେ ମଧ୍ୟ କର୍ମଚାରୀମାନେ ଜାଲ୍ ପରୀକ୍ଷାର୍ଥୀଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଉଥିଲେ। ଏହି ସଂକ୍ରାନ୍ତରେ ୧୮ ଜଣ ବାୟୋମେଟ୍ରିକ୍ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ମୁଖ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପିଏମ୍‌ସିଏଚ୍‌ର ୨୦୨୨ ବ୍ୟାଚର ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ର ଅଶ୍ୱିନୀ କୁମାର ରହିଛନ୍ତି। ସେ ମୟଙ୍କ କାଶ୍ୟପ ନାମରେ ଏକ ଜାଲ୍ ପରିଚୟ ପତ୍ର ବ୍ୟବହାର କରୁଥିଲେ। ପରୀକ୍ଷା କେନ୍ଦ୍ରରେ ବାୟୋମେଟ୍ରିକ୍ ଯାଞ୍ଚ କର୍ମଚାରୀ ଭାବେ ରହି ସେ ପରୀକ୍ଷାର୍ଥୀଙ୍କୁ ସାହାଯ୍ୟ କରୁଥିଲେ। ଏପରିକି ପରୀକ୍ଷା ଦିନ ତାଙ୍କର କଲେଜରେ ଉପସ୍ଥାନ ଥିବା ଦେଖାଯାଇଛି। ଫଳରେ କଲେଜ ଭିତରେ ମଧ୍ୟ କେହି ତାଙ୍କୁ ସାହାଯ୍ୟ କରୁଥିବା ସନ୍ଦେହ ହୋଇଛି। ସେହିପରି ଅନ୍ୟଜଣେ ପଶ୍ଚିମବଙ୍ଗର ଜଳପାଇଗୁଡି ମେଡିକାଲ କଲେଜର ଛାତ୍ର ସଲଭର ମନ୍ତୋଷ କୁମାର ପରୀକ୍ଷା ଦେବାକୁ ଆସି ଧରାପଡ଼ିଥିଲେ। ଲକ୍ଷ୍ମୀସରାଇ ଏସପି ପ୍ରେରଣା କୁମାର କହିଛନ୍ତି ଯେ ଏହି ନେଟୱାର୍କ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ସମେତ ଅନେକ ରାଜ୍ୟକୁ ବ୍ୟାପିଛି। ବର୍ତ୍ତମାନ ଏହି ମାମଲାକୁ ଅଧିକ ତଦନ୍ତ ପାଇଁ ଅର୍ଥନୈତିକ ଅପରାଧ ଶାଖାକୁ ହସ୍ତାନ୍ତର କରାଯାଇଛି। ବିଭିନ୍ନ ମେଡିକାଲ କଲେଜର ଅଧ୍ୟକ୍ଷମାନେ ମଧ୍ୟ ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଛାତ୍ରମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ସ୍କାମ୍ ସାମ୍ନାକୁ ଆସିବା ପରେ ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନିର୍ବାଚନ ଫଳାଫଳକୁ ଚାଲେଞ୍ଜ — କୋର୍ଟ ଗଲେ ମମତା

କୋଲକାତା, ୨୩।୬(ଏଜେନ୍ସି): ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରାଜୟ ପରେ ନିର୍ବାଚନ ଫଳାଫଳ ନେଇ କଲିକତା ହାଇକୋର୍ଟରେ ମାମଲା ଦାୟର ହୋଇଛି। ଏନେଇ ଭବାନୀପୁର ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ପ୍ରକ୍ରିୟା ସହ ଜଡିତ ସମସ୍ତ ସିସିଟିଭି ଫୁଟେଜ୍, ଇଭିଏମ୍ ଏବଂ ଭିଭିପାଟ୍

**ସିସିଟିଭି ଫୁଟେଜ୍ ଏବଂ ଇଭିଏମ୍ ସଂରକ୍ଷିତ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ**




ମେସିନଗୁଡ଼ିକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ପାଇଁ ହାଇକୋର୍ଟ ମଙ୍ଗଳବାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ନିଜର ପାରମ୍ପରିକ ଆସନ ଭବାନୀପୁରରୁ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫, ୧୦୫ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହି ଫଳାଫଳକୁ ଚ୍ୟାଲେଞ୍ଜ କରି ମମତା ଏକ ନିର୍ବାଚନ ପିଟିସନ ଦାୟର କରିଥିଲେ। ସେଥିରେ ସେ ଭୋଟ୍ ଗଣତି ସମୟରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ମମତାଙ୍କ ଓକିଲ କଲ୍ୟାଣ ବାନାର୍ଜୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ୧୨ତମ ରାଉଣ୍ଡ ଗଣତି ପର୍ଯ୍ୟନ୍ତ ମମତା ଆଗୁଆ ଥିଲେ। କିନ୍ତୁ ପରେ ପରିଣାମ ହଠାତ୍ ବଦଳି ଯାଇଥିଲା। ଏପରିକି ଟିଏମ୍‌ସିର ଗଣତି ଏଜେଣ୍ଟମାନଙ୍କୁ ମାଡ଼ ମରାଯିବା ସହ ସେମାନଙ୍କୁ ଜୋର ଜବରଦସ୍ତ ଗଣତି କେନ୍ଦ୍ରରୁ ବାହାର କରି ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି ବୋଲି ଦାବି କରାଯାଇଛି। ଜଷ୍ଟିସ୍ ଗୌରାଙ୍ଗ କାନ୍ତ ଏହି ମାମଲାର ଶୁଣାଣି କରି ପ୍ରମାଣଗୁଡ଼ିକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ତୁରନ୍ତ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଇ ୪ରେ ଗଣତି କେନ୍ଦ୍ର ଏବଂ ଗଣତି ହଲ୍ ଭିତରେ ଓ ବାହାରେ ରେକର୍ଡ ହୋଇଥିବା ସମସ୍ତ ସିସିଟିଭି ଫୁଟେଜ୍ ସଂରକ୍ଷିତ ରଖାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ହୋଇଥିବା ସମସ୍ତ ଇଭିଏମ୍ କଣ୍ଟ୍ରୋଲ୍ ୟୁନିଟ୍ ଏବଂ ବାଲଟ୍ ୟୁନିଟ୍ ସୁରକ୍ଷିତ ରଖାଯିବ, ନିର୍ବାଚନରେ ବ୍ୟବହୃତ ସମସ୍ତ ଭିଭିପାଟ୍ ମେସିନଗୁଡ଼ିକୁ ମଧ୍ୟ ହେପାଜତରେ ରଖାଯିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଏହାସହ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କୋର୍ଟଙ୍କ ବିନା ଅନୁମତିରେ ଏହି ସାମଗ୍ରୀଗୁଡ଼ିକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ, ପୁନର୍ବାର ବ୍ୟବହାର କରାଯାଇପାରିବ ନାହିଁ କିମ୍ବା ସେଥିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ।

# ବାହାଘର ପୂର୍ବରୁ ଯୁବକଙ୍କୁ ହତ୍ୟା କଲା ପ୍ରେମିକା



ପୁଣେ, ୨୩।୬ (ଏଜେନ୍ସି): ମହାରାଷ୍ଟ୍ରର ପୁଣେସ୍ଥିତ ଐତିହାସିକ ଲୋହଗଡ଼ ଦୁର୍ଗରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଚାଞ୍ଚଲ୍ୟକର ରହସ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏକ ଦୁର୍ଘଟଣା ବୋଲି କୁହାଯାଉଥିବା ଏହି ଘଟଣା ପ୍ରକୃତରେ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ୨୫ ବର୍ଷୀୟ କେତନ ବିଶାଳ ଅଗ୍ରୱାଲଙ୍କୁ ତାଙ୍କ ନିର୍ବନ୍ଧ ସରିଥିବା ଭାବି ପତ୍ନୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି ଦୁର୍ଗରୁ ୩୫୦ ଫୁଟ୍ ଗଭୀର ଖାଇକୁ ଠେଲି ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଉଭୟଙ୍କୁ ଗିରଫ କରିଛି। ତଦନ୍ତ ଅନୁଯାୟୀ, ୨୦ ବର୍ଷୀୟା ସିୟା ନିଜ ପରିବାର ଦ୍ୱାରା ଠିକ୍ କରାଯାଇଥିବା କେତନଙ୍କୁ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କର ୨୨ ବର୍ଷୀୟ ଚେତନ ଚୌଧୁରୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ତେଣୁ ଉଭୟ କେତନଙ୍କୁ ସେମାନଙ୍କ ସମ୍ପର୍କର ଏକ ବଡ଼ ପ୍ରତିବନ୍ଧକ ବୋଲି ଭାବୁଥିଲେ। ଶେଷରେ ସେ ଚେତନଙ୍କ ସହ ମିଶି କେତନଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଜୁନ୍ ୧୮ରେ ଘଟିଥିବା ଏହି ଘଟଣା ପ୍ରକୃତରେ ହତ୍ୟା ପାଇଁ ସେମାନଙ୍କର ଦ୍ୱିତୀୟ ପ୍ରୟାସ ଥିଲା ବୋଲି ପୁଲିସ କହିଛି। ଏହା ପୂର୍ବରୁ ଜୁନ୍ ୧୪ରେ ମଧ୍ୟ ସେମାନେ ଲୋହଗଡ଼ ଦୁର୍ଗରେ କେତନଙ୍କୁ ସର୍ପାଘାତର ଭୟ ଦେଖାଇ ଖାଇକୁ ଠେଲିଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ସମୟରେ କେତନ ବଞ୍ଚିଯାଇଥିଲେ। ସିୟା ଏହି ଘଟଣାକୁ ଏକ ଦୁର୍ଘଟଣାର ରୂପ ଦେବାକୁ ବହୁ ଚେଷ୍ଟା କରିଥିଲେ। ଏପରିକି ବିବାହ ପୂର୍ବରୁ ବାଲି ଯିବାର ଯୋଜନାକୁ ବାତିଲ କରିବାକୁ ସେ ନିଜ ପାସପୋର୍ଟକୁ ହୋଟେଲର ଶୌଚାଳୟରେ ଫୋପାଡ଼ି ଦେଇଥିଲେ। ଘଟଣା ଦିନ ସିୟାଙ୍କ ଜନ୍ମଦିନ ପାଳନ ପାଇଁ ସେମାନେ ଦୁର୍ଗକୁ ଯାଇଥିଲେ। କେତନ ଫଟୋ ଉଠାଉଥିବା ସମୟରେ ଭାରସାମ୍ୟ ହରାଇ ଖସିପଡ଼ିଥିବା ସିୟା ଦାବି କରିଥିଲେ। ମାତ୍ର ପଚରାଉଚରା ସମୟରେ ତାଙ୍କ ଉପରେ ସନ୍ଦେହ ଜାତ ହୋଇଥିଲା। ମୋବାଇଲ୍ ଫୋନ୍ ରେକର୍ଡ ତଥା ସୋସିଆଲ ମିଡିଆ ଯାଞ୍ଚ ପରେ ହତ୍ୟାକାଣ୍ଡର ରହସ୍ୟ ଖୋଲିଥିଲା। ସିୟା ଏବଂ ଚେତନଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ହତ୍ୟା ଯୋଜନାର ଡିଜିଟାଲ ପ୍ରମାଣ ପୁଲିସକୁ ମିଳିଛି। ବର୍ତ୍ତମାନ ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି।

# ବୁଝାମଣା ସତ୍ତ୍ୱେ ହର୍ମୁଜ ଅନିଶ୍ଚିତତା



ୱାସିଂଟନ୍, ୨୩।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ହର୍ମୁଜ ପ୍ରଣାଳୀକୁ ବର୍ତ୍ତମାନ ପାଇଁ ଖୋଲା ରଖାଯିବ ଏବଂ କୌଣସି ନୌସେନା ଅବରୋଧ କରାଯିବ ନାହିଁ। ଇରାନ ସହ ଆଣବିକ ଆଲୋଚନା ସକାରାତ୍ମକ ଭାବେ ଆଗକୁ ବଢ଼ୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ପ୍ରକାଶ କରିଛନ୍ତି ଯେ, ଇରାନ ଭବିଷ୍ୟତ ପାଇଁ ଉଚ୍ଚସ୍ତରୀୟ ଆଣବିକ ଯାଞ୍ଚ ପାଇଁ ସମ୍ପୂର୍ଣ୍ଣ ଭାବେ ରାଜି ହୋଇଛି। ଏହାଦ୍ୱାରା ଆଣବିକ ସ୍ୱଚ୍ଛତା ବଜାୟ ରହିବ। ଇରାନ ଏହି ସର୍ତ୍ତରେ ସମ୍ମତି ପ୍ରକାଶ କରିନଥିଲେ ଆଗକୁ କୌଣସି ଆଲୋଚନା ହୋଇନଥାନ୍ତା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଇରାନ ସହ ହୋଇଥିବା ବୁଝାମଣାକୁ ସେ ଏକ ବଡ଼ କୂଟନୈତିକ ବିଜୟ ବୋଲି ଅଭିହିତ କରିଛନ୍ତି। ଇରାନରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟକୁ ଦୃଷ୍ଟିରେ ରଖି ଟ୍ରମ୍ପ ଏକ ସହାୟତା ବ୍ୟବସ୍ଥା ବିଷୟରେ ଜଣାଇଛନ୍ତି। ଆମେରିକା ଟ୍ରେଜେରି ଦ୍ୱାରା ମୁକ୍ତ କରାଯାଇଥିବା ଅର୍ଥ ସିଧାସଳଖ ଇରାନକୁ

**■ ସମୁଦ୍ର ପଥ ଖୋଲା ରହିବ: ଟ୍ରମ୍ପ**
**■ ଅବରୋଧ ପାଇଁ ମଧ୍ୟ ପ୍ରସ୍ତୁତ**

ନଯାଇ ଆମେରିକା ପ୍ରଶାସନର ନିୟନ୍ତ୍ରଣରେ ଥିବା ଏକ ଏସ୍କ୍ରୋ ଆକାଉଣ୍ଟରେ ରହିବ। ଏହି ଅର୍ଥ କେବଳ ଆମେରିକୀୟ ଚାଷୀଙ୍କଠାରୁ ଖାଦ୍ୟଶସ୍ୟ ଏବଂ ଔଷଧ କିଣିବା ପାଇଁ ବ୍ୟବହୃତ ହେବ। ଇତିମଧ୍ୟରେ ହର୍ମୁଜ ଦେଇ ଗତ ସୋମବାର ରେକର୍ଡସ୍ତରୀୟ ୧୯ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ପରିବହନ ହୋଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଉଥିବା ବେଳେ ବିଶ୍ୱ ବଜାରରେ ସୁରକ୍ଷା ଭାବନା ବୃଦ୍ଧି ପାଇଛି ବୋଲି ଟ୍ରମ୍ପ କହିଛନ୍ତି। ତଥାପି ଆବଶ୍ୟକ ପଡ଼ିଲେ ନୌସେନା ପୁଣି ଥରେ ଅବରୋଧ କରିବା ପାଇଁ ସଜାଗ ରହିଛି। ଅନ୍ୟପଟେ, ଓମାନ ଏବଂ ଇରାନ ଏକ ମିଳିତ ବିବୃତି ଜାରି କରି ହର୍ମୁଜ ପ୍ରଣାଳୀକୁ ଅନ୍ତର୍ଜାତୀୟ ଜଳପଥ ଭାବେ ସୁରକ୍ଷିତ ଏବଂ ଖୋଲା ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ଦେଶ ଏହି ଜଳପଥ ଉପରେ ନିଜର ସାର୍ବଭୌମତ୍ୱ ଦାବି କରିବା ସହ ଭବିଷ୍ୟତରେ ଏହାର ପରିଚାଳନା ପାଇଁ ଏକ ନୂତନ ଢାଞ୍ଚା ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି।

# ଇସ୍ରାଏଲ୍ ସହ ସମ୍ପର୍କ: ଇରାନରେ ୩୨୦୦ରୁ ଅଧିକ ଗିରଫ, ସମ୍ପତ୍ତି ବ୍ୟାଜାପ୍ତ

ତେହେରାନ, ୨୩।୬(ଏଜେନ୍ସି): ଇସ୍ରାଏଲ୍‌କୁ ସାହାଯ୍ୟ କରିବା ଅଭିଯୋଗରେ ଇରାନ ସରକାର ନିଜ ଦେଶର ନାଗରିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶତ୍ରୁ ଦେଶ ପାଇଁ କାମ କରୁଥିବା ଏବଂ ସରକାର ବିରୋଧୀ ଅପପ୍ରଚାର ଚଳାଇଥିବା ଅଭିଯୋଗରେ ୩, ୨୯୨ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଇରାନର ନ୍ୟାୟିକ ବିଭାଗ ସୂଚନା ଦେଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ୬୮୪ ଜଣଙ୍କ ବିରୋଧରେ ଇସ୍ରାଏଲ୍ ପାଇଁ ସାମରିକ ଗତିବିଧିରେ ସହଯୋଗ କରିଥିବାର ଗୁରୁତର ଅଭିଯୋଗ ରହିଛି। ଏଥିସହିତ ୧, ୨୫୮ ଜଣଙ୍କ ଉପରେ ରାଷ୍ଟ୍ର ବିରୋଧୀ ରାଜନୈତିକ ପ୍ରୋପାଗାଣ୍ଡା ବା ଅପପ୍ରଚାର କରିଥିବା ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ ୧, ୦୬୧ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଛି। ସରକାର ଶତାଧିକ ସନ୍ଦିଗ୍ଧଙ୍କ ସମ୍ପତ୍ତିକୁ ମଧ୍ୟ ବ୍ୟାଜାପ୍ତ କରିଛନ୍ତି। ଗତ ସପ୍ତାହରେ ଇସଫାହାନ ପ୍ରଦେଶରେ ପ୍ରାୟ ୧୦୦ ଜଣ ବ୍ୟକ୍ତିଙ୍କ ସମ୍ପତ୍ତି ସରକାର ନିଜ ଅକ୍ତିଆରକୁ ନେଇଛନ୍ତି। ଚଳିତ ବର୍ଷ ଜାନୁଆରୀରେ ଇରାନରେ ବ୍ୟାପକ ସରକାର ବିରୋଧୀ ଆନ୍ଦୋଳନ ହୋଇଥିଲା। ଏହାପରେ ଦମନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ହୋଇଥିବା ଗିରଫଦାରି ତାହାର ଅଂଶବିଶେଷ ବୋଲି କୁହାଯାଇଛି। ସେତେବେଳେ ପ୍ରାୟ ୫୦, ୦୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଇରାନର ବିପ୍ଳବୀ ଗାର୍ଡ ଦାବି କରିଛି ଯେ, ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବିମାନ ଆକ୍ରମଣ ସମୟରେ ଏହି ବ୍ୟକ୍ତିମାନେ ସେମାନଙ୍କୁ ଗୁପ୍ତ ତଥ୍ୟ ଯୋଗାଇ ସହାୟତା କରୁଥିଲେ। ଅନ୍ୟପଟେ, ଅନ୍ତର୍ଜାତୀୟ ମାନବାଧିକାର ସଂଗଠନଗୁଡ଼ିକ ଇରାନର ଏହି ପଦକ୍ଷେପକୁ କଠୋର ସମାଲୋଚନା କରିଛି। ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍ କହିଛି ଯେ, ଇରାନ ଯୁଦ୍ଧର ଆଳ ଦେଖାଇ ନିଜ ଦେଶର ବିରୋଧୀ ସ୍ୱରକୁ ଚାପିବା ପାଇଁ ବେଆଇନ ଗିରଫଦାରି ଏବଂ କଠୋର ଦଣ୍ଡାଦେଶ ପ୍ରଦାନ କରୁଛି। ନରୱେ ସ୍ଥିତ 'ଇରାନ ହ୍ୟୁମାନ ରାଇଟ୍ସ ଗ୍ରୁପ୍'ର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁନ୍ ୮ ସୁଦ୍ଧା ଅତିକମରେ ୪୦ ଜଣ ବନ୍ଦୀଙ୍କୁ ରାଜନୈତିକ ଅଭିଯୋଗରେ ଫାଶୀ ଦିଆଯାଇଛି।



# ଦୁଇ ମିନିଟ୍ ବିଳମ୍ବ ପାଇଁ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଧୂଳିସାତ୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଭାରତର ସବୁଠାରୁ କଠିନ ପ୍ରବେଶିକା ପରୀକ୍ଷା ମଧ୍ୟରୁ ଅନ୍ୟତମ ନିଟ୍। ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବିଭ୍ରାଟର ମାସେ ପରେ ପୁନଃ ନିଟ୍ ପରୀକ୍ଷାକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। ପେପର ଲିକ୍ ବିବାଦ ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)କୁ ପରୀକ୍ଷା ପରିଚାଳନା ପାଇଁ ଦ୍ୱିତୀୟ ସୁଯୋଗ

**ପୁନଃ ନିଟ୍ ପରୀକ୍ଷା**

ମିଳିଥିବା ବେଳେ, ମାତ୍ର କିଛି ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଅନେକ ଛାତ୍ରଛାତ୍ରୀଙ୍କୁ କିନ୍ତୁ କୌଣସି ସୁଯୋଗ ଦିଆଯାଇ ନାହିଁ। ଶନିବାର ଏନ୍‌ଟିଏ ପକ୍ଷରୁ ଭାରତ ଓ ବିଦେଶର ୫, ୪୦୦ ରୁ ଅଧିକ କେନ୍ଦ୍ରରେ ପ୍ରାୟ ୨୨.୭ ଲକ୍ଷ ପ୍ରାର୍ଥୀଙ୍କ ପାଇଁ ଏହି ପୁନଃ ପରୀକ୍ଷା ଆୟୋଜିତ ହୋଇଥିଲା। ପେପର ଲିକ୍ ପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଏଥର ଏଆଇ ମନିଟରିଂ, ବାୟୋମେଟ୍ରିକ ଯାଞ୍ଚ ଏବଂ ପ୍ରାୟ ୫୦, ୦୦୦ ଜାମର ବ୍ୟବହାର ସହ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ନିୟମ ଅନୁସାରେ ଦିନ ୧.୩୦ ସୁଦ୍ଧା ଗେଟ୍ ବନ୍ଦ ହେବାର ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ବର୍ଷା, ଟ୍ରାଫିକ୍ ଜାମ୍ କିମ୍ବା ଗାଡି ପଙ୍କଚର ଭଳି ଅପ୍ରତ୍ୟାଶିତ କାରଣ ଯୋଗୁଁ ମାତ୍ର ୨ ରୁ ୫ ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଛାତ୍ରଛାତ୍ରୀଙ୍କୁ ଭିତରକୁ ପ୍ରବେଶ ଅନୁମତି ମିଳିନଥିଲା। ମଧ୍ୟପ୍ରଦେଶର ବିଦିଶାରେ ଜଣେ ଛାତ୍ରୀ ବର୍ଷା ଓ ମୋଟରସାଇକେଲ ପଙ୍କଚର ଯୋଗୁଁ ମାତ୍ର ୨ ମିନିଟ୍ ବିଳମ୍ବରେ ପହଞ୍ଚିଥିଲେ। ତାଙ୍କ ପିତା ପରୀକ୍ଷା କେନ୍ଦ୍ର ବାହାରେ କାନ୍ଦି କାନ୍ଦି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶେଷରେ ବାୟୋମେଟ୍ରିକ ଲକ୍ ହୋଇଯିବା କାରଣରୁ ଛାତ୍ରୀଜଣକ ପରୀକ୍ଷା ଦେଇପାରିନଥିଲେ। ସେହିପରି ତେଲେଙ୍ଗାନା ଜଗିତିଆଲ ଜିଲ୍ଲାରୁ ଆସିଥିବା ଏକ ଭିଡିଓରେ ଜଣେ ମା' ନିଜ ଝିଅ ପାଇଁ ସୁରକ୍ଷା କର୍ମୀଙ୍କ ପାଦ ତଳେ ପଡ଼ି ନେହୁରା ହେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବେଙ୍ଗାଲୁରୁରେ ଟ୍ରାଫିକ୍ ଯୋଗୁଁ ବିଳମ୍ବ ହେବାରୁ କିଛି ଛାତ୍ରୀ ଗେଟ୍ ଡେଇଁ ପ୍ରବେଶ କରିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। ସେହିପରି ମୋରାଦାବାଦରେ ଗୁଗଲ୍ ମ୍ୟାପର ଭୁଲ୍ ନିର୍ଦ୍ଦେଶ ଯୋଗୁଁ ଅନେକ ପରୀକ୍ଷାର୍ଥୀ ଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିପାରି ନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅଭିଭାବକ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା ପ୍ରଣାଳୀର ତ୍ରୁଟି ଯୋଗୁଁ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାସେରୁ ଅଧିକ ସମୟ ଅପେକ୍ଷା କରାଯାଇ ପାରିଲା। କିନ୍ତୁ ପରୀକ୍ଷାର୍ଥୀଙ୍କ ପାଇଁ ମାତ୍ର ୨ ମିନିଟ୍ ସମୟ ସହ କୋହଳ କରାଗଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି।

## ଛତିଶଗଡ଼ରୁ ଆସୁନି ଟୋପେ ବି ପାଣି

# ମୃତ୍ୟୁଶଯ୍ୟାରେ ମହାନଦୀ



ଅମ୍ବାଭୋନା, ୨୩।୬ (ସମିସ): ଓଡ଼ିଶାର ଜୀବନରେଖା ମହାନଦୀ ଏବେ ଗୁରୁତର ଜଳ ସଂକଟ ଦେଇ ଗତି କରୁଛି। ବର୍ଷା ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ଛତିଶଗଡ଼ରୁ ଆବଶ୍ୟକ ପରିମାଣର ଜଳ ପ୍ରବାହ ହେଉନଥିବାରୁ ଓଡ଼ିଶା ସୀମାରେ ନଦୀର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଯେଉଁ ମହାନଦୀ ଦିନେ ଲୋକଙ୍କ ଜୀବିକା, କୃଷି, ମତ୍ସ୍ୟଚାଷ ଓ ପାନୀୟ ଜଳର ପ୍ରମୁଖ ଉତ୍ସ ଥିଲା, ସେହି ନଦୀ ଆଜି ଅନେକ ସ୍ଥାନରେ ଶୁଖିଲା ବାଲୁକା ଶଯ୍ୟାରେ ପରିଣତ ହୋଇଛି।

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଭୈନାତୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଖିଲି ନିକଟରେ ମହାନଦୀ ଓଡ଼ିଶାକୁ ପ୍ରବେଶ କରିଥାଏ। ଏହି ସ୍ଥାନରେ ବର୍ତ୍ତମାନ ନଦୀର ଜଳସ୍ତର ଅସ୍ୱାଭାବିକ ଭାବରେ ହ୍ରାସ ପାଇଥିବା ଦେଖି ସ୍ଥାନୀୟ ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଗ୍ରୀଷ୍ମ ଋତୁରେ ମଧ୍ୟ ଯେଉଁଠାରେ ୨୦ରୁ ୨୫ ଫୁଟ ପର୍ଯ୍ୟନ୍ତ ପାଣି ରହୁଥିଲା, ସେଠାରେ ଏବେ ବାଲିଚର ଓ ଶୁଖିଲା ନଦୀପଠା ଦେଖିବାକୁ ମିଳୁଛି। ଉପରମୁଣ୍ଡରେ କଲମା, ସାରାଡିହି, ମରୋନି ଓ ବସନ୍ତପୁର ଅଞ୍ଚଳରେ ଏକାଧିକ ବ୍ୟାରେଜ, ଆନିକଟ ଓ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରି ମହାନଦୀର ସ୍ୱାଭାବିକ ଜଳ ପ୍ରବାହକୁ ଅଟକାଇ ରଖିଛି ଛତିଶଗଡ଼। ଏହି ପ୍ରକଳ୍ପଗୁଡ଼ିକରୁ ଶିଳ୍ପ ପ୍ରତିଷ୍ଠାନକୁ ବ୍ୟାପକ ପରିମାଣରେ ଜଳ ଯୋଗାଣ କରାଯାଉଥିବାରୁ ତଳମୁଣ୍ଡରେ ଥିବା ଓଡ଼ିଶା ଅଞ୍ଚଳ ଜଳ ସଙ୍କଟର ସମ୍ମୁଖୀନ ହେଉଛି। ଏହି ପ୍ରସଙ୍ଗରେ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଚାଲିଥିବା ବେଳେ ମାମଲା ସୁପ୍ରିମକୋର୍ଟ ଏବଂ ମହାନଦୀ ଟ୍ରିବ୍ୟୁନାଲର ବିଚାରାଧୀନ ରହିଛି।

### ଭୂତଳ ଜଳସ୍ତର ହ୍ରାସକୁ ନେଇ ବଢୁଛି ଚିନ୍ତା

ମହାନଦୀର ଜଳସ୍ତର ହ୍ରାସ ପାଇବା ଯୋଗୁଁ ଚିଖିଲି, ମହୁଲପାଲି, ପଥରାସେନୀ, ଲାଉନସରା, ତାମଦେଇ, ଜରିମୁଲି, ଗୋବିନ୍ଦପୁର ଏବଂ କୁରୁମକେଲ ଭଳି ନଦୀକୂଳିଆ ଗ୍ରାମଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପାନୀୟ ଜଳ ଅଭାବ ସହ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ଯୋଗାଡ଼ କଷ୍ଟସାଧ୍ୟ ହୋଇପଡ଼ିଛି। ନଦୀ ଉପରେ ନିର୍ଭର କରୁଥିବା ଶତାଧିକ ମତ୍ସ୍ୟଜୀବୀ ପରିବାରଙ୍କ ଜୀବିକା ଏବେ ବିପଦରେ। ନଦୀରେ ପାଣି କମିଯିବାରୁ ମାଛ ସଂଖ୍ୟା ହ୍ରାସ ପାଉଥିବା ବେଳେ ମତ୍ସ୍ୟଜୀବୀ ରୋଜଗାର ହରାଇବାକୁ ବସିଛନ୍ତି। ସେହିପରି ନଦୀ ପଠାରେ ତରଭୁଜ, କାକୁଡ଼ି, ବଙ୍ଗଳା ଓ ବିଭିନ୍ନ ପନିପରିବା ଚାଷ କରୁଥିବା ଚାଷୀମାନେ ମଧ୍ୟ ଜଳ ଅଭାବ ଯୋଗୁଁ ଚାଷ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରଭାବ କେବଳ ନଦୀ ମଧ୍ୟରେ ସୀମିତ ରହିନାହିଁ। ଅମ୍ବାଭୋନା ବ୍ଲକର ଭୂତଳ ଜଳସ୍ତର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ଅନେକ ଗଭୀର ନଳକୂପରେ ଜଳସ୍ତର କମିବା ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପାନୀୟ ଜଳ ସଂକଟ ଆହୁରି ଉତ୍କଟ ହେବ।

ଅନ୍ୟପଟେ ମହାନଦୀର ଜଳ ଉପରେ ନିର୍ଭର କରୁଥିବା ଚିଖିଲି, ଜାମପାଲି ଓ ତାମଦେଇ ପାର୍ବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ବଢ଼ିଛି। ସେହିପରି ଅମ୍ବାଭୋନା, ଭଟଲି ଓ ସୋହେଲା ବ୍ଲକରେ କାର୍ଯ୍ୟକାରୀ ହେଉଥିବା "ହର ଘର ଜଳ' ଯୋଜନାର ଭବିଷ୍ୟତ ଜଳ ଯୋଗାଣ ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ପଦ୍ମଶ୍ରୀ ଗ୍ରହଣ କଲେ ୩ ଓଡ଼ିଆ



ଭୁବନେଶ୍ୱର,୨୩।୬(ସମିସ): ସାହିତ୍ୟ, ଶିକ୍ଷା ଓ କଳା କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ୩ଜଣ ଓଡ଼ିଆଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ ପଦ୍ମ ପୁରସ୍କାର ସମାରୋହରେ ଓଡ଼ିଶାରୁ ଚରଣ ହେମ୍ବ୍ରମ୍, ସୀମାଞ୍ଚଳ ପାତ୍ର ଏବଂ ଶରତ କୁମାର ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଚରଣ ହେମ୍ବ୍ରମ ହେଉଛନ୍ତି ସାନ୍ତାଳୀ ଗବେଷକ ଓ ଶିକ୍ଷାବିତ୍। ସାନ୍ତାଳୀ 'ଅଲିଚିକି' ଲିପିର ପ୍ରସାର କ୍ଷେତ୍ରରେ ଅବଦାନ ସହ ଆଦିବାସୀ ଶିକ୍ଷା ଓ ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଗଞ୍ଜାମର ପ୍ରସିଦ୍ଧ ପ୍ରହ୍ଲାଦ ନାଟକର ପ୍ରବୀଣ କଳାକାର ସୀମାଞ୍ଚଳ ପାତ୍ର ପାରମ୍ପରିକ ଲୋକକଳାକୁ ଉଜ୍ଜିବୀତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

କଟକ ନୂଆପାଟଣାର ବୁଣାକାର ଓ ବାନ୍ଧକଳାର ମାଷ୍ଟର କାରିଗର ଶରତ କୁମାର ପାତ୍ର ୬ଦଶନ୍ଧି ଧରି ଓଡ଼ିଶାର ପାରମ୍ପରିକ ବୁଣାକଳାକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଏହି ସମ୍ମାନ ଲାଭ କରିଛନ୍ତି। ନିକଟରେ ଡ. ମହେନ୍ଦ୍ର କୁମାର ମିଶ୍ର ପଦ୍ମଶ୍ରୀ ଗ୍ରହଣ କରିଥିଲେ। ସାହିତ୍ୟ ଓ ଶିକ୍ଷା କ୍ଷେତ୍ର ପାଇଁ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୨ ଜଣଙ୍କୁ ପଦ୍ମବିଭୂଷଣ, ୬ ଜଣଙ୍କୁ ପଦ୍ମଭୂଷଣ, ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଲୋକପ୍ରିୟ ବଲିଉଡ୍ କଣ୍ଠଶିଳ୍ପୀ ଅଲକା ୟାଗନିକଙ୍କୁ ପଦ୍ମଭୂଷଣ, ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ପଦ୍ମଭୂଷଣ, ମାଲାୟଲମ ସୁପରଷ୍ଟାର ମାମ୍ମୁଟିଙ୍କୁ ମଧ୍ୟ ପଦ୍ମଭୂଷଣ ସମ୍ମାନ ଏବଂ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ସମ୍ମାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିଛନ୍ତି।

### ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

## ପୁରୀ ଜଗିବେ ୨୨୦ ପ୍ଲାଟୁନ୍ ପୁଲିସ




ପୁରୀ,୨୩।୬(ସମିସ): ଆଉ ୨୨ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥର ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରାକୁ ଅଘଟଣ ଓ ଦୁର୍ଘଟଣାବିହୀନ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରାଯାଉଛି। ଗତବର୍ଷ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ଭୁଲ୍‌ରୁ ଅନେକ କିଛି ଶିଖି ଏଥର ଜାନୁଆରୀ ମାସରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ କମିଟି ବୈଠକ। ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୨୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି।


ବୈଠକରେ ଏଜେଣ୍ଡା ଅନୁଯାୟୀ, ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଏବର୍ଷ ଗୋଟିଏ

**ଚାଲିବ ୩୭୦ ସ୍ୱତନ୍ତ୍ର ଟ୍ରେନ୍**
**୧,୬୦୦ ଅସ୍ଥାୟୀ ଶୌଚାଳୟ**
**୨୩ଟି ସ୍ଥାନରେ ଅସ୍ଥାୟୀ ପାର୍କିଂ**

ସେଟ୍ ଅଧିକ ଚାରମାଳ ସେଟ୍ ପାଇଁ ତାଳ କାଠ ପହଞ୍ଚିସାରିଛି। ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି। ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ, ଶୃଙ୍ଖଳିତ ନୀତିକାନ୍ତି ସେବକଙ୍କ ସହିତ ଆଲୋଚନା ଏବଂ ଗୁଣ୍ଡିଚା ମନ୍ଦିର ନବୀକରଣ କାମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ରଥଯାତ୍ରା ସମୟର ଆମ୍ବୁଲାନ୍ସ କରିଡର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ଶଯ୍ୟା, ଆମ୍ବୁଲାନ୍ସ, ୩୧ ଫାଷ୍ଟଏଡ୍ ସେଣ୍ଟର ହେବ। ଅଂଶୁଘାତର ମୁକାବିଲା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସହ ସ୍ୱତନ୍ତ୍ର ବେଡ୍ କରାଯିବ। ୧୦ ଆଇସିୟୁ ବେଡ୍, ଅସ୍ଥାୟୀ ବର୍ଣ୍ଣ ୱାର୍ଡର ୧୦ଟି ବେଡ୍, ଟ୍ରମାକେୟାରର ୧୦ ବେଡ୍, ୪୬ଟି ଆମ୍ବୁଲାନ୍ସ, ପ୍ରାୟ ୩୦୦ ୟୁନିଟ୍ ରକ୍ତ ମହଜୁଦ୍ ରଖାଯିବ। ରଥଯାତ୍ରା ପାଇଁ ୧୬୦୦ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହେବ। କେବଳ ସ୍ନାନଯାତ୍ରା ପାଇଁ ୩୦୦ ଅସ୍ଥାୟୀ ଶୌଚାଳୟ କାର୍ଯ୍ୟକ୍ଷମ କରିବ ବୋଲି କହିଥିଲେ। ପରିବହନ ଅଧିକାରୀ ରଥଯାତ୍ରା ପାଇଁ ପ୍ରାୟ ୨୫୦ ସ୍ୱତନ୍ତ୍ର ବସ୍ ଚଳାଚଳ କରିବ। ଯାତ୍ରୀମାନଙ୍କଠାରୁ ଯେପରି ଅଧିକ ଭଡ଼ା ଆଦାୟ ନ ହେବ ତାକୁ ଗୁରୁତ୍ୱ ଦିଆଯାଇଛି। ସବୁ ବସ୍, ଅଟୋରେ ରେଟ୍‌ଚାର୍ଟ ଲାଗିବ। ଜାତୀୟ ରାଜପଥରେ ସ୍ପିଡ୍ ଚେକିଂ ହେବ। ତାଳବଣିଆକୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଉଠିବ ବୋଲି ସୂଚନା ଦେଇଥିଲେ।

ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ରେଗୁଲାର ଓ ସ୍ୱତନ୍ତ୍ର ଟ୍ରେନ୍‌କୁ ମିଶାଇ ପ୍ରାୟ ୧୨୦୦ ଟ୍ରେନ୍ ରଥଯାତ୍ରା ସମୟରେ ପୁରୀକୁ ଚଳାଚଳ ହେବ। ୨୫ ହଜାର ଯାତ୍ରୀଙ୍କ ପାଇଁ ରେଳଷ୍ଟେସନ ପାଖରେ ହୋଲ୍ଡିଂ ଏରିଆ, ୧.୫ ଲକ୍ଷ ଯାତ୍ରୀଙ୍କ ଲାଗି ମାଗଣା ଖାଦ୍ୟ ବ୍ୟବସ୍ଥା କରାଯାଉଛି। ୩୫ଟି ଅତିରିକ୍ତ ଟିକଟ କାଉଣ୍ଟର, ୩୦ଟି ମୋବାଇଲ୍ ଟିକଟ କାଉଣ୍ଟର ଓ ୧୨ଟି ଏଟିଭିଏମ୍ କାର୍ଯ୍ୟ କରିବ। ୮୦୦ ଆର୍‌ପିଏଫ୍, ୧୫୦୦ ଜିଆର୍‌ପି ମୁତୟନ ହେବେ। ସେହିପରି ୨୫୬ଟି କ୍ୟାମେରା, ୧୦ ସ୍ନାଇପର ଡଗ୍, ଫାୟାର ବ୍ରିଗେଡ୍ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ସାମିଲ୍ ହେବେ।

## ୧୦ରେ ଆସିବେ ଉପରାଷ୍ଟ୍ରପତି



ଭୁବନେଶ୍ୱର,୨୩।୬(ସମିସ): ଆସନ୍ତା ୯ ତାରିଖରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ। ଏହାକୁ ନେଇ ମଙ୍ଗଳବାର ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଆୟୋଜିତ ହେବାକୁ ଥିବା 'ଲେଟର ଅଫ ଅଥରାଇଜେସନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସଂକ୍ରାନ୍ତରେ ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଅଧିକ ମତ୍ସ୍ୟଜୀବୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡ଼ିଛି। ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉପରାଷ୍ଟ୍ରପତିଙ୍କ ସୁରକ୍ଷା, ପ୍ରୋଟୋକଲ, ଟ୍ରାଫିକ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ଯୋଗାଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଛି।

## ସାରା ଓଡ଼ିଶା ଛୁଇଁଲା ମୌସୁମୀ; ୨୭ ଯାଏଁ ବର୍ଷା

■ ଭୁବନେଶ୍ୱର, ୨୩।୬ (ସମିସ): ଗତ ୧୨ ତାରିଖରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ଏହା ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁ ଆଗକୁ ବଢ଼ିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀ ବାୟୁ ଓଡ଼ିଶା ପ୍ରବେଶ କରିଥିଲେ ହେଁ ବର୍ଷା ହୋଇପାରି ନାହିଁ। ତେବେ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ଅବସ୍ଥାକୁ ଫେରିଥିବାରୁ ମୌସୁମୀ ଅଧିକ ସକ୍ରିୟ ରହିବା ସହ ଭଲ ବର୍ଷା ହେବା ନେଇ ଆଶା କରାଯାଉଛି। ୨୩ ତାରିଖରୁ ଆସନ୍ତା ୨୭ ତାରିଖ ଯାଏଁ ମୌସୁମୀ ଅଧିକ ଶକ୍ତିଶାଳୀ ରହିବାକୁ ଥିବାବେଳେ ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିଣାମ ବଢ଼ିବା ନେଇ ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ବୁଧବାର କଟକ, ରାୟଗଡା, କୋରାପୁଟ, ଗଞ୍ଜାମ ଓ ନୟାଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡ଼ା, କଟକ, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଜୁଲାଇ ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

## ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଅଭିଯୋଗ

ଭୁବନେଶ୍ୱର,୨୩।୬(ସମିସ): ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଜାରି ରହିଥିବା ବେଳେ ଆସନ୍ତା ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଳନ।

ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ତାଲିକାରୁ ବାଦ୍ ନ ପଡିବେ ସେ ଲାଗି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଆସନ୍ତା ଜୁନ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଆସନ୍ତା ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ମଧ୍ୟରେ କରାଯାଇପାରିବ। ଜୁଲାଇ ୫ ତାରିଖ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ ବୋଲି ସୂଚନା ମିଳିଛି। ରାଜ୍ୟରେ ଆଜି ସୁଦ୍ଧା ୯୯.୯୧ ପ୍ରତିଶତ ଅର୍ଥାତ ୩କୋଟି ୩୩ଲକ୍ଷ ୬୯ହଜାର ୬୨୭ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ , ସେଥି ମଧ୍ୟରୁ ୯୦.୮୬ ପ୍ରତିଶତ ଅର୍ଥାତ ୩କୋଟି ୩୪ଲକ୍ଷ ୬ହଜାର ୭୨୯ ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। ସିଇଓ ସୁଶାନ୍ତ କୁମାର ମିଶ୍ର , ଯୁଗ୍ମ ସିଇଓ ଗୋପୀନାଥ କୁଅଁର , ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ଓ ଅନାମିକା ସିଂଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ



ସମ୍ବଲପୁର, ୨୩।୬ (ସମିସ): ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସମ୍ବଲପୁର ଧନୁପାଲିସ୍ଥିତ କାର୍ଯ୍ୟାଳୟ ଯାଞ୍ଚ ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଯାଇଥିଲା। ସମ୍ବଲପୁର ଧନୁପାଲିସ୍ଥିତ ତାଙ୍କ ଭଡ଼ା ଘର, ସେହି ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ, କଟକ ବିଦ୍ୟାଧରପୁରରେ ୩ ମହଲା ବାସଗୃହ, ବାଲେଶ୍ୱର ବସ୍ତା ଥାନା ଅଧୀନ ମୁଖାଲିସଠାରେ ୨ ମହଲା କୋଠା, କଟକ ସହରରେ ଦୁଇ ସହଯୋଗୀଙ୍କ ବାସଗୃହ ଏବଂ ମାଲକାନଗିରି କାଲିମେଳାରେ ତାଙ୍କ ସହଯୋଗୀଙ୍କ ଘର ଯାଞ୍ଚ କରାଯାଇଛି। ଇଂ. ନାୟକ ଓ ତାଙ୍କ ପରିବାରବର୍ଗଙ୍କ ନାମରେ କଟକ ବିଦ୍ୟାଧରପୁରରେ ୭ ହଜାର ବର୍ଗଫୁଟ୍‌ର ୩ ମହଲା ଆବାସିକ ଘର, ବାଲେଶ୍ୱର ମୁଖାଲିସଠାରେ ୧୪୬୫ ବର୍ଗଫୁଟର ଏକ ଦୁଇ ମହଲା କୋଠା ଏବଂ ଭୁବନେଶ୍ୱର, କଟକ, କୋରେଇ (ଯାଜପୁର), ବସ୍ତା (ବାଲେଶ୍ୱର) ଓ ଡେଲାଙ୍ଗ (ପୁରୀ) ଭଳି ପ୍ରମୁଖ ସହର ଉପକଣ୍ଠରେ ୧୫ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। କଟକ ବିଦ୍ୟାଧରପୁରର ଏକାଧିକ ମୂଲ୍ୟବାନ ପ୍ଲଟ୍, ଭୁବନେଶ୍ୱରର ନୂଆଗାଁ ଓ କୋଟିଲାପୁଟର ଦୁଇଟି ମୂଲ୍ୟବାନ ପ୍ଲଟ୍, ପୁରୀର ଜମୁନା ଝାରପଡ଼ା, ବାଲେଶ୍ୱର ବସ୍ତାର ତୁଣ୍ଡା ଏବଂ ଯାଜପୁର ସୁକିନ୍ଦା ଓ କୋରେଇରେ ମଧ୍ୟ ଅନେକ ମୂଲ୍ୟବାନ ଜମି ରହିଛି। ଭିଜିଲାନ୍ସ ବୈଷୟିକ ଟିମ୍ ଦ୍ୱାରା ସମସ୍ତ କୋଠାବାଡ଼ି ଓ ଜମିର ମାପଚୁପ ଏବଂ ମୂଲ୍ୟ ନିରୂପଣ କାର୍ଯ୍ୟ ଚାଲିଛି। ଇଂ. ନାୟକଙ୍କଠାରୁ ନଗଦ ୩ ଲକ୍ଷ ୪୫ ହଜାର ନଗଦ ଟଙ୍କା ସମେତ ଶ୍ରୀଲଙ୍କା, ନେପାଳ, ବାହରିନ୍ ଏବଂ ଆମେରିକାର ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କର ବିଭିନ୍ନ ବ୍ୟାଙ୍କ ଓ ଡାକଘର ଜମା ସହିତ ଅନ୍ୟ ଆର୍ଥିକ ପ୍ରତିଷ୍ଠାନରେ ହୋଇଥିବା ପୁଞ୍ଜିନିବେଶର ଯାଞ୍ଚ ଚାଲିଛି। ସେହିପରି ଗୋଟିଏ ଜେସିବି ସହିତ ଟୟୋଟା ଇନୋଭା, ଟାଟା ଇଣ୍ଡିଗୋ ଓ ୱାଗନଆର ଏବଂ ଗୋଟିଏ ଦୁଇଚକିଆ ଯାନ ଠାବ କରାଯାଇଛି। ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର ଏବଂ ୭ ଜଣ ଏଏସଆଇଙ୍କ ସମେତ ଭିଜିଲାନ୍ସ କର୍ମଚାରୀ ଚଢଉରେ ସାମିଲ ହୋଇଛନ୍ତି।

## ରେଳଧାରଣାରୁ ଆଇନଜୀବୀଙ୍କ ମୃତଦେହ ଉଦ୍ଧାର



ଝାରସୁଗୁଡ଼ା,୨୩।୬(ସମିସ): ଝାରସୁଗୁଡ଼ାର ପରିଚିତ ବିଜେଡି ନେତା ତଥା ଆଇନଜୀବୀ ତ୍ରିନାଥ ଗୁଆଲଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଦକ୍ଷିଣ ପୂର୍ବ ବମ୍ବେ ହାୱଡା ମୁଖ୍ୟ ରେଳପଥ ତଥା ଝାରସୁଗୁଡ଼ା-ଧୁତ୍ରା ରେଳ ଷ୍ଟେସନ ମଝି ବାଲିଯୋରୀ ରେଳ ଫାଟକ ନିକଟସ୍ଥ ଡାଉନ୍ ରେଳ ଧାରଣାରୁ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ ହୋଇଛି। ରେଳଧାରଣାରେ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ହୋଇ ଶବ ପଡିଥିବା ଦେଖି କେହି ଜଣେ ଖବର ଦେଇଥିଲେ। ଏହାପରେ ରେଳବାର ପୁଲିସ ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚିଥିଲେ। ତେବେ ଭୋର୍ ସାଢେ ୫ଟାରେ କୋରାପୁଟ-ରାଉରକେଲା ଏକ୍ସପ୍ରେସ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଲୋକୋ ପାଇଲଟ ଷ୍ଟେସନରେ ଅବଗତ କରିଥିବା ଜଣାପଡିଛି। ଘଟଣାସ୍ଥଳରୁ ତାଙ୍କ ଚପଲ, ଧଳା ସାର୍ଟ, ମୋବାଇଲ, ସୁଇସାଇଡାଲ ନୋଟ୍ ଜବତ ହୋଇଛି। ସେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ଦୁଇ ଥର ସଭାପତି ଥିଲେ। କାଉନସିଲର ମଧ୍ୟ ଥିଲେ। ବିଜେପି ତରଫରୁ ମଧ୍ୟ ବିଧାୟକ ଭାବେ ନିର୍ବାଚନ ଲଢିଥିଲେ। ଅବିବାହିତ ତ୍ରିନାଥ ଅଞ୍ଚଳର ଦୁଃଖୀ, ଗରିବ, ନିରୀହ ଲୋକଙ୍କ ସେବାରେ ଜୀବନ ଉତ୍ସର୍ଗ କରିଥିଲେ। ତେବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପୁତୁରା ଯଦୁମଣି ଗୁଆଲ ଅଭିଯୋଗ କହିଛନ୍ତି। ମାନସିକ ସ୍ତରରେ ସେ ଅତ୍ୟନ୍ତ ଦୃଢ଼ ଥିଲେ। ସେ କେବେ ବି ଆତ୍ମହତ୍ୟା କର ନ ଥିବେ। ଦୁଇ ତିନି ଦିନ ପୂର୍ବରୁ ଏକ ଜମିବାଡ଼ି ମାମଲାକୁ ନେଇ କଥାବାର୍ତ୍ତା ହୋଇଥିଲା; ଯେଉଁଥିରେ ଅନ୍ୟ ପକ୍ଷକୁ ନୋଟିସ୍ ଯାଇଥିଲା। ସେହି ଜମି ବିବାଦ କାରଣରୁ ହିଁ କେହି ଜବରଦସ୍ତ ତାଙ୍କୁ ଏଠାକୁ ଆଣି ହତ୍ୟା କରିଛନ୍ତି କିମ୍ବା ଆତ୍ମହତ୍ୟା କରିବାକୁ ବାଧ କରିଛନ୍ତି। ସେ ପ୍ରତିଦିନ ସକାଳେ କେବଳ ଇକୋ ପାର୍କକୁ ପ୍ରାତଃ ଭ୍ରମଣ ପାଇଁ ଯାଆନ୍ତି। ଏହି ରେଳ ଲାଇନ୍ ଆଡ଼କୁ ସେ କେବେ ଆସନ୍ତି ନାହିଁ। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ରଘୁମଣି ପଟେଲ କହିଛନ୍ତି ଯେ, ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ରହିଛି। ଘରଠାରୁ ପ୍ରାୟ ୭/୮ କିଲୋମିଟର ଦୂର ଏହି ରେଳ ଟ୍ରାକକୁ ସେ କେମିତି ଓ କାହିଁକି ଆସିଲେ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ବିଧାୟକ ଟଙ୍କଧର ତ୍ରିପାଠି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସମେତ ବିଭିନ୍ନ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

### ଚାକିରି ଅପେକ୍ଷାରେ ମେଧାବୀ; ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି

## ସରକାରଙ୍କୁ ଘେରିଲା ଛାତ୍ର ବିଜେଡି



ଭୁବନେଶ୍ୱର, ୨୩।୬ (ସମିସ): ଦୀର୍ଘ ୨ ବର୍ଷ ହେଲା ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପୂର୍ବରୁ ନିଯୁକ୍ତି ଯୋଗ୍ୟତା ନେଇ ହାଇକୋର୍ଟରେ ମାମଲା ଥିବାବେଳେ ସରକାର ନିଜର ପକ୍ଷ ରଖୁନାହାନ୍ତି। ଫଳରେ ପ୍ରାୟ ୫୦ ହଜାର ଉଚ୍ଚଶିକ୍ଷିତ ଆଶାୟୀ ହତାଶ ହୋଇପଡ଼ିଥିବା ଅଭିଯୋଗ କରି ବିଜୁ ଜନତା ଦଳ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ କାର୍ଯ୍ୟକାରୀ ସଭାପତି ପ୍ରଦୋଷ ପରିଡ଼ା କହିଛନ୍ତି ଯେ ୨୦୨୨ ମସିହାରେ ନିଯୁକ୍ତି ନେଇ ହାଇକୋର୍ଟରେ ମାମଲା ହୋଇଥିବା ସତ୍ତ୍ୱେ ତତ୍କାଳୀନ ବିଜେଡି ସରକାର ହସ୍ତକ୍ଷେପ କରି ୧୦୬୫ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଥିଲେ। ୨୦୨୪ ମାର୍ଚ୍ଚରେ ପୁନର୍ବାର ଅଧ୍ୟାପକ ନିଯୁକ୍ତି ପାଇଁ ବିଜେଡି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲା। ଜୁନ୍‌ରେ ସରକାର ପରିବର୍ତ୍ତନ ହେଲା ଓ ପୂର୍ବଭଳି କିଛି ଆଶାୟୀ ହାଇକୋର୍ଟରେ ମାମଲା ରୁଜୁ କଲେ। ମାତ୍ର ଏ କ୍ଷେତ୍ରରେ ଦୀର୍ଘ ୨ ବର୍ଷ ହେଲା ବିଜେପି ସରକାର ତତ୍ପରତା ଦେଖାଉ ନାହାନ୍ତି। ତାରିଖ ପରେ ତାରିଖ ଗଡୁଥିଲେ ମଧ୍ୟ ସରକାରୀ ଓକିଲ ପକ୍ଷ ରଖୁନାହାନ୍ତି। ଆଶାୟୀମାନେ ବାରମ୍ବାର ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ ଓ ଆଡଭୋକେଟ୍ ଜେନେରାଲଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହି କେସ୍‌ର ଶୁଣାଣି ପାଇଁ ଆସନ୍ତା ୩୦ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ସେହି ଶୁଣାଣିରେ ସରକାରୀ ଓକିଲ ଅଂଶଗ୍ରହଣ କରି ୫୦ ହଜାର ଆଶାୟୀଙ୍କୁ ସରକାର ନ୍ୟାୟ ପ୍ରଦାନ କରନ୍ତୁ ବୋଲି ବିସିଜେଡି ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସାହୁ ଦାବି କରିଛନ୍ତି। ଅନ୍ୟଥା ମେଧାବୀଙ୍କ ପାଇଁ ବିଜୁ ଛାତ୍ର ଜନତା ଦଳ ତୀବ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଶ୍ରୀ ପରିଡ଼ା କହିଛନ୍ତି ଯେ, ରାଜ୍ୟରେ ହଜାର ହଜାର ଉଚ୍ଚଶିକ୍ଷିତ ମେଧାବୀ ଚାକିରି ପାଇଁ ଅପେକ୍ଷାରେ ଥିବାବେଳେ ସେମାନଙ୍କ ସ୍ୱାର୍ଥକୁ ସରକାର ପଦାଘାତ କରି ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପୁନଃ ନିଯୁକ୍ତି ପାଇଁ ୨୦୨୫ ଅକ୍ଟୋବର ୨୩ ରେ ବିଜ୍ଞପ୍ତି ପ୍ରକାଶ କଲେ। ରାଜ୍ୟର ମେଧାବୀ ଯୁବକ ଯୁବତୀଙ୍କୁ ସରକାର ପ୍ରତାରଣା କରି ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ଦେବା କାହା ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାବେଳେ ଦେଢ଼ ଲକ୍ଷ ସରକାରୀ ନିଯୁକ୍ତି ପ୍ରତିଶ୍ରୁତି ସରକାରଙ୍କ ପାଣିର ଗାର ହୋଇଛି। ପିଲାଙ୍କ ଭବିଷ୍ୟତ ସହିତ ନ ଖେଳି ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି।

## ଟ୍ରାକ୍ଟର ଜବତ, ଜଣେ ଅଟକ

ନୀଳଗିରି, ୨୩।୬ (ସମିସ): ଟ୍ରାକ୍ଟର ମାଲିକଙ୍କୁ ଭକୁଆ ବନାଇ ଏକାଧିକ ଟ୍ରାକ୍ଟରକୁ ଲିଜ୍ ସୂତ୍ରରେ ଆଣି ମାସିକ କାହାକୁ ୩୦/୨୦ ହଜାର ଟଙ୍କା ସୂତ୍ରରେ ଏଗ୍ରିମେଣ୍ଟ ପେପର୍ କରି ଏକାଧିକ ଟ୍ରାକ୍ଟର ଚାନ୍ଦିପୁର ଥାନା ଅଂଚଳରେ ସେମାନଙ୍କୁ ମଧ୍ୟ ଲିଜ ସୂତ୍ରରେ ଦେଇ ହଜାର ହଜାର ଟଙ୍କା ଆଣି ପ୍ରକୃତ ଟ୍ରାକ୍ଟର ମାଲିକଙ୍କୁ ଟଙ୍କାଟିଏ ଦେଉ ନ ଥିଲା । ଏପରିକି ମାଲିକଙ୍କୁ ଟ୍ରାକ୍ଟର କେଉଁଠି ଅଛି, ତାହା ମଧ୍ୟ ଦଲାଲ୍ ଦେଖାଉ ନ ଥିଲା । ଶେଷରେ ସମସ୍ତ ଟ୍ରାକ୍ଟର ମାଲିକ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ । ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଗୁରୁତର ସହ ଘଟଣାକୁ ଦୃଷ୍ଟିରେ ରଖି ମିତ୍ରପୁର ଚତିରିଖୁଣ୍ଟା ଗ୍ରାମର ଯୋଗେଶ କୁମାର ନାୟକକୁ ଥାନାରେ ଅଟକ ରଖି ତଦନ୍ତ କରୁଛି । ରିଙ୍ଗ ମାଷ୍ଟର୍ ଯୋଗେଶ କୁମାର ନାୟକ ନିଳଗିରି ଅଞ୍ଚଳର ବିଭିନ୍ନ ଗ୍ରାମରୁ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ଟ୍ରାକ୍ଟର ମାଲିକଙ୍କୁ ଟଙ୍କାର ଲୋଭ ଦେଖାଇ ଲିଜ ସୂତ୍ରରେ ନେଇ ଚାନ୍ଦିପୁର ଥାନା ଅଂଚଳରେ ଲିଜ ସୂତ୍ରରେ ଦେଇ ମୋଟା ଅଙ୍କର ଟଙ୍କା ନେଇ ଆସିଥିଲା । ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଙ୍କ ନେତୃତ୍ୱରେ ଏକ ଟିମ୍ ଚାନ୍ଦିପୁର ଅଂଚଳରେ ଚଢ଼ାଉ କରିଥିବା ବେଳେ ଟ୍ରାକ୍ଟର ଗୁଡିକୁ ଲୁଚାଇ ରଖି ଦେଇଥିଲେ । ମଙ୍ଗଳବାର ଦିନ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ପୋଲିସ ନିଳଗିରି ଅଞ୍ଚଳରୁ ଏକ ସୋନାଲିକା ଟ୍ରାକ୍ଟର ର ଇଞ୍ଜିନ ଜବତ କରିଥିବା ବେଳେ ଖୁବ୍ ଶୀଘ୍ର ଅନ୍ୟ ସବୁ ଟ୍ରାକ୍ଟର ଜବତ ହେବ ବୋଲି ପ୍ରକାଶ କରିଛନ୍ତି ।

## ହୋଟେଲରୁ ଦୁଇ ନାବାଳକ ଉଦ୍ଧାର

ସୋର,୨୩।୬ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଥାନା ଛକ ନିକଟରେ ଥିବା ଶୀତଲ ଛାୟା ହୋଟେଲରୁ ଦୁଇ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି ବାଲେଶ୍ୱର ଶ୍ରମ ବିଭାଗ । ସୋରରେ ଥିବା ବିଭିନ୍ନ ହୋଟେଲମାନଙ୍କରେ ନାବଳକ ମାନେ କାମ କରୁଥିବା ନେଇ ଶ୍ରମ ବିଭାଗ ନିକଟରେ ଦିର୍ଘଦିନ ଧରି ଅଭିଯୋଗ ହୋଇଆସୁଥିଲା । ଅଭିଯୋଗ ଆଧାରରେ ଆଜି ଶ୍ରମ ବିଭାଗର ଆସିଷ୍ଟାଣ୍ଟ ଲେବର ଅଫିସର ତୁଷାରକାନ୍ତ ଜେନା ଓ ଶୈଳସୂତା ଦାସ ସୋରରେ ପହଞ୍ଚି ସୋର ପୁଲିସ ସହଯୋଗରେ ଉତ୍ତରେଶ୍ୱର ନିକଟରେ ଥିବା ଶୀତଳଛାୟା ହୋଟେଲରେ ଚଢ଼ଉ କରି ଦୁଇଜଣ ନାବାଳକଙ୍କୁ ଉଦ୍ଧାର କରିଥିଲେ । ପରେ ସେମାନଙ୍କୁ ବାଲେଶ୍ୱର ଶିଶୁମଙ୍ଗଳ କମିଟିକୁ ହସ୍ତାନ୍ତର କରାଯିବା ସହିତ ଉକ୍ତ ହୋଟେଲ ମାଲିକଙ୍କ ଠାରୁ ଫାଇନ ଆଦାୟ କରାଯିବ ବୋଲି ସୁଚନା ମିଳିଛି ।

## ଛାତରୁ ଖସି ଶ୍ରମିକ ଗୁରୁତର

ସୋର,୨୩।୬ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ବରଫକଳ ଛକ ନିକଟରେ କାମ କରୁଥିବା ବେଳେ ଛାତ ଉପରୁ ଖସି ପଡି ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ପିଞ୍ଚାବଣିଆ ଗ୍ରାମର ଉମାକାନ୍ତ ବସନ୍ତିଆ ପୌର ପାଳିକା ଅନ୍ତର୍ଗତ ବରଫକଳ ଛକ ନିକଟରେ ଦୀପକ ସାମଲ ନାମକ ଜଣେ ଠିକାଦାରଙ୍କ ଅଧିନରେ ଏକ ପକା ଘରେ କାମ କରିବାକୁ ଆସିଥିଲେ । ଆଜି କାମ କରୁଥିବା ବେଳେ ଏକ ମହଲା ଛାତରୁ ପଡି ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ରେମୁଣା ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି ।

## ବିଚିତ୍ରପୁରରେ ମା' ଶୀତଳାଙ୍କ ମନ୍ଦିର ପ୍ରତିଷ୍ଠା

ଚନ୍ଦନେଶ୍ୱର, ୨୩।୬ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀ ପଞ୍ଚାୟତର ବିଚିତ୍ରପୁର ଗ୍ରାମ ଗତ କିଛି ଦିନ ଧରି ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଚେତନାର ଏକ ଅପୂର୍ବ ମହାତୀର୍ଥରେ ପରିଣତ ହୋଇଥିଲା । ଗ୍ରାମର ଅଧିଷ୍ଠାତ୍ରୀ ଦେବୀ, ଲୋକବିଶ୍ୱାସର ଆଶ୍ରୟସ୍ଥଳୀ, ଜନଜୀବନର ମଙ୍ଗଳମୟୀ ଶକ୍ତି ସ୍ୱରୂପା ଶ୍ରୀ ଶ୍ରୀ ଶୀତଳା ମାତାଙ୍କ ନବନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ତ୍ରିଦିବସୀୟ ବୈଦିକ ଯଜ୍ଞ, ଚଣ୍ଡୀପାଠ ଓ ଧାର୍ମିକ ମହୋତ୍ସବ ଅତ୍ୟନ୍ତ ଆଡମ୍ବର ଓ ଭକ୍ତିମୟ ପରିବେଶ ମଧ୍ୟରେ ଶେଷ ହୋଇଯାଇଛି । ଯେଉଁଥିରେ କାନ୍ଠଥଭଉଁରୀ, ଶ୍ରଦ୍ଧାପୁର ସମେତ ଆଖପାଖ ଅନେକ ଗ୍ରାମର ହଜାର ହଜାର ଭକ୍ତ ଅଂଶଗ୍ରହଣ କରିଥିଲେ । ବିଶେଷ ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଏହି ଭବ୍ୟ ମନ୍ଦିର କୌଣସି ବ୍ୟକ୍ତି ବିଶେଷଙ୍କ ଅବଦାନ ନୁହେଁ; ବରଂ ସମଗ୍ର ଅଞ୍ଚଳବାସୀଙ୍କ ଭକ୍ତି, ଶ୍ରଦ୍ଧା, ଦାନଶୀଳତା ଓ ସାମୂହିକ ଏକତାର ପ୍ରତିଫଳନ ।

## ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ଦାବିରେ ଧାରଣା



ବାଲେଶ୍ୱର,୨୩।୬ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମରେ ବିଳମ୍ବକୁ ନେଇ ଛାତ୍ରଛାତ୍ରୀମାନେ ବନ୍ୟା ଆଶ୍ରୟସ୍ଥଳରେ ପାଠ ପଢୁଛନ୍ତି । ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ଏହିଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ଓଡ଼ଙ୍ଗୀ ପଞ୍ଚାୟତରେ । ବିଦ୍ୟାଳୟ କାର୍ଯ୍ୟକ୍ଷମ ଦାବିରେ ଶତାଧିକ ଅଭିଭାବକ ଓ ଗ୍ରାମବାସୀ ଆଜି ଧାରଣାରେ ବସିଥିଲେ । ସଦର ବ୍ଲକ୍ ଓଲନ୍ଦା ସାର ଗାଁ ପଞ୍ଚାୟତର ହିଞ୍ଜଳା ଗାଁରେ ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ କରାଯାଇଥିଲା । ୨୦୨୧ ମସିହାରେ ଦଶ କୋଟି ଟଙ୍କା ବ୍ୟୟବରାଦରେ ଏହି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ଫଳରେ ଓଡ଼ଙ୍ଗୀରେ ଥିବା ଅମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ୍ୟା ଆଶ୍ରୟ ସ୍ଥଳରେ ପିଲାମାନେ ପାଠ ପଢୁଛନ୍ତି । ଅନ୍ୟପଟେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ବିଦ୍ୟାଳୟର ମାଟି ମାଡ଼ିବା ନେଇ ଆଶା ଆଶଙ୍କାରେ ରହିଛନ୍ତି । ତେବେ ଜିଲ୍ଲାପାଳ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରୁଥିବା ବେଳେ ଖୁବ୍ ଶୀଘ୍ର ବିଦ୍ୟାଳୟ ଖୋଲିବ ବୋଲି ଜିଲ୍ଲାଶିକ୍ଷା ଅଧିକାରୀ ବସନ୍ତ ନାୟକ ସୂଚନା ଦେଇଛନ୍ତି ।

### ନୀଳଗିରିରେ ରଥଯାତ୍ରା ନିମନ୍ତେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ ନୀତିକାନ୍ତି ଓ ଜନସାଧାରଣଙ୍କ ସୁବିଧା ଉପରେ ଗୁରୁତ୍ୱ

ନୀଳଗିରି, ୨୩।୬ (ସମିସ)




ଆଜି ଅପରାହ୍ନ ସାଢେ ଚାରି ଘଟିକା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଅଧକ୍ଷତାରେ ପ୍ରଥମ ପର୍ଯ୍ୟାୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ବିଧାୟକ ନୀଳଗିରି ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ଏନ୍.ଏ.ସି.ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଅତିରିକ୍ତ ତହସିଲଦାର ଶ୍ରୀମତୀ ଶୁଭଶ୍ରୀ ଜେନା, ଏନ୍.ଏ.ସି.କାୟର୍ଯ୍ୟ ନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ଏହି ବୈଠକରେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟା/ସଦସ୍ୟମାନଙ୍କୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ପରେ ଏହି ପବିତ୍ର ଘୋଷ ଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଓ ପରାମର୍ଶ କ୍ରମେ ନିମ୍ନ ପ୍ରମୁଖ ନିଷ୍ପତି ମାନ ଗ୍ରହଣ କରାଯାଇଛି । ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଉତ୍ତରରେ ମହାରଣା ଓ ସହଯୋଗୀ ଆସନ୍ତା ୧୦ ତାରିଖ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟର ସମ୍ପନ୍ନ ହେବ ବୋଲି ପ୍ରକାଶ କରିଥିଲେ ଏବଂ ଅଧକ୍ଷ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ରଥଯାତ୍ରା ସମୟରେ ବ୍ୟାପକ ପୋଲିସ ମୁତୟନ ସହ ଶାନ୍ତିଶୃଙ୍ଖଳା ରକ୍ଷା ଓ ସହରରେ ଯେପରି କୌଣସି ଟ୍ରାଫିକ ସମସ୍ୟା କିମ୍ବା ଜାମ ନହୁଏ, ସେଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି । ରଥାରୂଢ଼ ସଦସ୍ୟ ଓ ବକ୍ତା ରଥ ଉପରେ କେଉଁ ସେବାୟତ ଓ ସଦସ୍ୟମାନେ ଉପସ୍ଥିତ ରହିବେ ଏବଂ ପ୍ରବଚକ କେଉଁମାନେ ବକ୍ତବ୍ୟ ପ୍ରଦାନ କରିବେ, ତାହାର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଛି । ଜଳ ଓ ବିଦ୍ୟୁତ ସେବା ନିରବିଚ୍ଛିନ୍ନ ଭାବେ ଜାରି ରଖିବା । ସେବା ସମୟରେ ଅଦିନିଆ ବିଦ୍ୟୁତ କାଟ୍ ଯେପରି ନହୁଏ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯିବା, ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ସୂଚନା କେନ୍ଦ୍ର ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଏକ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲା ଯିବା ପାଇଁ ନିଷ୍ପତ୍ତି ହୋଇଛି । ରଥ ଯାତ୍ରା ସମୟରେ ସହରର ଗାରିମା ରକ୍ଷା କରିବା ପାଇଁ ଆଇନ୍ ଶୃଙ୍ଖଳା ରକ୍ଷା ଏବଂ ଶାନ୍ତି ପୂର୍ଣ୍ଣ ବାତାବରଣ ପାଇଁ ରଥ ଯାତ୍ରା ଓ ବାହୁଡା ଯାତ୍ରା ସମୟରେ ୩ଦିନ ଲେଖାଏଁ ସମ୍ପୃକ୍ତ ଅଞ୍ଚଳରେ ଏବଂ ବଡ଼ଦାଣ୍ଡ ଆଖ ପାଖରେ ଥିବା ସମସ୍ତ ବିଦେଶୀ ଓ ଦେଶୀ ମଦ ଦୋକାନ, ଆମିଷ ଏବଂ ରଙ୍ଗ ବୋଳା ଭୋଗ ସାମଗ୍ରୀ ଉପରେ କଟକଣା ଜାରି ପାଇଁ ପ୍ରଚାର କରାଯାଇ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏତଦ୍ ଭିନ୍ନ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସହରର ପ୍ରମୁଖ ସ୍ଥାନମାନଙ୍କରେ ଓ ବଡ଼ଦାଣ୍ଡ ପାଶ୍ୱର୍ରେ ପର୍ଯ୍ୟାପ୍ତ ଅସ୍ଥାୟୀ ଭ୍ରାମ୍ୟମାଣ ପରିସ୍ରାଗାର ତିଆରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସହର ଏବଂ ମୁଖ୍ୟ ରାସ୍ତା ଗୁଡ଼ିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଳିଆ ଆବର୍ଜନା ସଫା କରାଯିବା ଉପରେ ଗୁରୁତ୍ୱ ଦେବାକୁ ସିଦ୍ଧାନ୍ତ ହୋଇଛି । ରଥ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ଭଳି ପଡ଼ିଆରେ ପାରମ୍ପରିକ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଛି । ପବିତ୍ର ଘୋଷ ଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ, ପୋଲିସ ପ୍ରଶାସନ ଓ ପୌର ପରିଷଦଙ୍କ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପରାମର୍ଶ ଦେଇଥିଲେ । ଏହି ମହାପ୍ରଭୁଙ୍କ ପ୍ରଥମ ପର୍ଯ୍ୟାୟ ବୈଠକରେ ନୀଳଗିରି ସହରର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଆଇନଜୀବୀ, ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଯୁକ୍ତ ତିନି ନାମଲେଖାରେ ସହାୟତା ପାଇଁ ଯୁବ ଓ ଛାତ୍ର ବିଜେଡିର ହେଲ୍ପ ଡେସ୍କ




ବାଲେଶ୍ୱର, ୨୩।୬ (ସମିସ): ଯୁକ୍ତ ତିନି ନାମଲେଖାରେ ନବାଗତ ବିଦ୍ୟାର୍ଥୀ ଓ ଅଭିଭାବକଙ୍କୁ ସହାୟତା ନିମନ୍ତେ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ହେଲ୍ପ ଡେସ୍କ ସେବା ଆରମ୍ଭ ହୋଇଛି । ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ର ନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଟାଉନ ବିଜେଡି ସଭାପତି ତଥା ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ବିଜେଡି ନେତା ତଥା ଏଫଏମ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ରଘୁନାଥ ଲେଙ୍କା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଯୁବ ଜନତାର ରାଜ୍ୟ ଉପସଭାପତି ତାପସ ପାଣିଗ୍ରାହୀ, କାଉନସିଲର ସନ୍ଧ୍ୟାରାଣୀ ଜେନା, ପୂର୍ବତନ କାଉନସିଲର ରମେଶ ମାଝୀ, ଯୁବନେତା ଭରତ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ହେଲ୍ପ ଡେସ୍କକୁ ଉଦଘାଟନ କରିଥିଲେ । ଛାତ୍ରନେତାଙ୍କ ମଧ୍ୟରେ ପାର୍ଥସାରଥୀ ସାହୁ, ଲକସନ ପ୍ରଧାନ, ଅନୟ କୁମାର ନାୟକ, ଜ୍ୟୋତିପ୍ରକାଶ ବେହେରା, ଜ୍ୟୋତିବିକାଶ ଗିରି, ଦୁଷ୍ମନ୍ତ ପଣ୍ଡା, ସାବିର ହୁସେନ, ସୀତାଂଶୁ ସେନାପତି, ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରକାଶ ଥାଉକି, ଏହି ହେଲ୍ପ ଡେସ୍କ ଆହୁରି ୬ଦିନ ପାଇଁ ଚାଲିବ ।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ରେମୁଣା,୨୩।୬ (ସମିସ): ଭାରତୀୟ ଜନତା ପାର୍ଟି ରେମୁଣା ନିର୍ବାଚନ ମଣ୍ଡଳୀ ପକ୍ଷରୁ ମଙ୍ଗଳବାର ରେମୁଣା ବିଜେପି କାର୍ଯ୍ୟାଳୟ ପରିସରରେ ଜନସଂଘର ପ୍ରତିଷ୍ଠାତା ତଥା ପ୍ରଖ୍ୟାତ ରାଷ୍ଟ୍ରନାୟକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଛି । ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିପିନ ମାରାଣ୍ଡି, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ଜିଲ୍ଲା ସମ୍ପାଦିକା ରବିତା ଦାସଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଦାସ କହିଥିଲେ ଯେ, ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଜଣେ ପ୍ରଖର ରାଷ୍ଟ୍ରପ୍ରେମୀ, ଦୂରଦର୍ଶୀ ଚିନ୍ତକ ଓ ଦେଶର ଏକତା ଏବଂ ଅଖଣ୍ଡତା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ମହାନ ବ୍ୟକ୍ତିତ୍ୱ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଉମାକାନ୍ତ ଜେନା, ମାନସ ମହାନ୍ତି, ପ୍ରଫୁଲ୍ଲ ଦ୍ୱିବେଦୀ, ମଣ୍ଡଳ ସାଧାରଣ ସମ୍ପାଦକ କମଲ ଲୋଚନ ପ୍ରଧାନ, ସୂର୍ଯ୍ୟ କୁମାର ମିଶ୍ର, ନିତୁନ କୁମାର ସାହା, ଉମେଶ ଦାସ ଇତ୍ୟାଦି ଉପସ୍ଥିତ ଥିଲେ ।

## ସୋନ ନଦୀରେ ବୁଡ଼ି ଯୁବକ ମୃତ



ନୀଳଗିରି, ୨୩।୬ (ସମିସ) : ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତ ବାଡିଆ ନିକଟ ସୋନ ନଦୀର ଘାଟରେ ଘଟିଛି ଅଘଟଣ । ମଙ୍ଗଳବାର ମଧ୍ୟାହ୍ନ ସମୟରେ ଜଣେ ଯୁବକ ଗାଧୋଇବା ପାଇଁ ନଦୀ ଘାଟକୁ ଯାଇଥିଲେ । ନଦୀରେ ଗାଧୋଇବା ବେଳେ ଅସାବଧାନତା ଯୋଗୁଁ ନଦୀଗଣ୍ଡ ରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ବଞ୍ଚାଇବାକୁ ଚେଷ୍ଟା କରିଥିଲା ବେଳେ ସଫଳ ହୋଇନଥିଲେ । ତେବେ ଦୀର୍ଘ ସମୟ ଧରି ଘର କୁ ଆଉ ଫେରିନଥିବାରୁ ପରିବାର ଲୋକ ବହୁ ଖୋଜାଖୋଜି ପରେ ସେଠାରୁ ପାଇଥିଲେ । ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା ବେଳେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ନୀଳଗିରି ମେଡିକାଲ କୁ ନେଇଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ହେଲେ ଅଯୋଧ୍ୟା ପଞ୍ଚାୟତ ବାଡିଆ ଗ୍ରାମର ସ୍ୱର୍ଗତ ଅନିରୁଦ୍ଧ ଦାଶଙ୍କ ଏକମାତ୍ର ପୁଅ ସତ୍ୟଜିତ ଦାଶ (୨୨) । ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖାଦେଇଛି । ପରେ ନୀଳଗିରି ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି । ସୂଚନା ଥାଉକି ସୋନ ନଦୀର ଏକାଧିକ ଘାଟରେ କିଛି ଦୁର୍ବୃତ୍ତ ସେଠାରେ ବାଲି ଚୋରି କରିଥାନ୍ତି । ସୋନ ନଦୀରେ ଏହି ବାଲି ଚୋରି ଯୋଗୁଁ କୃତ୍ରିମ ଭାବେ ଗଭୀର ନଦୀଗଣ୍ଡ ହୋଇଛି ।

## ଏନଫୋର୍ସମେଣ୍ଟ ଟିମ୍ ଉପରେ ଆକ୍ରମଣକୁ ଟିପିଏନ୍ଓଡିଏଲ୍‌ର ନିନ୍ଦା

ବାଲେଶ୍ୱର,୨୩।୬ (ସମିସ): ଟିପିନର୍ଦର୍ଣ୍ଣଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଗତ ୧୯ ଜୁନ୍‌ରେ ଭଦ୍ରକ ଜିଲ୍ଲାର ଚାନ୍ଦିପୁର ଗ୍ରାମରେ ନିୟମିତ ଯାଞ୍ଚ ବେଳେ ଏନଫୋର୍ସମେଣ୍ଟ ଟିମ୍ ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି । ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ସ୍ୱଚ୍ଛତା ବଜାୟ ରଖିବା ଏବଂ ଅଞ୍ଚଳର ସମସ୍ତ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନେ ନିଜର ଦାୟିତ୍ୱ ତୁଲାଉଥିଲେ । ଟିପିଏନଓଡିଏଲ୍ ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି । ଏହି ଘଟଣାକୁ ନିନ୍ଦା କରି ଟିପିଏନଓଡିଏଲ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ କମ୍ପାନୀ ଏଭଳି ଘଟଣାକୁ ଜନସ୍ୱାର୍ଥ ତଥା ବିକାଶର ଏକ ପ୍ରତିବନ୍ଧକ ଭାବେ ଗ୍ରହଣ କରେ । କ୍ଷେତ୍ରସ୍ତରରେ କାର୍ଯ୍ୟରତ ବିଦ୍ୟୁତ ଅଧିକାରୀଙ୍କୁ ସହଯୋଗ କରିବା ସହ ସେମାନଙ୍କ କର୍ତ୍ତବ୍ୟରେ ବାଧା ସୃଷ୍ଟି କରୁଥିବା ଆଚରଣରୁ ବିରତ ରହିବାକୁ ଉପଭୋକ୍ତାମାନଙ୍କୁ ସେ ଅନୁରୋଧ କରିଛନ୍ତି । ଏହା ସହିତ ଟିପିଏନଓଡିଏଲ୍ ନିଜ ନିଜ ଅଞ୍ଚଳରେ ହେଉଥିବା ବିଦ୍ୟୁତ୍ ଚୋରି ଘଟଣା ସମ୍ପର୍କରେ ସୂଚନା ଦେବାକୁ ଉପଭୋକ୍ତାମାନଙ୍କୁ ଆହ୍ୱାନ କରିଛି ।

## ମହରମ ପର୍ବ ପାଇଁ ଶାନ୍ତି କମିଟି ବୈଠକ



ସୋର, ୨୩।୬ (ସମିସ): ସୋର ଥାନା ପରିସରରେ ଆଗାମୀ ମହରମ ପର୍ବ ପାଳନ ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିବ୍ୟଜ୍ୟୋତି ଦାସ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ଭାରପ୍ରାପ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ପ୍ରମୁଖ ଉପସ୍ଥିତ ରହି ଆଗାମୀ ୨୬ ଏବଂ ୨୭ ତାରିଖରେ ମହରମ ପର୍ବ ଶାନ୍ତି ଶୃଙ୍ଖଳାର ସହିତ ପାଳନ ପାଇଁ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ସେକ ରେହେମାନ, ମହେନ୍ଦ୍ର ପାତ୍ର, ଈଶ୍ୱର ବେହେରା, କାହ୍ନୁ ଚାରଣ ବେହେରା ପ୍ରହ୍ଲାଦ ସାହୁ, ବଙ୍କେଶ ବେହେରା, ସାହେବ ଖାନ କାଦ୍ରୀ, ସେକ ସୁଲତାନ, ନେତ୍ରାନନ୍ଦ ରାଉତ ପ୍ରମୁଖଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସଭାପରିଚାଳନା କରିଥିବା ବେଳେ ସୋର ଥାନା ଭାରପ୍ରାପ୍ତ ଥାନାଧିକାରୀ ଦେବରାଜ ଜେନାଙ୍କ ସମେତ ସୋର ଥାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ଯନ୍ତ୍ରୀଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ଉ



ରାଜଘାଟ, ୨୩।୬ (ସମିସ): ସମ୍ବଲପୁର କାଡା ଡିଭିଜନର ଏସଡିଓ ପଦ୍ମଲୋଚନ ନାୟକଙ୍କ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଦୁନ୍ଦ ଗ୍ରାମରେ ଥିବା ବାସଭବନ ସମେତ କଟକ ସମ୍ବଲପୁରର ୭ ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ତାଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଭିଜିଲାନ୍ସ ବିଭାଗର ସ୍ପେଶାଲ ସ୍କ୍ୱାଡ୍ ଏହି ଚଢ଼ାଉରେ ସାମିଲ ଅଛନ୍ତି । ତାଙ୍କର ସ୍ଥାବର, ଅସ୍ଥାବର ସମ୍ପତ୍ତି, ବ୍ୟାଙ୍କ ଆକାଉଣ୍ଟ, ସୁନା ଗହଣା ଓ ଜମି ସମ୍ପର୍କିତ କାଗଜପତ୍ରର ଯାଞ୍ଚ ଚାଲିଛି । ଚଢ଼ାଉ ଶେଷ ହେବା ପରେ ମୋଟ କେତେ ପରିମାଣର ସମ୍ପତ୍ତି ଜବତ ହେଲା ସେ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିବ । ଏହି ଚଢ଼ଉରେ ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର, ୭ ଜଣ ଏଏସଆଇ ସାମିଲ ଅଛନ୍ତି, ଭିଜିଲାନ୍ସ ସ୍ପେସାଲ୍ ଜଜ୍ ଙ୍କ ନିର୍ଦ୍ଦେଶ ରେ ଚଢାଉ କରା ଯାଇଛି ।

# ଶଙ୍ଖାମେଦୀ ଗାଁରେ ଏସ୍ଆଇଆର୍ ସର୍ଭେକୁ ବିରୋଧ

ବାଲେଶ୍ୱର(ଉତ୍ତର),୨୩।୬ (ସମିସ) : ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଧୀନ ଶଙ୍ଖାମେଦୀ ଗାଁ ବାସୀଙ୍କ ପରିଚୟ ଏବେ ସଂକଟରେ । ଦୀର୍ଘ ବର୍ଷ ଧରି ଏହି ଗ୍ରାମର ବାସିନ୍ଦା ଓଡିଶା ସରକାର ଅଧୀନରେ ଥିଲା ବେଳେ ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ନିର୍ବାଚନ ପରେ ଏବେ ନିଜକୁ ପଶ୍ଚିମବଙ୍ଗବାସୀ ବୋଲି କହିବାକୁ ଲାଗିଲେଣି । ଏବେ ଓଡ଼ିଶା ସରକାରଙ୍କ ପକ୍ଷରୁ ହେଉଥିବା ଏସ୍ଆଇଆର ସର୍ଭେ ବେଳେ ସେମାନେ କହିଛନ୍ତି ଯେ ଆମ ପୂର୍ବ ପୁରୁଷ ଥିଲେ ଓଡ଼ିଆ । ହେଲେ ଓଡ଼ିଶାର ପୂର୍ବ ଓ ପରବର୍ତ୍ତୀ ସରକାର ଆମ ସୁଖଦୁଃଖର ଭାଗୀଦାର ହେଲେ ନାହିଁ । ଓଡ଼ିଶା ସରକାରଙ୍କ ଠାରେ ଜୀବନଜୀବିକା ନିମନ୍ତେ ବହୁବର୍ଷ ଧରି ଗୁହାରି କରିଥିଲେ ମଧ୍ୟ ଆମ କଥା କେହି ଶୁଣିଲେ ନାହିଁ ଶେଷରେ ଆମେ ନିରାଶ ହୋଇ ପଶ୍ଚିମବଙ୍ଗରେ ଗତ ସାଧାରଣ ନିର୍ବାଚନରେ ଏସ୍ଆଇଆର୍ ଫର୍ମ ପୂରଣ କରିଛୁ । ଏଣିକି ଆମେ ଓଡ଼ିଶା ସରକାରଙ୍କ ଏସ୍ଆଇଆର୍ ସର୍ଭେରେ ଫର୍ମ ପୂରଣ କରିବୁ ନାହିଁ ବୋଲି ସେହି ଗ୍ରାମକୁ ସର୍ଭେ କରିବାକୁ ଯାଇଥିବା ବିଏଲ୍ଓ ସୁମତି ମାଝିଙ୍କୁ ଗ୍ରାମବାସୀମାନେ ରୋକ୍‌ଠୋକ୍ ଶୁଣାଇଛନ୍ତି ଓ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉକ୍ତ ଗାଁକୁ ଯାଇଥିବା ବିଏଲ୍ଓ ସର୍ଭେ କରି ନ ପାରି ଫେରିଛନ୍ତି । ସୂଚନାନୁଯାୟୀ, ସୀମାବିବାଦକୁ ନେଇ ଆନ୍ଧ୍ର ସହିତ ଓଡ଼ିଶାର ମୁହାଁମୁହିଁ ସ୍ଥିତି ଥିବାବେଳେ ବାଲେଶ୍ୱର ଜିଲାର ଶଙ୍ଖାମେଦୀ ଗାଁକୁ ନେଇ ବହୁ ଦଶନ୍ଧି ଧରି ଓଡ଼ିଶା-ପଶ୍ଚିମବଙ୍ଗ ରାଜ୍ୟର ବାଦାନୁବାଦ ଲାଗି ରହିଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଐତିହାସିକ ଗାରିମାମୟ ୮୯ ବର୍ଷ ପୂରିଥିବା ବେଳେ ଶଙ୍ଖାମେଦୀ ଗାଁକୁ ଏକପ୍ରକାର ପଶ୍ଚିମବଙ୍ଗ ଗିଳି ଦେଇଛି ଓ ଶଙ୍ଖାମେଦୀ ଗାଁ ୧୯୨୭ରୁ ୧୯୮୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହି ଗ୍ରାମରୁ ରାଜସ୍ୱ ଆଦାୟ କରୁଥିବା ବେଳେ ୧୯୭୮ ମସିହାରୁ ବିଭିନ୍ନ କାରଣରୁ ରାଜସ୍ୱ ଆଦାୟ ବନ୍ଦ କରିଛନ୍ତି । ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଏହି ଗାଁ ଓଡ଼ିଶା ମାନଚିତ୍ରରୁ ଉଭେଇଯିବା ନେଇ ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଓଡ଼ିଶାର ଏହି ସୀମାନ୍ତ ଗ୍ରାମ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ରାମନଗର ବ୍ଲକ ଅଧୀନକୁ ନେବାକୁ ପଶ୍ଚିମବଙ୍ଗ ସରକାର ଉଦ୍ୟମ ଜାରି ରଖୁଥିବାରୁ ବହୁ ବର୍ଷ ଧରି ଉଭୟ ରାଜ୍ୟ ମଧ୍ୟରେ ଛକାପଞ୍ଝା ଲାଗିରହିଛି । ଓଡ଼ିଶା ସରକାର ଏହି ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ, ରାସ୍ତା ନିର୍ମାଣ କରିଥିବା ବେଳେ ବିଦ୍ୟୁତ୍ ସଂଯୋଗ, ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ ଓ ରାଶନକାର୍ଡ ଯୋଗାଇ ଦେଇଛନ୍ତି । ଅନୁରୂପ ଭାବେ ପଶ୍ଚିମବଙ୍ଗ ସରକାର ମଧ୍ୟ ଏହି ଗ୍ରାମରେ ଅନ୍ୟାନ୍ୟ ମୌଳିକ ସୁବିଧା ସହ ଆବାସ ଯୋଜନା ଯୋଗାଇ ଦେଉଛନ୍ତି । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ରମାନେ ଅଦ୍ୟାବଧି ଓଡ଼ିଆରେ ପାଠ ପଢୁଥିବା ବେଳେ ଓଡ଼ିଆ ଶିକ୍ଷକ ନିଯୁକ୍ତି ହୋଇଛନ୍ତି । କିନ୍ତୁ ଏହି ଗ୍ରାମରୁ ରାଜସ୍ୱ ଆଦାୟ ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ମିଳୁ ନ ଥିବାବେଳେ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇ ସେମାନଙ୍କର ଭବିଷ୍ୟତ ଅନ୍ଧକାର ହେଉଥିବା ଅଭିଯୋଗ ହୋଇଆସୁଛି । ଦୀର୍ଘବର୍ଷ ଧରି ଶଙ୍ଖାମେଦୀ ଗାଁରେ ଉଭୟ ରାଜ୍ୟର ଶାସନ ଚାଲି ଆସୁଥିବାରୁ ଏଠାକାର ଭୋଟରମାନେ ଦୁଇ ରାଜ୍ୟର ଦୁଇ ଭାଷାର ଗୋଟିଏ ଆଧାରକାର୍ଡ ଓ ଭୋଟର କାର୍ଡ ହାତେଇ ନେଇ ଭୋଟ ଦେଇ ଆସୁଛନ୍ତି । ଶଙ୍ଖାମେଦୀ ଗାଁ କେଉଁ କୂଳରେ ହେଉ ନ ଥିବା ବେଳେ ଏସ୍ଆଇଆର୍ ସର୍ଭେରେ ଶଙ୍ଖାମେଦୀ ଗାଁ ଓଡ଼ିଶା ଭୌଗୋଳିକ ମାନଚିତ୍ରରୁ ପୂର୍ଣ୍ଣଚ୍ଛେଦ ପଡିବା ନେଇ ଚର୍ଚ୍ଚା ଜୋର ଧରିଛି । ଏ ନେଇ ଭୋଗରାଇ ତହସିଲଦାର ସୂର୍ଯ୍ୟକାନ୍ତ ନାୟକ କହିଛନ୍ତି ଯେ, ଶଙ୍ଖାମେଦୀ ଗ୍ରାମର କେତେଜଣ ଭୋଟର ପଶ୍ଚିମବଙ୍ଗରେ ଏଆଇଆର୍ ଫର୍ମ ପୂରଣ କରିଥିବା ବିଏଲଓଙ୍କ ଅଭିଯୋଗ କ୍ରମେ ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯିବ ବୋଲି ସୂଚନା ଦେଇଛନ୍ତି । ଶଙ୍ଖାମେଦୀ ଗାଁର ଉନ୍ନୟନ ନିମନ୍ତେ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ପୂର୍ବ ସରକାର ଯୋଗାଇ ଦେଇଥିବା ବେଳେ ଅର୍ଦ୍ଧେକ ଭୋଟର ପଶ୍ଚିମବଙ୍ଗ ଏସ୍ଆଇଆର୍‌ରେ ଫର୍ମ ପୂରଣ କରିବା ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପ୍ରକାଶ କରିଛନ୍ତି ଓ ଶଙ୍ଖାମେଦୀ ଗ୍ରାମର ମୌଳିକ ସମସ୍ୟା ସମାଧାନ ଦିଗରେ ସରକାର ବ୍ୟର୍ଥ ହୋଇଥିବାରୁ ଉକ୍ତ ଗ୍ରାମର ଭୋଟରମାନେ ଆଜି ଓଡ଼ିଶା ପ୍ରତି ବିମୁଖ ହେବା ଉଦ୍‌ବେଗଜନକ ବୋଲି ଓଡ଼ିଶା-କୋଲକାତା ଆସୋସିଏସନର ସଦସ୍ୟ ହରନାରାୟଣ ରାଉତ କହିଛନ୍ତି । ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏହି ଗ୍ରାମବାସୀଙ୍କୁ ଓଡିଶା ରେ ଅନ୍ତର୍ଭୁକ୍ତ କରାଇବା ପାଇଁ ପ୍ରୟାସ କରୁଛନ୍ତି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**ଓଡ଼ିଶା ମାନଚିତ୍ରରୁ ଉଭେଇଯିବା ନେଇ ଆଶଙ୍କା**

## ଯାଜପୁର ମେଡିକାଲ କଲେଜରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଉଦ୍‌ଘାଟିତ

# ମିଳିବ ଜଟିଳ ଅସ୍ତ୍ରୋପଚାର ଓ ହୃଦ୍‌ରୋଗ ପରୀକ୍ଷା ସୁବିଧା




**ଯାଜପୁର,୨୩।୬(ସମିସ)**

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯାଜପୁର ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ କେତେକ ନୂତନ ଅତ୍ୟାଧୁନିକ ସେବା ଆଜି ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଭାବେ ପ୍ରତିଷ୍ଠିତ ଇକୋ, ମାମୋଗ୍ରାଫି, ଶଲ୍ୟ ଚିକିତ୍ସା ବହିଃର୍ବିଭାଗ, ଏଣ୍ଡୋସ୍କୋପି ଏବଂ ସମସ୍ତ ସୁବିଧା ସମ୍ପନ୍ନ ଅର୍ଥୋପେଡିକ୍ ଅସ୍ତ୍ରୋପଚାର ଗୃହର ଉଦ୍‌ଘାଟନ କରିଛନ୍ତି। ମାମୋଗ୍ରାଫି ୟୁନିଟରେ ପ୍ରସିଦ୍ଧ "ଫୁଜିଫିଲ୍ମ' ବ୍ରାଣ୍ଡର ଅତ୍ୟାଧୁନିକ ମେସିନ ସ୍ଥାପନ କରାଯାଇଛି; ଯାହା ମହିଳାମାନଙ୍କ ସ୍ତନ କର୍କଟର ପ୍ରାଥମିକ ଚିହ୍ନଟ ଓ ନିଦାନରେ ସହାୟକ ହେବ। ଇକୋକାର୍ଡିଓଗ୍ରାଫି ୟୁନିଟରେ ହୃଦ୍‌ରୋଗର ସଠିକ୍ ପରୀକ୍ଷା ପାଇଁ "ଜିଇ ହେଲଥକେୟାର' ବ୍ରାଣ୍ଡର ଇକୋ ମେସିନ୍ କାର୍ଯ୍ୟକ୍ଷମ ହୋଇଛି। ପେଟ ଓ ଗ୍ୟାଷ୍ଟ୍ରିକ ସମ୍ବନ୍ଧୀୟ ସମସ୍ୟାର ଚିକିତ୍ସା ତଥା ପରୀକ୍ଷା ପାଇଁ ଫୁଜିଫିଲ୍ମ ବ୍ରାଣ୍ଡର ଏଣ୍ଡୋସ୍କୋପି ୟୁନିଟ୍ ଆରମ୍ଭ କରାଯାଇଛି। ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସର୍ଜରୀ ବର୍ହିଃବିଭାଗ କାର୍ଯ୍ୟକ୍ଷମ ହୋଇଛି। ଏହାସହ ହାଡ଼ ଓ ଗଣ୍ଠି ଜନିତ ଜଟିଳ ଅସ୍ତ୍ରୋପଚାର ପାଇଁ ଏକ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଅପରେସନ ଥିଏଟର ଉଦ୍‌ଘାଟନ କରାଯାଇଛି। ଏହି ସମସ୍ତ ସୁବିଧା ଉପଲବ୍ଧ ହେବା ଦ୍ୱାରା ଯାଜପୁର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନେ ବିଶେଷ ଭାବେ ଉପକୃତ ହେବେ। ଜଟିଳ ଅସ୍ତ୍ରୋପଚାର ଏବଂ ହୃଦ୍‌ରୋଗ ସମ୍ପର୍କିତ ପରୀକ୍ଷା ପାଇଁ ଏଣିକି ରୋଗୀଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ। ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ଏହି ସେବାଗୁଡ଼ିକର ଶୁଭାରମ୍ଭ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଏହା ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ରୋଗ ନିଦାନ ଓ ଚିକିତ୍ସା ପ୍ରଦାନ କରିବାରେ ବେଶ ସହାୟକ ହେବ। ଉଦ୍‌ଘାଟନ ପରେ ଜିଲ୍ଲାପାଳ ଶ୍ରୀ କର ନୂତନ ଭାବେ ସ୍ଥାପିତ ଏହି ସମସ୍ତ ଚିକିତ୍ସା ୟୁନିଟ୍‌ଗୁଡ଼ିକ ନିରୀକ୍ଷଣ କରିଥିଲେ। ସମସ୍ତ ସ୍ୱାସ୍ଥ୍ୟ ସୁବିଧା ନିୟମିତ ଭାବେ ଖୋଲା ରହିବା, ସୂଚାରୁ ରୂପେ ପରିଚାଳିତ ହେବା ଏବଂ ରୋଗୀମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ଚିକିତ୍ସକମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡ. ଜାମି ସାଗର ପୃଷ୍ଟି, ପ୍ରଫେସର ଡ. ମନୋରମା ସ୍ୱାଇଁ, ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଶୈଳସେବା ମୁଦୁଲି, ଅର୍ଥୋପେଡିକ ବିଭାଗ ପ୍ରଫେସର ଡ. ଅତନୁ ମହାନ୍ତି, ସର୍ଜରୀ ବିଭାଗ ପ୍ରଫେସର ଡ. ବିପିନ କୁମାର ବର, ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଏବଂ ମେଡିକାଲ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସମସ୍ତ ଅତ୍ୟାଧୁନିକ ବିଭାଗ ଓ ସେବାଗୁଡ଼ିକ କାର୍ଯ୍ୟକ୍ଷମ ହେବା ଫଳରେ ରୋଗୀମାନଙ୍କର ଜଟିଳ ରୋଗ ନିର୍ଣ୍ଣୟ ପ୍ରକ୍ରିୟା ଅଧିକ ସହଜ, ଶୀଘ୍ର ଓ ସଠିକ୍ ହୋଇପାରିବ। ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣ ଜିଲ୍ଲାର ଚିକିତ୍ସା ବ୍ୟବସ୍ଥାକୁ ଏକ ନୂଆ ଶିଖରକୁ ନେବା ସହ ସରକାରୀ ସ୍ୱାସ୍ଥ୍ୟସେବା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ମଜଭୂତ କରିବ।

**ଇକୋ, ମାମୋଗ୍ରାଫି, ଶଲ୍ୟ ଚିକିତ୍ସା ବହିଃର୍ବିଭାଗ, ଏଣ୍ଡୋସ୍କୋପି ଏବଂ ଅର୍ଥୋପେଡିକ ଅସ୍ତ୍ରୋପଚାର ଗୃହ କାର୍ଯ୍ୟକ୍ଷମ**

## ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ବର୍ଦ୍ଧନା ସଭା

**ଦଶରଥପୁର,୨୩।୬(ସମିସ):** ଦଶରଥପୁର ବ୍ଲକ କୁଆଁସ ମଙ୍ଗଳାପୀଠରେ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଂଗଠନିକ କାର୍ଯ୍ୟରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ତଥା ସମାଜସେବୀ ଦିଗମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ସଭାପତି ରବି ଶତପଥୀ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ରାୟ, ସଂପାଦକ ବିବେକାନନ୍ଦ ନାୟକଙ୍କ ଉପସ୍ଥିତିରେ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ - କର୍ମଚାରୀମାନେ ଯୋଗ ଦେଇଥିଲେ। ବ୍ଲକର ଆଦର୍ଶ ପ୍ରଧାନ ଶିକ୍ଷକ ଶ୍ରୀନାଥ ଚରଣ ପରିଡ଼ା, ବିଶିଷ୍ଟ ଶିକ୍ଷକ ନେତା ସମାଜସେବୀ ବଂଶୀଧର ଦାସ ଓ ଅଭିମନ୍ୟୁ ରାଉତ ତଥା ବିଶିଷ୍ଟ ଲେଖକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରେରାମ ପଣ୍ଡାଙ୍କୁ ସମ୍ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶରଥପୁର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଗଠନର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସର୍ବସମ୍ମତ କ୍ରମେ ଶ୍ରୀନାଥ ଚରଣ ପରିଡ଼ା, ବଂଶୀଧର ଦାସ, ଧ୍ରୁବଚରଣ ସାହୁ ଏବଂ ସୁବାସ ମହାପାତ୍ରଙ୍କୁ ସଂଘର ଉପଦେଷ୍ଟା ଏବଂ ସଭାପତି ରୂପେ ହରେରାମ ପଣ୍ଡା, ଉପସଭାପତି ଦୁର୍ଯ୍ୟୋଧନ ବାରିକ, ସଂପାଦକ ରୂପେ ନିତ୍ୟାନନ୍ଦ ସାହୁ, ଏବଂ ଆଦିତ୍ୟ ଦାସଙ୍କୁ ଯୁଗ୍ମ ସଂପାଦକ ଭାବେ ସର୍ବସମ୍ମତ ଗ୍ରହଣ କରାଯାଇଥିଲା। ଏମାନଙ୍କ ସହ ଏକ ୧୨ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ବ୍ଲକର ବିଭିନ୍ନ ଅଂଚଳର ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ବିଦାୟୀ ସଭାପତି ଦିଗାମ୍ବର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ନିର୍ବାଚିତ ସଂପାଦକ ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡ଼ା ଭିଡ଼ ହିଂସା ଘଟଣାର ପ୍ରତିବାଦ




**ଯାଜପୁର,୨୩।୬(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର, ଇନ୍ତାଲିଗୁଡା ଗ୍ରାମରେ ରାଜ୍ୟ ବାହାରୁ ଆସିଥିବା ଗବେଷିକା ଯୁବତୀ ଓ ଯୁବକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ପ୍ରତିବାଦ କରି ଆଜି ଯାଜପୁରର ମେଡିକାଲ ଛକ ଗାନ୍ଧୀ ଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାନେତ୍ରୀ ସୁଲୋଚନା ପ୍ରଧାନ ଓ ତରଙ୍ଗିଣୀ ଦାସ ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସାରା ଦେଶରେ ଏବଂ ରାଜ୍ୟର କୋଣ ଅନୁକୋଣରେ ବିଭିନ୍ନ ଆଳରେ କେତେକ ଗୋଷ୍ଠୀ ଆଇନକୁ ହାତକୁ ନେଇ ଅତ୍ୟନ୍ତ ବର୍ବର ଅମାନୁଷିକ କର୍ମକାଣ୍ଡ ଘଟାଇ ଚାଲିଛନ୍ତି। ଉକ୍ତ ଘଟଣାରେ ଝିଅଟି ସହିତ ଯେଉଁଭଳି ଦୁର୍ବ୍ୟବହାର କରାଯାଇଛି, ସଙ୍ଘବଦ୍ଧ ଭାବେ ଯୌନ ନିର୍ଯାତନା ଦିଆଯାଇଛି ତାହା ସମଗ୍ର ଦେଶରେ ଓଡ଼ିଶାରେ ଗୌରବଜ୍ଜ୍ୱଳ ଐତିହ୍ୟକୁ କ୍ଷୁଣ୍ଣ କରିଛି। ଅବିଳମ୍ବେ ସମସ୍ତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ରାଜ୍ୟରେ ଭିଡ଼ ହିଂସା ବନ୍ଦ କରିବା ଏବଂ ନାରୀ ଓ ଶିଶୁଙ୍କ ନିରାପତ୍ତା ସୁନିଶ୍ଚିତ କରିବା ତଥା ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ପାଇଁ ସରକାର କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ସଂଗଠନର ଜିଲ୍ଲା ସଭାପତି ସୁଲୋଚନା ପ୍ରଧାନ ଓ ସମ୍ପାଦିକା ତରଙ୍ଗିଣୀ ଦାସ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜଶ୍ରୀ ମହାନ୍ତି, ବନଲତା ବାରିକ, ମଧୁମିତା ସାହୁ, ଶର୍ମିଷ୍ଠା ସେଠୀ, ପ୍ରମୁଖ ନାରୀ ନେତ୍ରୀମାନେ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ବିବାହ ଭୋଜି ଖାଇ ଅସୁସ୍ଥତା ଘଟଣା

# ହଳଦିଡ଼ିହରେ ପହଞ୍ଚିଲା ଜିଲ୍ଲାସ୍ତରୀୟ ଟିମ୍



**ବିଞ୍ଝାରପୁର,୨୩।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ହଳଦିଡ଼ିହ ଗ୍ରାମରେ ରବିବାର ରାତିରେ ବିବାହ ଭୋଜି ଖାଇ ୫୦ରୁ ଅଧିକ ଲୋକ ଅସୁସ୍ଥ ହୋଇଥିବା ଘଟଣାରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ମଙ୍ଗଳବାର ହଳଦିଡ଼ିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଏକ ଚିକିତ୍ସକ ଦଳ ଗ୍ରାମରେ ପହଞ୍ଚି ଘର ଘର ବୁଲି ଅସୁସ୍ଥ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ। ଏହା ସହିତ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ପରାମର୍ଶ ମଧ୍ୟ ଦିଆଯାଇଥିଲା। ଅନ୍ୟପକ୍ଷରେ ଅସୁସ୍ଥତାର ପ୍ରକୃତ କାରଣ ଜାଣିବା ପାଇଁ ଗ୍ରାମ୍ୟ ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ବିଭାଗର ଏକ ଜିଲ୍ଲାସ୍ତରୀୟ ଟିମ୍ ହଳଦିଡ଼ିହ ଗ୍ରାମରେ ପହଞ୍ଚିଥିଲା। ସହକାରୀ ଯନ୍ତ୍ରୀ ନିରଞ୍ଜନ ବେହେରା, ଅତିରିକ୍ତ ଯନ୍ତ୍ରୀ ଅଭିମନ୍ୟୁ ଦାସ, କନିଷ୍ଠ ଯନ୍ତ୍ରୀ ତୃପ୍ତାଞ୍ଜଳି ରଥ ଓ ବିଷ୍ଣୁମୋହନ ଶତପଥିଙ୍କ ସମେତ ଟିମ୍ ସଦସ୍ୟମାନେ ବିଭିନ୍ନ ଜଳ ଉତ୍ସରୁ ପାନୀୟ ଜଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ପରୀକ୍ଷା ରିପୋର୍ଟ ଆସିବା ପରେ ଅସୁସ୍ଥତାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବା ବେଳେ ଗ୍ରାମବାସୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଘଟଣାକୁ ନେଇ ଗ୍ରାମରେ ବିଭିନ୍ନ ଆଲୋଚନା ଚାଲିଥିବା ବେଳେ କିଛି ଗ୍ରାମବାସୀ ବିବାହ ଭୋଜିରେ ପ୍ରସ୍ତୁତ ଖାଦ୍ୟରେ ବ୍ୟବହୃତ ସାମଗ୍ରୀ ଓ ରନ୍ଧନ ପ୍ରକ୍ରିୟା ଉପରେ ମଧ୍ୟ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ସମସ୍ତ ସମ୍ଭାବ୍ୟ କାରଣର ନିରପେକ୍ଷ ତଦନ୍ତ ହେଲେ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ।

## 'ବିକାଶର ଧାରା ରାଜ୍ୟସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**କୁଆଖିଆ,୨୩।୬(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ବିକାଶର ଧାରା ରାଜ୍ୟସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଶ୍ମୀରଂଜନ ପଶାୟତ, ସମ୍ମାନିତ ଅତିଥି ଭାବରେ ରସୁଲପୁର ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ମହାନ୍ତି, ସମନ୍ୱିତ ମହିଳା ଶିଶୁ ବିଭାଗର ସୁପରଭାଇଜର ପ୍ରେମଲତା ମହାନ୍ତି, ବିଷ୍ଣୁପ୍ରିୟା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ଏମ୍‌ବିକେ ସସ୍ମିତା ଆଏଚ ଯୋଗଦେଇ ସୁଭଦ୍ରା ଯୋଜନା ଓ ସ୍ୱୟଂସହାୟିକା ଗୋଷ୍ଠୀ ମାନଙ୍କର ବିକାଶ ପାଇଁ ସରକାର ନେଉଥିବା ପଦକ୍ଷେପ ସଂପର୍କରେ ତଥ୍ୟ ଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡାକ୍ତର ରଶ୍ମିରଞ୍ଜନ ପଶାୟତ ଆୟୁଷ୍ମାନ ଭାରତ ଆରୋଗ୍ୟ କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ କାର୍ଡ, ବୟୋବନ୍ଦନା ସ୍ୱାସ୍ଥ୍ୟ କାର୍ଡର ଶତପ୍ରତିଶତ ବଣ୍ଟନ ଉପରେ ଗୁରୁତ୍ୱ ଦେବା ସହ ବର୍ଷାଦିନିଆ ରୋଗ ଡାଇରିଆ, ଡେଙ୍ଗୁ, ମାଲେରିଆ ଆଦିର ନିରାକରଣ ଓ ପ୍ରତିଷେଧକମୂଳକ ପଦକ୍ଷେପ ନେବା ସଂପର୍କରେ ସୂଚନା ପ୍ରଦାନ କରି ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିଥିଲେ। ଏଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟ, ଆଶାକର୍ମୀ, ଅଙ୍ଗନବାଡିକର୍ମୀ, ସିଆର୍‌ପି, ସ୍ୱୟଂସହାୟକ ଗୋଷ୍ଠିର ମହିଳାମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପଞ୍ଚାୟତ ପକ୍ଷରୁ ଏକ ଅଭିଯୋଗ ଶୁଣାଣି ଶିବିର ଖୋଲାଯାଇ ପଞ୍ଚାୟତବାସୀଙ୍କ ଠାରୁ ବିଭିନ୍ନ ଅଭିଯୋଗ ଗ୍ରହଣ କରାଯାଇଥିଲା। ନାଏବ ସରପଞ୍ଚ କେଦାର କୁମାର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଥଣ୍ଡା ବୋତଲ ମାଡ଼ରେ ଯୁବକ ଆହତ

**କୟାଁଗୋଲା,୨୩।୬(ସମିସ):** ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅଞ୍ଚଳର ଦଉପୁର ଗ୍ରାମ ଦୁହୁଡି ସାହିରେ ବାକି ଟଙ୍କା ବିବାଦକୁ ନେଇ ବଚସା ହେବାରୁ ଥଣ୍ଡା ବୋତଲ ମାଡ଼ରେ ଜଣେ ଯୁବକ ଆହତ ହୋଇଛନ୍ତି। ଗ୍ରାମର ଲିଟୁ ମଲିକସେହି ଗ୍ରାମରେ ଦୋକାନ କରୁଥିବା ଝରଣାଝର ପଲେଇଙ୍କ ପାଖରୁ ବାକିରେ ସଉଦା ଖାଉଥିଲେ। ଝରଣାଝର ବାକି ଟଙ୍କା ମାଗିବାରୁ ଲିଟୁ "କାଲି ଦେବି' ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅଭିଯୋଗ ଅନୁସାରେ ଝରଣାଝର ଜାତିଆଣା ନେଇ ଅସଭ୍ୟ ଭାଷାରେ ଗାଳି ଦେବା ସହ ଧସ୍ତାଧସ୍ତି ହୋଇଥିଲେ। ଏହା ମଧ୍ୟରେ ଝରଣାଝର ଡାକ ପକାଇବାରୁ ରଞ୍ଜନ କୁମାର ମଲିକ, ପିତା ରଘୁନାଥ ମଲିକ ସେଠାରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳି କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ପରେ ଦୋକାନରେ ଥିବା ଥଣ୍ଡା ବୋତଲରେ ଲିଟୁଙ୍କୁ ଆଘାତ ଦେଇଥିଲେ। ଗଭୀର କ୍ଷତାକ୍ତ ଅବସ୍ଥାରେ ଗ୍ରାମବାସୀ ଲିଟୁଙ୍କୁ ଉଦ୍ଧାର କରି ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଯାଜପୁର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏନେଇ ଲିଟୁ ମଲିକଙ୍କ ଧର୍ମପତ୍ନୀ ରଞ୍ଜିତା ମଲିକ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ୍ ନଂ ୧୬୨/୨୬ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତଦନ୍ତଧିକାରିଣୀ ଥାନା ଏସ୍‌ଆଇ ଅନିତା ପ୍ରଧାନ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଛନ୍ତି।

## ଆଳୁ ଗୋଦାମରୁ ଚୋରି

**ପାଣିକୋଇଲି,୨୩।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ରାଜପଥ ପାଶ୍ୱର୍ ଚାନ୍ଦପୁର ନିକଟରେ ଜଗନ୍ନାଥ ଟ୍ରେଡ଼ର୍ସ ନାମକ ଏକ ଆଳୁ ଗୋଦାମ ରହିଛି। ଉକ୍ତ ଦୋକାନ ରାତ୍ରିରେ ବନ୍ଦ ଥିବା ବେଳେ କେହି ଦୃବୃର୍ତ୍ତ ପଛ ଝରକା ଗ୍ରୀଲ ତାଡି ଚୋରି କରିନେଇଛି। ନଗଦ ୨ଲକ୍ଷ ୫୬ ହଜାର ଟଙ୍କା ସହ ସିସିଟିଭି କ୍ୟାମେରା ଓ ହାର୍ଡଡିକ୍ସ ମଧ୍ୟ ନେଇଯାଇଛନ୍ତି। ଏନେଇ ଅରିକ୍ଷତ ଦାସ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୨୪୧/୨୬ ରୁଜ୍ଜୁ କରାଯାଇଛି। ପୁଲିସ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଭିସିଆଇ କେମିକାଲ୍ ପ୍ଲାଣ୍ଟରେ ଅଗ୍ନିକାଣ୍ଡ

**ଯଖପୁରା/ଦାନଗଦି, ୨୩।୬(ସମିସ):** ଯଖପୁରା ଶିଳ୍ପାଞ୍ଚଳସ୍ଥିତ ଭିସିଆଇ କେମିକାଲ ପ୍ଲାଣ୍ଟର କୁଲିଂ ଟାୱାରରେ ମଙ୍ଗଳବାର ଦିବା ପ୍ରାୟ ୧.୨୦ ମିନିଟ୍ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କୁଲିଂ ଟାୱାରରେ ଥିବା ଫାଇବର ସିଟ୍‌ରେ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ପ୍ରାୟ ଏକ ଘଣ୍ଟା ଧରି ନିଆଁ ଜଳିବା ସହ କଳା ଧୂଆଁ ଆକାଶକୁ ଆଚ୍ଛାଦିତ କରିଥିଲା। ଦୂରଦୂରାନ୍ତରୁ ଏହି ଧୂଆଁ ଦୃଶ୍ୟମାନ ହେଉଥିବାରୁ ସମଗ୍ର ଯଖପୁରା ଅଞ୍ଚଳରେ ଚିନ୍ତାର ପରିବେଶ ସୃଷ୍ଟି ହୋଇଥିଲା। ଦାନଗଦି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ସୌଭାଗ୍ୟବଶତଃ କୌଣସି ଶ୍ରମିକ କିମ୍ବା କର୍ମଚାରୀ ଆହତ ହୋଇନଥିବା ବେଳେ କମ୍ପାନୀର ପ୍ରାୟ ୫୦ ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଅଗ୍ନିକାଣ୍ଡ ପରେ ପ୍ଲାଣ୍ଟର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ନିୟମିତ ଫାୟାର ସେଫ୍ଟି ଅଡିଟ୍, ଆବଶ୍ୟକୀୟ ସୁରକ୍ଷା ପରୀକ୍ଷା ଏବଂ କାର୍ଯ୍ୟ ଅନୁମତି ବ୍ୟବସ୍ଥା ଯଦି ଯଥାର୍ଥ ଭାବେ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ଏଭଳି ଘଟଣା ଏଡ଼ାଯାଇ ପାରିଥାନ୍ତା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ଲାଣ୍ଟ ଭିତରେ ଥିବା ଅଗ୍ନିଶମ ବ୍ୟବସ୍ଥା ପ୍ରଭାବଶାଳୀ ଭାବେ କାମ କରିନଥିଲା ଏବଂ ବାହ୍ୟ ଅଗ୍ନିଶମ ବାହିନୀ ଉପରେ ନିର୍ଭର କରିବାକୁ ପଡ଼ିଥିଲା। ଘଟଣା ପରେ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଗ୍ରାମବାସୀ ସ୍ୱତନ୍ତ୍ର ଏବଂ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

## ଜଳିଗଲା ଗୋରୁ ବୋଝେଇ ପିକ୍‌ଅପ୍

**ପାଣିକୋଇଲି,୨୩।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ସୋମବାର ବିଳମ୍ବିତ ରାତ୍ରୀରେ ଏକ ଗୋରୁ ବୋଝେଇ ପିକ୍‌ଅପ (ଓଡି ୦୮ଡି୮୭୭୮) କଟକ ପଟୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ପିକଅପଟିରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଥିଲା। ସ୍ଥାନୀୟ ଲୋକମାନେ ପିକଅପରେ ଥିବା ୭ଟି ବାଛୁରିକୁ ଖୋଲି ଦେଇଥିଲେ। ହେଲେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲା। ଖବରପାଇ ରାଜପଥ ପାଟ୍ରୋଲିଂଗ ଓ ପୁଲିସ ପହଞ୍ଚିଥିଲେ। ଦମକଳ ବାହିନୀ ଦ୍ୱାରା ନିଆଁ ଲିଭାଯାଇଥିଲେ ମଧ୍ୟ ପିକଅପଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ପୁଲିସ ଗାଡିଟିକୁ ଜବତ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଥାଉକି ଉକ୍ତ ଗୋରୁ ବୋଝେଇ ପିଅପକୁ ପଛରୁ ଏକ ବଲୋରେ ପିଛା କରି ଗୋଡେଇ ଥିବାରୁ ଚାଳକ ଭୟରେ ଭାରସାମ୍ୟ ହରାଇଥିବା ପ୍ରତ୍ୟକ୍ଷଦର୍ଶୀ ମାନେ କହିଛନ୍ତି। ମାତ୍ର ପିକଅପଟି ଓଲଟି ପଡିବାରୁ ସେମାନେ ଫେରାର ହୋଇଯାଇଥିଲେ।

## ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଧର୍ମଶାଳା ଖେଳାଳିଙ୍କ କୃତିତ୍ୱ

**ଧର୍ମଶାଳା,୨୩।୬(ସମିସ):** କଟକ ଇଣ୍ଡୋର ଷ୍ଟଡିୟମରେ ଅନୁଷ୍ଠିତ ତାଏକ୍ୱୋଣ୍ଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଯାଜପୁର ଜିଲ୍ଲାର ପ୍ରତିଯୋଗିମାନେ ସଫଳତା ହାସଲ କରିଛନ୍ତି। ଏଥିରେ ଯାଜପୁର ଜିଲ୍ଲାରୁ ୬୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଧର୍ମଶାଳା ବ୍ଲକ ଜାରକା ସ୍ଥିତ ଧର୍ମଶାଳା ତାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ୩୨ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। କ୍ୟୋରୁଗୀ ଓ ପୁମସେ ବିଭାଗରେ ପ୍ରତିଯୋଗିତା କରିଥିବା ଏହି ଖେଳାଳିମାନେ ବ୍ୟକ୍ତିଗତ ଭାବେ ୧୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ, ୭ଟି କାଂସ୍ୟ ପଦକ ହାସଲ କରି ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଯାଜପୁର ଜିଲ୍ଲା ଦଳୀୟ କ୍ୟୋରୁଗୀ ପଏଣ୍ଟରେ ପ୍ରଥମ ରନର୍ସ-ଅପ୍ ଟ୍ରଫି ହାସଲ କରି ଜିଲ୍ଲାସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିମାନେ ଅକ୍ଟୋବର ମାସରେ ହେବାକୁ ଥିବା ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କୃତି ଖେଳାଳିମାନଙ୍କୁ ଓଡ଼ିଶା ତାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଯାଜପୁର ଜିଲ୍ଲା ସାଧାରଣ ସମ୍ପାଦକ ଯଯାତି କେଶରୀ ଧଳ, ଧର୍ମଶାଳା ତାଏକ୍ୱୋଣ୍ଡୋ ଏକାଡେମୀର ସଭାପତି ସନ୍ତୋଷ କୁମାର ସାହୁ, ଉପସଭାପତି ସୁଶାନ୍ତ କୁମାର ବେହେରା, ମୁଖ୍ୟ ପ୍ରଶିକ୍ଷକ ସମର ସିଂହ ଉତ୍ସାହିତ କରିଛନ୍ତି।

## ଯାଜପୁରରେ ୯୯ ପ୍ରତିଶତ ଏସ୍‌ଆଇଆର୍ ଫର୍ମ ବଣ୍ଟନ

**ଯାଜପୁର,୨୩।୬(ସମିସ):** ଯାଜପୁର ଜିଲ୍ଲାରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟାରେ ଫର୍ମ ବଣ୍ଟନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲାରେ ନିୟୋଜିତ ଥିବା ବ୍ଲକସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନେ ଏବଂ ରାଜନୈତିକ ଦଳ ପକ୍ଷରୁ ନିୟୋଜିତ ବୁଥସ୍ତରୀୟ ଏଜେଣ୍ଟ, ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରିବା ସହ ଫର୍ମ ଡିଜିଟାଇଜେସନ୍ ଦ୍ରୁତ ବେଗରେ ଜାରି ରହିଛି। ଜିଲ୍ଲାରେ ମୋଟ ୧୫,୩୭,୧୦୧ ଜଣ ଭୋଟର ଅଛନ୍ତି। ଏହି ପରିପ୍ରେକ୍ଷୀରେ ୨୨ ଜୁନ୍ ୨୦୨୬ ସୁଦ୍ଧା ଯାଜପୁର ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୧୫,୩୪,୪୦୬ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏବେ ସୁଦ୍ଧା ୯୯.୮୨ ପ୍ରତିଶତ ମତଦାତାଙ୍କ ଫର୍ମ ବଣ୍ଟନ ହୋଇ ଏସ୍‌ଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବିଞ୍ଝାରପୁରରେ ୭୮.୮୧ ପ୍ରତିଶତ, ବରୀରେ ୮୭.୦୯ ପ୍ରତିଶତ, ବଡ଼ଚଣାରେ ୮୭.୩୧ ପ୍ରତିଶତ, ଧର୍ମଶାଳାରେ ୮୯.୫୮ ପ୍ରତିଶତ, ଯାଜପୁରରେ ୮୦.୪୩ ପ୍ରତିଶତ, କୋରେଇରେ ୮୨.୫୯ ପ୍ରତିଶତ, ସୁକିନ୍ଦାରେ ୮୭.୩୦ ପ୍ରତିଶତ ଫର୍ମ ଡିଜିଟାଇଜେଶନ ସରିଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି। ପ୍ରାୟ ସମସ୍ତ ନିର୍ବାଚନ ମଣ୍ଡଳୀରେ ୯୯ ପ୍ରତିଶତରୁ ଅଧିକ ଫର୍ମ ବଣ୍ଟନ ହୋଇସାରିଛି। ଏହାସହ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ବର କୁମାର କର ଆଜି ଫର୍ମ ଡିଜିଟାଇଜେସନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଆଭାସୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଜୁନ୍ ୨୮ ଯାଏଁ ଏହି ଫର୍ମ ପୂରଣ ପ୍ରକ୍ରିୟା ଚାଲିବ। ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ହେବ। ଭୋଟର ତାଲିକାକୁ ନିର୍ଭୁଲ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଏହି ଏସଆଇଆର୍ ପ୍ରକ୍ରିୟା ଚାଲିଛି।

## ସୋସିଆଲ ମିଡ଼ିଆରେ ମେସେଜକୁ ନେଇ ଗଣ୍ଡଗୋଳ

# ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ୍ ବିଫଳ

**ବ୍ରହ୍ମବରଦା,୨୩।୬(ସମିସ)**

ଗତ ବୁଧବାର ବିଳମ୍ବିତ ରାତିରେ ବରୁଆଁ ସଦର ଥାନା ଅର୍ନ୍ତଗତ ଜମଧର ପଞ୍ଚାୟତରେ ସୋସିଆଲ ମିଡିଆରେ ମେସେଜ ଛାଡିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଲାଗି ୫ ଜଣ ଆହତ ହୋଇଥିବା ଘଟଣାରେ ପୁଲିସ ଆଜି ଯାଏଁ ହାତବାନ୍ଧି ବସିଛି। ଅଭିଯୁକ୍ତମାନେ ଖୁଲମଖୁଲା ବୁଲୁଥିବା ବେଳେ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ତଦନ୍ତ ଦିଶାହୀନ ହେଉଥିବାବେଳେ ପୁଲିସ ଉପରେ ସମ୍ପୃକ୍ତ ପରିବାର ଲୋକଙ୍କ ଭରସା ତୁଟୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାନୁଯାୟୀ ଜମଧର ଗ୍ରାମର ପ୍ରମୋଦ ପାତ୍ର ଗତ ବୁଧବାର ରାତିରେ ଏତଲାକାରୀ କଲ୍ୟାଣୀ ଖୁଣ୍ଟିଆ (୩୭)ଙ୍କ ସ୍ୱାମୀ କୈଳାସ ଖୁଣ୍ଟିଆ ଓ ତାଙ୍କ ନାବାଳକ ପୁଅକୁ ସୋସିଆଲ୍ ମିଡିଆରେ ଖରାପ ମେସେଜ୍ ଛାଡୁଥିବା ଅଭିଯୋଗ କରି ମାଡ଼ ମାରିଥିଲେ। ପ୍ରମୋଦଙ୍କ ଅଭିଯୋଗ ଅନୁସାରେ କୈଳାସଙ୍କ ନାବାଳକ ପୁଅ ତାଙ୍କ ବାପାଙ୍କ ବିରୋଧରେ ସୋସିଆଲ୍ ମିଡିଆରେ ଖରାପ୍ ମେସେଜ୍ ଛାଡୁଛନ୍ତି। କିନ୍ତୁ ନାବାଳକ ପୁଅ ଏହାକୁ ଅସ୍ୱୀକାର କରିବାରୁ ତାଙ୍କୁ ସେଠାରେ ଉପସ୍ଥିତ ଥିବା ଗ୍ରାମର ରାଜେଶ ପାତ୍ର ହଠାତ ନାବାଳକର ତଣ୍ଟି ଚିପିଦେବା ସହ ସେଠାରେ ଉପସ୍ଥିତ ଥିବା କଲ୍ୟାଣୀଙ୍କ ପୁତୁରା ପ୍ରଭାତ ଖୁଣ୍ଟିଆକୁ ଧକ୍କା ମାରିଥିଲା। ପରେ ପରେ ଗ୍ରାମର ସୁଜିତ ପାତ୍ର, ଅଜିତ ପାତ୍ର, ବିକାଶ ପାତ୍ର, ବିଶ୍ୱନାଥ ପାତ୍ର, ଚିନ୍ମୟ ପାତ୍ର ସମେତ ଅନ୍ୟ ୩ ମହିଳା ମିଳିମିଶି ନାବାଳକ ପୁଅକୁ ଟଣା ଘୋଷରା କରି ତଳେ ପକାଇ ତା'ଉପରେ ଚଢ଼ି କାଠ ଫାଳିଆରେ ପିଟି ପିଟି କ୍ଷତବିକ୍ଷତ କରି ପକାଇଥିଲେ। ସେହି ସମୟରେ କଲ୍ୟାଣୀଙ୍କ ସ୍ୱାମୀ କୈଳାସ ନାୟକ ଓ ତାଙ୍କ ସମ୍ପର୍କୀୟ ପଡ଼ୋଶୀ ପ୍ରଶାନ୍ତ ନାୟକ, ପୂଜା ନାୟକ, ବିଶ୍ୱପ୍ରକାଶ ନାୟକ, ଲକ୍ଷ୍ମୀ ନାୟକ ଆଦି ଗଣ୍ଡଗୋଳକୁ ରୋକିବା ସମୟରେ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ତେବେ ଘଟଣା ଘଟିବାର ୭ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କେବଳ ୨୧୮/୨୬ରେ ମାମଲା ରୁଜୁ କରି ଚୁପ୍ ହୋଇ ବସିରହିଛି। ଅଭିଯୁକ୍ତଙ୍କୁ ବାନ୍ଧିବାରେ ସକ୍ଷମ ହୋଇପାରିନାହିଁ। ଯାହାକୁ ନେଇ ପୁଲିସ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।
- ଇମାନୁଏଲ୍ କାଣ୍ଟ

## କୋଚିଂକେନ୍ଦ୍ରର କାରୁଣ୍ୟ

ଐତିହାସିକ ଲକ୍ଷ୍ନୌ ସହରସ୍ଥିତ ଏକ ଘରୋଇ କୋଚିଂ କେନ୍ଦ୍ରରେ ମର୍ମନ୍ତୁଦ ଅଗ୍ନିକାଣ୍ଡରେ ୧୫ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆହତଙ୍କ ସଠିକ୍ ସଂଖ୍ୟା ଜଣାପଡ଼ିନାହିଁ। ଏହାପରେ ଏବେ ପୁଣି ଥରେ ଦେଶରେ ପ୍ରତିଦିନ ଅନିୟନ୍ତ୍ରିତ ଓ ଅଶୃଙ୍ଖଳିତ ଭାବେ ଗଢ଼ି ଉଠୁଥିବା କୋଚିଂ ସେଣ୍ଟରର ବୈଧତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲାଗିଛି। ଏଭଳି ଅବାଞ୍ଛିତ ଅଘଟଣାମାନଙ୍କର ପୁନରାବୃତ୍ତିକୁ ସମୂଳେ ନିୟନ୍ତ୍ରଣ କରିବା ବଦଳରେ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଘୋଷଣା, ସମ୍ପୃକ୍ତ ମାଲିକଙ୍କ ବିରୋଧରେ ଗିରଫ୍ ପରୱାନା, କୋଠାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଆଦି ତାଲିପକା ଉଦ୍ୟମ ଓ ଆଲୋଚନା ଆମ ଦେଶରେ ଏକ ଗତାନୁଗତିକ ଧାରାରେ ପରିଣତ ହୋଇସାରିଛି।

ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ପାଇଁ ଘରୋଇ କୋଚିଂ ବ୍ୟବସ୍ଥା ଆମ ଦେଶରେ ସମୟ ସହିତ ପୁରୁଣା ହୋଇଚାଲିଛି। ସମୟକ୍ରମେ ଏହା ଏକ ବଡ଼ ସଂଗଠିତ ବ୍ୟବସାୟରେ ପରିଣତ ହେବା ସହ ଆଶାୟୀ ବିଦ୍ୟାର୍ଥୀ ଓ ସେମାନଙ୍କ ପିତାମାତାଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଅନେକ ବାଦବିବାଦ, ଅଭିଯୋଗ ଓ ସମାଲୋଚନା ପରେ ଘରୋଇ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ୨୦୨୪ ମସିହାରେ ମାର୍ଗଦର୍ଶିକା ଜାରି କରିଛନ୍ତି। କିନ୍ତୁ ତାହାର କାର୍ଯ୍ୟକାରୀ ଦାୟିତ୍ୱ ରାଜ୍ୟ ସରକାରମାନ ଉପରେ ଛାଡ଼ିଦିଆଯାଇଥିବାରୁ ଏବେ ଲକ୍ଷ୍ନୌ ଅଘଟଣ ପାଇଁ ଉତ୍ତରପ୍ରଦେଶ ସରକାର ଉତ୍ତରଦାୟୀ ହେବା କଥା। କିନ୍ତୁ ଡବଲ୍‌ଇଞ୍ଜିନ୍ ସରକାରରେ ଉତ୍ତରଦାୟିତ୍ୱ ମୁଣ୍ଡାଇବାର ସଂସ୍କୃତି ଆଦୌ ନଥିବାରୁ ଏହି ଘଟଣା ମଧ୍ୟ କେବଳ ଶୋକପ୍ରକଟ, ତଦନ୍ତ ଟିମ୍ ଗଠନ, ଅନୁକମ୍ପା ରାଶି ବଣ୍ଟନରେ ସୀମିତ ରହିଯିବା ଭଳି ଲାଗୁଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ନୂଆ ନିର୍ଦ୍ଦେଶାବଳୀ ଅନୁସାରେ ପେସାଦାର ବା ବୃତ୍ତିଗତ ପାଠ୍ୟକ୍ରମ ପାଇଁ ତାଲିମ ଦେଉଥିବା କୋଚିଂ ସେଣ୍ଟରଗୁଡ଼ିକ ନିଜକୁ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକୃତ କରିବେ। ସେମାନେ ୧୬ ବର୍ଷ ବୟସରୁ କମ୍ ବିଦ୍ୟାର୍ଥୀଙ୍କୁ କୋଚିଂ ପାଇଁ ନାମ ଲେଖାଇ ପାରିବେ ନାହିଁ। ତାଲିମ ଦେଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଉପାଧି କିମ୍ବା ତଦୂର୍ଦ୍ଧ୍ୱ ହେବ। ଏହାଛଡ଼ା ଏସବୁ କେନ୍ଦ୍ର ବିଦ୍ୟାର୍ଥୀଙ୍କଠାରୁ ଆଗଭଳି ଆଉ ପ୍ରଲୋଭିତ କରି ମନଇଚ୍ଛା ଫି' ଆଦାୟ କରିପାରିବେ ନାହିଁ। ଏଥିନିମନ୍ତେ ଏକ ନିର୍ଦ୍ଦିଷ୍ଟ ଫି' ଢାଞ୍ଚା ରହିବ। ସଂପୃକ୍ତ କୋଚିଂ ସେଣ୍ଟରଗୁଡ଼ିକ ପଞ୍ଜୀକୃତ ହେବା ପରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନୀତିନିୟମ ପାଳନ କରିବେ। କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ମନସ୍ତାତ୍ତ୍ୱିକ ସାହାଯ୍ୟ ସହଯୋଗ ସହିତ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କୋଚିଂ ସେଣ୍ଟର ଭବନର ନିରାପତ୍ତା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ପ୍ରତି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବାକୁ ପଡ଼ିବ। ସମସ୍ତ ବିବରଣୀ ସମ୍ପୃକ୍ତ କୋଚିଂ ସେଣ୍ଟରର ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଛାତ୍ରଛାତ୍ରୀ କିମ୍ବା ଅଭିଭାବଙ୍କ ଆପତ୍ତି ଅଭିଯୋଗର ଶୁଣାଣି ଓ ସମାଧାନ କରିବା ପାଇଁ ସ୍ୱତନ୍ତ୍ର ନିୟମକ ଗଠନ ଲାଗି ମଧ୍ୟ ସେଥିରେ ପରାମର୍ଶ ରହିଛି। କିନ୍ତୁ ତାହା କେତେଦୂର ପାଳନ ହେଉଛି ଆମେ ସମସ୍ତେ ଅଳ୍ପେବହୁତ ଜ୍ଞାତ ଏବଂ ନିକଟରେ ଲକ୍ଷ୍ନୌ ଅଘଟଣ ଉଦାସୀନତାର ସଦ୍ୟତମ ଉଦାହରଣ।

ମେଧାଶକ୍ତି ଏକ ବିରଳ ସାମଗ୍ରୀ। ଏହା ବିଭୁଦତ୍ତ ହୋଇଥିବାରୁ ସମସ୍ତଙ୍କ ପାଖରେ ସମାନ ଭାବେ ନଥାଏ। ତେଣୁ ସ୍ୱତନ୍ତ୍ର ଶିକ୍ଷାଦାନ, ପ୍ରଶିକ୍ଷଣ ବା କୋଚିଂ ମାଧ୍ୟମରେ ପିଲାଙ୍କର ଜ୍ଞାନ ବଢ଼ାଇ ସେମାନଙ୍କୁ ଅଧିକ ପ୍ରତିଯୋଗିତାଯୋଗ୍ୟ କରିବାରେ କିଛି ଆପତ୍ତି ନାହିଁ। ତେବେ ପ୍ରତିଯୋଗିତାମୂଳକ ପରୀକ୍ଷା, କୋଟା ବ୍ୟବସ୍ଥା ଏବଂ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କ୍ରମଶଃ ଜଟିଳ ହେଉଛି। ଏଥିପାଇଁ ଉଦ୍ଦିଷ୍ଟ ସ୍ଥାନ ବା ଆସନ ଅନୁସାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବହୁଗୁଣ ଅଧିକ ରହୁଛି। ତେଣୁ ପିଲାଏ କୋଚିଂ ଉପରେ ନିର୍ଭର କରି ସଫଳ ହେବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ସେମାନେ ଘରଠାରୁ ବହୁଦୂରରେ ରହି ବାପ ମା'ଙ୍କ ଅର୍ଥଶ୍ରାଦ୍ଧ କରି ନିଜେ ଅତି କଷ୍ଟକର ପରିବେଶରେ ରହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏଥିରେ ପ୍ରଦର୍ଶନାତ୍ମକ ପ୍ରଭାବ (ଡେମନ୍‌ଷ୍ଟ୍ରେଟିଭ୍ ଇଫେକ୍ଟ) ଅଧିକ ରହୁଛି। ତା' ପିଲା କୋଚିଂ ନେଉଛି, ତେଣୁ ମୋ ପିଲା ନେବ। ସେ ପଇସା ଖର୍ଚ୍ଚ କରୁଛି, ମୁଁ କରିବି। ଏହି ନ୍ୟାୟରେ ସମସ୍ତେ କୋଚିଂ ସେଣ୍ଟର ମୁହାଁ। କିନ୍ତୁ ବାସ୍ତବରେ ପିତାମାତା ନିଜର ପିଲାଙ୍କ ଯୋଗ୍ୟତା ଓ ସାମର୍ଥ୍ୟକୁ ଏ କ୍ଷେତ୍ରରେ ଠିକ୍ ଭାବେ ଆକଳନ କରିପାରନ୍ତି ନାହିଁ। ପିଲାର ଅନିଚ୍ଛା ସତ୍ତ୍ୱେ ତା'କୁ କୋଚିଂ ସେଣ୍ଟରକୁ ପଠାଯାଏ ଏବଂ ସେଠାରେ ପିଲାଟି ଅନ୍ୟମାନଙ୍କ ସହ ପ୍ରତିଯୋଗିତା କରିବାରେ ବିଫଳ ହୋଇ ମାନସିକ ଚାପରେ ରହି ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଏ।

ବିଡ଼ମ୍ବନାର ବିଷୟ ଏହା ଯେ ଆଗାମୀ ଦଶନ୍ଧି ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୈତିକ ଶକ୍ତିର ସ୍ୱପ୍ନ ଦେଖୁଥିବା ଭାରତ ଶିକ୍ଷା ଆହରଣ ଓ ଶିକ୍ଷାଦାନ ଦୃଷ୍ଟିରୁ ବହୁତ ପଛରେ। ବିଶେଷକରି ସରକାରୀ ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ ଅତ୍ୟନ୍ତ ଚିନ୍ତାଜନକ। କେଉଁଠି ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅଭାବ ରହୁଛି ତ କେଉଁଠାରେ ପିଲାମାନେ ଭଙ୍ଗା ଚାଳଛପର ଘରେ କିମ୍ବା ଖୋଲା ଆକାଶ ତଳେ ବସି ପାଠ ପଢ଼ିବାକୁ ପଡୁଛି। ଦୁର୍ଗମ ଅଞ୍ଚଳର ସ୍ଥିତି ଆହୁରି ଦୟନୀୟ। ତେଣୁ ମେଧାବୀମାନଙ୍କ ପିତାମାତା ଓ ଅଭିଭାବକମାନେ କୋଚିଂସେଣ୍ଟର ମୁହାଁ ହେବା ସ୍ୱାଭାବିକ। ସରକାରୀ ସ୍ତରରେ ରହିଯାଉଥିବା ଏହି ଅଭାବ ଅସୁବିଧାରୁ ଘରୋଇ ସଂସ୍ଥାମାନେ ଚତୁରତାର ସହିତ ପ୍ରଚୁର ଆର୍ଥିକ ଲାଭ ଉଠାଇ ଚାଲିଛନ୍ତି। ସେମାନେ ସମୟୋପଯୋଗୀ ଗୁଣାତ୍ମକ ଶିକ୍ଷାଦାନ ଆଳରେ ଅଭିଭାବକଙ୍କଠାରୁ ଯେତିକି ପରିମାଣରେ ଫି' ବା ଅର୍ଥ ଆଦାୟ କରୁଛନ୍ତି ତାହାକୁ ଏକପ୍ରକାର ଶୋଷଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇପାରେ।

ଆଜିର ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା ହେଉଛି ଯେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ କୋଚିଂ ଏକ ଅବିଚ୍ଛେଦ୍ୟ ଓ ଅଲିଖିତ ନିୟମ ହୋଇଯାଇଛି। କିନ୍ତୁ କୋଚିଂକେନ୍ଦ୍ରର ତାଡ଼ନାରେ ସନ୍ତାନ ଓ ଅଭିଭାବକମାନଙ୍କ କୋହ ତା'ର ଚାରିକାନ୍ଥ ଭିତରେ ହିଁ ଲୁଚି ରହିଯାଉଛି। କୋହର ସ୍ୱର ଯେତେବେଳେ ଅତ୍ୟଧିକ ତୀବ୍ର ହୋଇ ବହୁତଳ କୋଠାର କାନ୍ଥ ଓ ପାଚେରି ଡେଇଁ ରାଜରାସ୍ତାରେ ପହଞ୍ଚୁଛି ସେତେବେଳେ ଯାଇ କାରୁଣ୍ୟ ଉଦ୍ରେକ ହେଉଛି। କିନ୍ତୁ କୋହର ସ୍ୱର ନିରବ ହେବା ସହିତ କାରୁଣ୍ୟ ମଧ୍ୟ ସମାଧି ନେଉଛି। ●

## ପାଠ୍ୟପୁସ୍ତକରେ ତ୍ରୁଟି: ଏକ ଗୁରୁତର ଆହ୍ୱାନ

**ଡ. ପଦ୍ମଲୋଚନ ରାଉତ**

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେକୌଣସି ସମାଜର ଉନ୍ନତି, ସଂସ୍କୃତିର ସଂରକ୍ଷଣ ଏବଂ ଆଗାମୀ ପିଢ଼ିର ଚରିତ୍ର ଗଠନ ଶିକ୍ଷା ମାଧ୍ୟମରେ ସମ୍ଭବ ହୋଇଥାଏ। ପାଠ୍ୟପୁସ୍ତକ ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳ ଆଧାର। ଜଣେ ଛାତ୍ର କୌଣସି ବିଷୟରେ ପ୍ରଥମ ଜ୍ଞାନ ଓ ଧାରଣା ପାଠ୍ୟପୁସ୍ତକରୁ ହିଁ ପାଇଥାଏ। ତେଣୁ ପାଠ୍ୟପୁସ୍ତକରେ ଦିଆଯାଇଥିବା ତଥ୍ୟ ଯଦି ଭୁଲ, ଅସମ୍ପୂର୍ଣ୍ଣ କିମ୍ବା ବିଭ୍ରାନ୍ତିକର ହୁଏ, ତେବେ ଏହା କେବଳ ଶିକ୍ଷାର ଗୁଣବତ୍ତାକୁ ନଷ୍ଟ କରେ ନାହିଁ, ବରଂ ଏକ ପିଢ଼ିର ଚିନ୍ତାଧାରା ଓ ଜ୍ଞାନ ଭିତ୍ତିକୁ ମଧ୍ୟ ଦୁର୍ବଳ କରିଦିଏ।

ସମ୍ପ୍ରତି ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ଏବଂ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ଓଡ଼ିଆ ସରକାରୀ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। କେତେକ ସ୍ଥାନରେ ବୈଜ୍ଞାନିକ ତଥ୍ୟ ଭୁଲ ଦିଆଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଓଡ଼ିଶାର ଇତିହାସ, ଭୌଗୋଳିକ ପରିଚୟ ଏବଂ ସାମାଜିକ ତଥ୍ୟ ସମ୍ପର୍କରେ ଗୁରୁତର ତ୍ରୁଟି ରହିଥିବା ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗ ଓଡ଼ିଶାର ଆତ୍ମପରିଚୟ, ଇତିହାସ ଓ ଭବିଷ୍ୟତ ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଶିକ୍ଷା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ଏକ ଜାତିର ଚିନ୍ତାଧାରା, ସଂସ୍କୃତି, ଇତିହାସ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ। ଯେଉଁ ପାଠ୍ୟପୁସ୍ତକକୁ ଆଧାର କରି ଆଜିର ଶିଶୁମାନେ ଜ୍ଞାନ ଆହରଣ କରୁଛନ୍ତି, ସେହି ପୁସ୍ତକ ଯଦି ଭୁଲ୍ ତଥ୍ୟରେ ପରିପୂର୍ଣ୍ଣ ହୁଏ, ତେବେ ତାହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ସମଗ୍ର ଜାତି ପ୍ରତି ଏକ ଗୁରୁତର ଅବହେଳା।

ସାର୍ ଆଇଜାକ ନିଉଟନଙ୍କ ଭଳି ବିଶ୍ୱବିଖ୍ୟାତ ବୈଜ୍ଞାନିକଙ୍କୁ ଜଣେ ପାଇଲଟ ବୋଲି ଉଲ୍ଲେଖ କରାଯାଇଛି, ନିୟମଗିରି ପର୍ବତକୁ ଝାଡ଼ଖଣ୍ଡରେ ଅବସ୍ଥିତ ବୋଲି ଦର୍ଶାଯାଇଛି, ବ୍ରହ୍ମପୁରକୁ ଏକ ଜିଲ୍ଲା ବୋଲି ଲେଖାଯାଇଛି। ଏହା କେବଳ କିଛି ଉଦାହରଣ ମାତ୍ର। ଏପରି ଅସଂଖ୍ୟ ଭୁଲ୍ ତଥ୍ୟକୁ ଆଧାର କରି କୋଟି କୋଟି ଟଙ୍କା ବ୍ୟୟରେ ପାଠ୍ୟପୁସ୍ତକ ପ୍ରକାଶ କରାଯାଇ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ହାତରେ ଦିଆଯିବା ଘଟଣା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ଯେଉଁ ବୟସରେ ପିଲାମାନେ ପୁସ୍ତକର ପ୍ରତ୍ୟେକ ଶବ୍ଦକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି, ସେହି ବୟସରେ ଭୁଲ୍ ଇତିହାସ, ଭୁଲ୍ ଭୌଗୋଳିକ ତଥ୍ୟ ଓ ଭୁଲ୍ ବୈଜ୍ଞାନିକ ସୂଚନା ଦେଇ ସେମାନଙ୍କ ଜ୍ଞାନଭିତ୍ତିକୁ ଦୁର୍ବଳ କରିବା ଏକ ଅକ୍ଷମଣୀୟ ଅପରାଧ ସଦୃଶ। ଏହି ସମସ୍ତ ଘଟଣାକୁ କେବଳ ଦାୟିତ୍ୱହୀନତା କିମ୍ବା ଅସାବଧାନତା ବୋଲି କହିଦେଲେ ହୁଏତ ଘଟଣାର ଗମ୍ଭୀରତାକୁ ଛୋଟ କରିଦେବା ହେବ।

ନିଜ ଭାଷା, ସଂସ୍କୃତି ଓ ଐତିହ୍ୟ ପାଇଁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲ କରିଥିବା ଓଡ଼ିଶାର ପିଲାମାନଙ୍କୁ ଯଦି ନିଜ ରାଜ୍ୟର ସଠିକ୍ ପରିଚୟ ଦିଆଯାଇପାରୁନାହିଁ, ତେବେ ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ଇତିହାସ କୌଣସି ଜାତିର ସ୍ମୃତି ଏବଂ ଭୌଗୋଳିକ ପରିଚୟ ହେଉଛି ତାହାର ଅସ୍ତିତ୍ୱର ଆଧାର। ଏହି ଦୁଇଟିକୁ ଯଦି ଭୁଲ୍ ତଥ୍ୟ ମାଧ୍ୟମରେ ବିକୃତ କରାଯାଏ, ତେବେ ଆଗାମୀ ପିଢ଼ି ନିଜ ମୂଳ ପରିଚୟ ସମ୍ପର୍କରେ ବିଭ୍ରାନ୍ତ ହୋଇପଡ଼ିବ। ଆଜି ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏତେ ବଡ଼ ଭୁଲ୍ ଧରାପଡ଼ିବା ପରେ ମଧ୍ୟ ସରକାର କାହିଁକି ନିଜ ଭୁଲ୍ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ? କାହିଁକି ତ୍ରୁଟି ସଂଶୋଧନ ପରିବର୍ତ୍ତେ ନିରବତା ଅବଲମ୍ବନ କରାଯାଉଛି? ଗଣତନ୍ତ୍ରରେ ସରକାର ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ। ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏପରି ଅବହେଳା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିଥାଏ।

ଏହାଠାରୁ ମଧ୍ୟ ଅଧିକ ଦୁଃଖର ବିଷୟ ହେଉଛି ଯେଉଁମାନେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଆସିଛନ୍ତି, ସେମାନେ ଆଜି କାହିଁକି ନିରବ? କାହିଁକି ଏହି ଗୁରୁତର ପ୍ରସଙ୍ଗକୁ ନେଇ ସମାଜରେ ବ୍ୟାପକ ଆଲୋଚନା ଓ ଆନ୍ଦୋଳନ ଦେଖିବାକୁ ମିଳୁନାହିଁ? ଆମେ କ'ଣ ଏପରି ଏକ ପର୍ଯ୍ୟାୟରେ ପହଞ୍ଚିଗଲୁ ଯେଉଁଠାରେ ସ୍ୱାର୍ଥ ସବୁକିଛି ଉପରେ ଭାରି ପଡୁଛି? ଓଡ଼ିଆ ଜାତିର ଇତିହାସ, ପରିଚୟ ଓ ଗୌରବକୁ ଯଦି ଧୀରେ ଧୀରେ କ୍ଷୟ କରାଯାଉଛି, ତେବେ ତାହା ବିରୁଦ୍ଧରେ ସ୍ୱର ଉଠାଇବା କି ଆମର ନୈତିକ ଦାୟିତ୍ୱ ନୁହେଁ? ଆଜି କର୍ମବୀର ଗୌରୀଶଙ୍କର ରାୟ, ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ କିମ୍ବା ଉତ୍କଳମଣି ଗୋପବନ୍ଧୁ ଦାସ ନାହାନ୍ତି, ଯେଉଁମାନେ ଭାଷା, ଶିକ୍ଷା ଓ ଜାତୀୟ ସ୍ୱାଭିମାନ ପାଇଁ ନିର୍ଭୀକ ଭାବେ ସଂଗ୍ରାମ କରିଥିଲେ। କିନ୍ତୁ ସେମାନଙ୍କ ଆଦର୍ଶ ଆଜି ମଧ୍ୟ ବଞ୍ଚି ରହିଛି। ସେହି ଆଦର୍ଶ ଆମକୁ ଶିଖାଏ ଯେ, ଜାତିର ସ୍ୱାର୍ଥ ଓ ଭବିଷ୍ୟତ ପ୍ରତି କୌଣସି ବିପଦ ଆସିଲେ ନିରବ ରହିବା ଉଚିତ ନୁହେଁ।

ଦେଶର ଆଗାମୀ ଭବିଷ୍ୟତ ହେଉଛନ୍ତି ଆଜିର କୋମଳମତି ଛାତ୍ରଛାତ୍ରୀ। ସେମାନଙ୍କ ହାତରେ ଭୁଲ୍ ତଥ୍ୟ ଭର୍ତ୍ତି ପାଠ୍ୟପୁସ୍ତକ ଧରାଇ ଦେବା ପିଲାଖେଳ ନୁହେଁ। ଏହା ଏକ ଗୁରୁତର ସାମାଜିକ ଓ ଶିକ୍ଷାଗତ ଦାୟିତ୍ୱର ପ୍ରଶ୍ନ। ଜଣେ ଛାତ୍ର ଯାହା ଆଜି ପଢ଼ିବ, ସେହି ଜ୍ଞାନକୁ ଆଧାର କରି ସେ ଆସନ୍ତାକାଲି ନିଜର ବିଚାରଧାରା ଗଠନ କରିବ। ତେଣୁ ଶିକ୍ଷାରେ ଭୁଲ୍ ତଥ୍ୟର ପ୍ରବେଶ କେବଳ ଏକ ପୁସ୍ତକର ତ୍ରୁଟି ନୁହେଁ, ଏହା ଏକ ପିଢ଼ିର ଚିନ୍ତାଧାରାକୁ ପ୍ରଭାବିତ କରିବାର ପ୍ରକ୍ରିୟା। ଏହି କାରଣରୁ ସମାଜର ପ୍ରତ୍ୟେକ ସଚେତନ ନାଗରିକ, ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍ ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ ଭାବେ ରଖନ୍ତୁ ଏବଂ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକର ସଂଶୋଧନ ପାଇଁ ଦାବି କରନ୍ତୁ। କାରଣ ଏହା କୌଣସି ଦଳ, ସରକାର କିମ୍ବା ବ୍ୟକ୍ତିବିଶେଷର ପ୍ରସଙ୍ଗ ନୁହେଁ; ଏହା ଓଡ଼ିଶାର ଭବିଷ୍ୟତ, ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଆଗାମୀ ପିଢ଼ିର ସଠିକ୍ ଶିକ୍ଷା ଅଧିକାର ସହ ଜଡ଼ିତ ଏକ ଜାତୀୟ ପ୍ରସଙ୍ଗ। ଯଦି ଆଜି ଆମେ ନିରବ ରହିବା, ତେବେ ଇତିହାସ ଆମକୁ କେବେ କ୍ଷମା କରିବ ନାହିଁ। ଯଦି ଆମେ ସଚେତନ ହୋଇ ସତ୍ୟ, ତଥ୍ୟ ଓ ଶିକ୍ଷାର ସୁରକ୍ଷା ପାଇଁ ଏକତ୍ରିତ ହେବା, ତେବେ ନିଶ୍ଚିତ ଭାବରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ସଠିକ୍ ଦିଗରେ ନେଇପାରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁଦୃଢ଼, ସତ୍ୟଭିତ୍ତିକ ଓ ଗୌରବମୟ ଭବିଷ୍ୟତ ଗଢ଼ିପାରିବା।

ଆଜି ଅନେକ ଶିକ୍ଷାବିତ୍ ଓ ସଚେତନ ନାଗରିକ ଆଶଙ୍କା କରୁଛନ୍ତି ଯେ ଇତିହାସକୁ ନୂଆ ଢଙ୍ଗରେ ବ୍ୟାଖ୍ୟା କରିବା ନାମରେ କେଉଁଠି ଓଡ଼ିଆ ଜାତିର ସ୍ୱତନ୍ତ୍ର ଚେତନାକୁ ଦୁର୍ବଳ କରିବାର ପ୍ରୟାସ ଚାଲିନାହିଁ ତ? ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମୁକ୍ତ ଚିନ୍ତା, ବୈଜ୍ଞାନିକ ମନୋଭାବ ଓ ସମାନତାର ଚେତନା ସୃଷ୍ଟି କରିବା। କିନ୍ତୁ ଯଦି ଛାତ୍ରଛାତ୍ରୀଙ୍କ ମନରେ ଅନ୍ଧ ଆନୁଗତ୍ୟ, ଏକପାଖିଆ ଚିନ୍ତାଧାରା କିମ୍ବା ସାମାଜିକ ବିଭାଜନକୁ ପ୍ରୋତ୍ସାହନ ଦେବା ଭଳି ଧାରଣା ପରୋକ୍ଷ ଭାବରେ ପ୍ରବେଶ କରାଯାଏ, ତେବେ ତାହା ଗଣତାନ୍ତ୍ରିକ ସମାଜ ପାଇଁ ଅଶୁଭ ସଙ୍କେତ। ଆଜି ଆବଶ୍ୟକ ହେଉଛି ପାଠ୍ୟପୁସ୍ତକ ପ୍ରସ୍ତୁତିର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସାର୍ବଜନୀନ ସମୀକ୍ଷା ପାଇଁ ଖୋଲା ରଖିବା, ତ୍ରୁଟିଗୁଡ଼ିକୁ ସ୍ୱୀକାର କରି ତୁରନ୍ତ ସଂଶୋଧନ କରିବା ଏବଂ ଓଡ଼ିଶାର ଇତିହାସ, ଭାଷା ଓ ସଂସ୍କୃତି ସମ୍ପର୍କରେ ଯେକୌଣସି ବିକୃତିକୁ ଦୂର କରିବା। କାରଣ ଶିକ୍ଷା କୌଣସି ସରକାରର ସମ୍ପତ୍ତି ନୁହେଁ; ଏହା ଜାତିର ଭବିଷ୍ୟତ, ଏବଂ ସେହି ଭବିଷ୍ୟତ ସହ ଖେଳିବାର ଅଧିକାର କାହାରି ନାହିଁ। ●

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

## ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ

**ମନୋରମା ନନ୍ଦ (ମିଶ୍ର)**

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢ଼େଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି। ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'। ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। କିନ୍ତୁ ଏବେ ମଧ୍ୟ ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶକ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପଞ୍ଚସଖାଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍ଭାସିତ ହୋଇଥିଲେ। ୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନରସେନା' ଗଠନ କରାଯାଉଥାଏ। ସେଥିରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି 'ବାନରସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନେଇଥିଲେ ପଣ୍ଡିତ ନାରାୟଣ ମିଶ୍ର।

ଦିନେ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି ଶିବିରରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବାର ଯୋଜନା ଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ୫ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା'ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୁଲିସ ଏବଂ 'ବାନରସେନା' ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୁଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀମିଶ୍ରଙ୍କ ମସ୍ତକରେ।

୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଦନର ସଦସ୍ୟମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବା ବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିସ୍ରା। ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ କରି ନିଆଯାଉଥିଲା। ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୁଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣାକ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ। ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳମୋହନ ରାୟଚୂଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ। ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ। ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋରଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିବାର ନଜିର ରହିଛି।

ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ୧୯୫୬ରେ ଭୂତପୂର୍ବ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର୍, ୧୯୬୭ରେ ଖ୍ୟାତନାମା କବି ଡ.ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ.କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣକ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବା ବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ। ୮୬ ବର୍ଷ ବୟସରେ ପହଞ୍ଚିଥିବା 'ସୈନିକ ସଦନ' ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି। ●

ବାଜପୁର, ମୋ: ୯୭୭୮୫-୨୨୮୮୨

## ଶବରୀ ନାରାୟଣ ତୀର୍ଥ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ତ୍ରେତୟା ଯୁଗରେ ବାଳୀକୁ ବଧ କରିବା ପରେ ଭଗବାନ ଶ୍ରୀରାମଚନ୍ଦ୍ର ବାଳୀଙ୍କ ପତ୍ନୀ ତାରାଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ହେଲେ। ଅଭିଶାପ ଅନୁଯାୟୀ ଦ୍ୱାପର ଯୁଗରେ ଜାରା ଶବର ରୂପେ ଜନ୍ମ ନେଇଥିବା ବାଳୀଙ୍କ ପୁତ୍ର ଅଙ୍ଗଦଙ୍କ ଶରାଘାତରେ ଶ୍ରୀକୃଷ୍ଣ ମୃତ୍ୟୁବରଣ କଲେ। ଏହି ଜାରା ଶବର ହେଲେ ଶବରମାନଙ୍କର ଆଦି ପୁରୁଷ। ଶବର ସଂପ୍ରଦାୟର ଲୋକମାନେ ଓଡ଼ିଶା ଓ ଛତିଶଗଡ଼ରେ ବହୁସଂଖ୍ୟାରେ ବାସ କରନ୍ତି। କେତେକ ଅଞ୍ଚଳରେ ସେମାନେ ଶଉରା ବା ଶଅର ଭାବେ ଜଣା ଯାଆନ୍ତି।

ଜୋଙ୍କ ନାମକ ଏକ ନଦୀ ଓଡ଼ିଶାର କଳାହାଣ୍ଡି ନୂଆପଡ଼ା ଅଞ୍ଚଳରୁ ବାହାରି ଛତିଶଗଡ଼ରେ କିଛିଦୂର ପ୍ରବାହିତ ହୋଇ ମହାନଦୀ ସହ ସଂଯୁକ୍ତ ହୋଇଛି। ଏହି ସଙ୍ଗମ ସ୍ଥଳର ନାମ 'ଶବରୀ ନାରାୟଣ ତୀର୍ଥ'। ଶବରୀ ନାରାୟଣ ବର୍ତ୍ତମାନ ଅପଭ୍ରଂଶ ହୋଇ 'ଶେଓରୀ ନାରାୟଣ' ରୂପେ ଜଣାଯାଉଛି। ସେତେବେଳର ଓଡ଼ିଶାର ରାଜା କୌଣସି ସୂତ୍ରରୁ ଖବର ପାଇଲେ ଯେ ଶବରୀ ନାରାୟଣରେ ପରମାତ୍ମା ପୂର୍ଣ୍ଣବ୍ରହ୍ମ ନିଘଞ୍ଚ ଜଙ୍ଗଲର ଏକ ଗୁମ୍ଫାରେ ଜଣେ ଶବର ଦ୍ୱାରା ଆରାଧିତ ହେଉଛନ୍ତି। ସେ ପୁରୁଷୋତ୍ତମ କ୍ଷେତ୍ରରେ ଏକ ଭବ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ଆରାଧନା କରିବା ପାଇଁ ସଙ୍କଳ୍ପ କଲେ। ତେଣୁ ଶବରୀ ନାରାୟଣରୁ ମହାପ୍ରଭୁଙ୍କୁ ଆଣିବା ପାଇଁ ଜଣେ ବେଦଜ୍ଞ ବ୍ରାହ୍ମଣଙ୍କୁ ପଠେଇଲେ।

ଅନେକଦିନ ଯାତ୍ରା ପରେ ବ୍ରାହ୍ମଣ ଶବରୀ ନାରାୟଣରେ ପହଞ୍ଚିଲେ। ମହାପ୍ରଭୁଙ୍କ ସନ୍ଧାନ ପାଇଁ ବ୍ରାହ୍ମଣ ଶବର ସହ ବନ୍ଧୁତା ସ୍ଥାପନ କଲେ। ଶବର ବ୍ରାହ୍ମଣଙ୍କୁ ଆତିଥେୟ ଦେଲେ। ଏହି ସମୟରେ ବ୍ରାହ୍ମଣ ଶବର କନ୍ୟାର ପ୍ରେମରେ ପଡ଼ି ତାଙ୍କୁ ବିବାହ କଲେ। ଝିଅଜୋଇଁଙ୍କର ଅନେକ ଅନୁନୟ ବିନୟ ପରେ ଶବର ବ୍ରାହ୍ମଣଙ୍କୁ ଠାକୁରଙ୍କ ବିଜେସ୍ଥଳୀକୁ ନେଇଯିବା ପାଇଁ ଏକସର୍ତ୍ତରେ ରାଜି ହେଲେ। ସର୍ତ୍ତ ହେଲା ଯେ ଯିବା ଆସିବା ବେଳେ ବ୍ରାହ୍ମଣଙ୍କ ଆଖିରେ ପୁଟୁଳି ବନ୍ଧା ଯିବ। ବ୍ରାହ୍ମଣ ରାଜି ହେଲେ ଏବଂ ଶବରଙ୍କ ଅଲକ୍ଷ୍ୟରେ ନିଜ ଅଣ୍ଟିରେ କିଛି ସୋରିଷ ଲୁଚେଇ ନେଇଗଲେ। ଗଲା ବେଳେ ବ୍ରାହ୍ମଣ ଅଣ୍ଟିରୁ ସୋରିଷ ବାହାର କରି ବାଟ ସାରା ପକେଇ ପକେଇ ଗଲେ। ବ୍ରାହ୍ମଣ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଆସିଲେ। କିଛିଦିନ ପରେ ବର୍ଷା ହୋଇ ସୋରିଷ ଗଜା ହେଲା। ଦିନେ ସମସ୍ତଙ୍କ ଅଜ୍ଞାତରେ ବ୍ରାହ୍ମଣ ସୋରିଷ ଗଛ ଦେଖି ଦେଖି ମହାପ୍ରଭୁଙ୍କ ଗୁମ୍ଫାରେ ପହଞ୍ଚି ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ତାଙ୍କ ସଙ୍ଗରେ ପୁରୁଷୋତ୍ତମ କ୍ଷେତ୍ରକୁ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ କହିଲେ- 'ବ୍ରାହ୍ମଣ, ମୁଁ ତୁମ ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇଛି। ନିତ୍ୟବୈକୁଣ୍ଠ ନୀଳାଚଳରେ ବିଜେ ହୋଇ ମୁଁ ପତିତମାନଙ୍କୁ ଉଦ୍ଧାର କରିବି। ଏହା ବିଧିନିର୍ଦ୍ଦିଷ୍ଟ। ମୁଁ ଦାରୁସ୍ୱରୂପରେ ପବିତ୍ର ମହାନଦୀରେ ଭାସିଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିବି। ରାଜା ସେ ଦାରୁରେ ଚତୁର୍ଦ୍ଧା ବିଗ୍ରହ ନିର୍ମାଣ କରି ଏକ ଭବ୍ୟମନ୍ଦିରରେ ପ୍ରତିଷ୍ଠା କରି ମୋର ପୂଜାର୍ଚ୍ଚନା କରିବେ।'

ମହାପ୍ରଭୁଙ୍କଠାରୁ ଆଶ୍ୱସନା ପାଇ ବ୍ରାହ୍ମଣ ନୀଳାଚଳକୁ ଫେରି ଆସିଲେ। ମହାପ୍ରଭୁ ଏକ ଶଙ୍ଖଚକ୍ର ଶୋଭିତ ଦିବ୍ୟଦାରୁ ସ୍ୱରୂପରେ ମହାନଦୀ, କାଠଯୋଡ଼ି, କୁଆଖାଇ ଓ ଭାର୍ଗବୀ ନଦୀରେ ଭାସି ଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। ରାଜା ସେ ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ମନ୍ଦିରରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ଶବରୀ ନାରାୟଣରେ ଜଗନ୍ନାଥଙ୍କ ଅନ୍ତର୍ଦ୍ଧାନ ହେବା ପରେ ଶବର ପାଗଳପ୍ରାୟ ହୋଇ କ୍ରନ୍ଦନ କରିବାକୁ ଲାଗିଲେ। ମହାପ୍ରଭୁ ଶବରଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ତୁ ମୋର ଅନନ୍ୟ ଭକ୍ତମାନଙ୍କ ଭିତରୁ ଜଣେ। ସାରା ସଂସାରର କଲ୍ୟାଣ ସାଧନ ପାଇଁ ମୁଁ ବର୍ତ୍ତମାନଠାରୁ ଉତ୍କଳ ଦେଶର ସମୁଦ୍ର ତଟବର୍ତ୍ତୀ ନୀଳାଚଳ ଧାମରେ ଦାରୁ ସ୍ୱରୂପରେ ଆରାଧିତ ହେବି। ମୁଁ ପ୍ରଥମେ ପ୍ରକଟ ହୋଇଥିବା ଏହି ସ୍ଥାନ ଏକ ତୀର୍ଥସ୍ଥଳର ମାନ୍ୟତାପ୍ରାପ୍ତ ହେବ। ବ୍ରାହ୍ମଣ ତୁମ କନ୍ୟାର ସହାୟତା ନେଇ ମୋତେ ଆବିଷ୍କାର କରି ଥିବାରୁ ତା'ର ସ୍ମୃତିରକ୍ଷା ପାଇଁ ଏ ତୀର୍ଥ 'ଶବରୀ ନାରାୟଣ' ରୂପେ ପ୍ରସିଦ୍ଧି ଲାଭ କରିବ। ତୋର ଉତ୍ତରପୁରୁଷମାନେ ଦଇତା ସେବକ ନାମରେ ମୋର ଅଙ୍ଗଲାଗି ସେବକ ରୂପେ ମୋର ସେବାର ସୁଯୋଗ ପାଇବେ। ସାରା ସଂସାର ସେମାନଙ୍କୁ ମୋର କୁଟୁମ୍ବୀ ରୂପେ ଜାଣିବେ।' କାଳକ୍ରମେ ଶବରୀ ନାରାୟଣ ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ପରିଣତ ହେଲା। ବର୍ତ୍ତମାନ ଏହା ଛତିଶଗଡ଼ର ଏକ ପ୍ରସିଦ୍ଧ ତୀର୍ଥ ଓ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ●

(ଆଧାର- ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ- ପଣ୍ଡିତ ସୂ. ନା. ଦାଶ)

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ ଲକ୍ଷ୍ୟ

# ଏନଆଇଆରଏଲ୍-ଓରେଡା ଚୁକ୍ତିନାମା




ଭୁବନେଶ୍ୱର, ୨୩।୬ (ସମିସ): ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏନଏଲସି ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଏନଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' (ଏନଆଇଆରଏଲ) ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) ମଧ୍ୟରେ ଏକ ଯୌଥ ଉଦ୍ୟୋଗ (ଜଏଣ୍ଟ ଭେନଚର) ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା ବେଳେ ୨୫୦ ମେଗାୱାଟ ପବନ ଶକ୍ତି (ୱିଣ୍ଡୋ ପାୱାର) ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି (ଫ୍ଲୋଟିଂ ସୋଲାର ପାୱାର)) ପ୍ରକଳ୍ପ କରାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ। ଏହି ଯୌଥ ଉଦ୍ୟୋଗରେ ଏନଆଇଆରଏଲ ୫୧% ଏବଂ ଓରେଡା ୪୯% ଅଂଶଧନ ନିବେଶ କରିବେ। କମ୍ପାନୀର ପରିଚାଳନା ବୋର୍ଡରେ ଏନଆଇଆରଏଲ ପକ୍ଷରୁ ତିନି ଜଣ ଏବଂ ଓରେଡା ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ ବୃହତ ଆକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ପରିଚାଳନା ନିମନ୍ତେ ଓଡ଼ିଶାର ପ୍ରତିଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗ, ଓରେଡା ଏବଂ ଏନଆଇଆରଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜାମିନରେ ଆସି ବିଜେପି ନେତା ଫେରାର

ବ୍ରହ୍ମପୁର,୨୩।୬(ସମିସ): ହାଇକୋର୍ଟରୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନରେ ଆସି ଫେରାର ହୋଇଗଲେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶ। ଫେରାର ଅଭିଯୁକ୍ତ ଭବାନୀ ନିଜକୁ ଭାରତୀୟ ମଜଦୁର ସଂଘର ପୂର୍ବତନ ଜିଲ୍ଲା ସଭାପତି ବୋଲି ପରିଚୟ ଦେଉଥିଲେ। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗର ତଦନ୍ତ ବେଳେ ଭବାନୀଙ୍କ ହୋମିଓପାଥିକ ଡାକ୍ତରୀ ସାର୍ଟିଫିକେଟ ମଧ୍ୟ ନକଲି ବୋଲି ଜଣାପଡ଼ିବା ପରେ ପୁଲିସ ତଦନ୍ତ ଜାରି ରଖିଛି। ଜଣେ ନାବାଳିକା(୧୭)ଙ୍କୁ ବିଏସସି ନର୍ସିଂ ସେ ପୁଣି ମାଗଣାରେ ରହିବା ସହ ଅଧ୍ୟୟନର ସୁବିଧା ଦେବାର ପ୍ରତିଶ୍ରୁତି ଦେଇଥିଲେ ଭବାନୀ। ଭବାନୀ ତାଙ୍କ କମାପଲ୍ଲୀସ୍ଥିତ ବାଜପେୟୀ ଆରୋଗ୍ୟମ କ୍ଲିନିକରେ ନାବାଳିକାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତା ନାବାଳିକା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ ବିଜେପି ନେତା ଭବାନୀ ଦାଶଙ୍କ ସମେତ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

> **ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିଲେ**
> **ପୁଅର ଶ୍ରାଦ୍ଧରେ ଯୋଗ ଦେବାକୁ ହାଇକୋର୍ଟରୁ ମିଳିଥିଲା ଜାମିନ**

ଭବାନୀ ନିଜକୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ଭାବେ ପରିଚୟ ଦେଉଥିଲେ। ଗିରଫ ପରେ ଭବାନୀ ବ୍ରହ୍ମପୁର ଜେଲରେ ଥିବା ସମୟରେ ତାଙ୍କ ବିରୁଦ୍ଧରେ ମାମଲାକୁ ନେଇ ଚାର୍ଜଫ୍ରେମ୍ ହୋଇଥିଲା। ପରେ ଭବାନୀଙ୍କ ଏକମାତ୍ର ପୁଅର ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଥିଲା। ମେ ୮ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବା ପାଇଁ ଆବେଦନ କରି ହାଇକୋର୍ଟରୁ ୧୦ଦିନ ପାଇଁ ଗତ ମେ ୭ତାରିଖରେ ସର୍ତ୍ତମୂଳକ ଜାମିନ ମିଳିଥିଲା। ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଭବାନୀ ଜେଲରୁ ମୁକୁଳିବା ପରେ ଆଜି ପର୍ଯ୍ୟନ୍ତ ଆତ୍ମସମର୍ପଣ ନକରି ଫେରାର ଥିବା ଜଣାପଡିଛି। ଏହାକୁ ନେଇ କୋର୍ଟ ପକ୍ଷରୁ ଭବାନୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। କେବଳ ଫେରାର ଭବାନୀଙ୍କୁ ନୁହେଁ ବରଂ ତାଙ୍କୁ ଜାମୀନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଆସନ୍ତା ୨୫ତାରିଖରେ ଫେରାର ଭବନୀଙ୍କୁ କୋର୍ଟରେ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୨୩।୬(ସମିସ): ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ଆସନ୍ତା ଅଗଷ୍ଟ ୩ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ବି.ପି.ରାଉତରାୟ ଆଜି ଶ୍ରୀ ଜେନାଙ୍କ ଆବେଦନରେ ଉଲ୍ଲେଖ ଦସ୍ତାବିଜ ପ୍ରସଂଗରେ ଶୁଣାଣି କରିଥିଲେ। ଅଗଷ୍ଟ ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ନିମ୍ନ ଅଦାଲତରେ ବିଚାରାଧୀନ ସିବିଆଇ ମାମଲାକୁ ବିରୋଧ କରି ଶ୍ରୀ ଜେନା ୨୦୨୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ଜେନାଙ୍କୁ ସିବିଆଇ ନୋଟିସ ଜାରି କରିବା ପରେ ଗିରଫଦାରୀ ସମ୍ଭାବନା ରହିଛି ବୋଲି ଦର୍ଶାଯାଇଥିଲା। ଏହାପରେ ହାଇକୋର୍ଟ ଶ୍ରୀ ଜେନାଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପୂର୍ବରୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।

## AFFIDAVIT

I, Abhisek Nayak, aged about 44 years, S/o- Nirmal Chandra Nayak, resident of At- Railway Station Road, Balangir, Ps- Town Bolangir, Balangir, Pin-767001, Odisha do hereby declare for my minor daughter Anrwita Abhisek Nayak by this affidavit No.1288, dtd- 22.06.2026, that now onwards she shall be known as **ANWITA ABHISEK NAYAK** for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Banapur Vide No-1966 Dated 29/05/2026, I, DAKA BARIK aged about 54 years, S/o- Maguni Barik permanent resident of Village- Paladhuapali, P.O.- Ayatapur, P.S.- Nachuni of Khordha Dist. Odisha do hereby declare that I have changed my name from KABULA BARIK to DAKA BARIK. Henceforth I shall be known as **DAKA BARIK** for all purposes.

**DAKA BARIK**

## AFFIDAVIT

By virtue of an affidavit no- 2148, dated- 11/6/2026 sworn before Executive Magistrate, Banpur, declare that I, Nityananda Muduli, aged about- 44 years, S/o- Trinath Muduli of Address At- Muktadeipur, Po- Balidihi, PS- Banpur, Dist- Khordha, Odisha, Pin-752031, declare that I have changed the name of my minor daughter from Madhumita Muduli to Madhusmita Muduli. Henceforth, he shall be known as **Madhusmita Muduli** for all purposes.

**Madhusmita Muduli**

## AFFIDAVIT

By virtue of an affidavit sworn before the Notary Public, Sunabeda vide no 1086, dated 22/06/2026, I, Shek Rosan, S/o- Sak Mahamad, Vill - Patrapandi, PO - Thuba, PS - Nandapur, Dist - Koraput, declare that I have changed my Daughter's name from Simran to Simran Begam. Henceforth, my daughter shall be known as **Simran Begam** for all purpose.

**Sd/- Shek Rosan**

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଟିଏମ୍‌ସି ପାଇଁ...

ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ରତବ୍ରତଙ୍କ ଗୋଷ୍ଠୀ ଦାବି କରିଛି ଯେ ବିଧାୟକ ଦଳର ସଂଖ୍ୟାଗରିଷ୍ଠ ସମର୍ଥନ ସେମାନଙ୍କ ପାଖରେ ରହିଛି। ନୂତନ କମିଟି ରିପୋର୍ଟ ୧୫ ଦିନ ମଧ୍ୟରେ ନିର୍ବାଚନ କମିଶନଙ୍କୁ ଦିଆଯିବ ବୋଲି ରତବ୍ରତ କହିଛନ୍ତି। ଏହା ପୂର୍ବରୁ ମମତାଙ୍କ ଶିବିର ତତ୍ପରତା ଦେଖାଇ ନିଜର ପକ୍ଷ ରଖିସାରିଛି। ଦୁଇଟି ପୃଥକ ଗୋଷ୍ଠୀ ଗୋଟିଏ ଦଳ ଉପରେ ଦାବି କରୁଥିବାରୁ ଏହି ବିବାଦର ସମାଧାନ ଏବେ ନିର୍ବାଚନ କମିସନଙ୍କ ହାତରେ ରହିଛି।

### ଓଡ଼ିଶା ଫେରିଲା...

ଏକାଧିକ ବିଧାୟକ ଏବଂ ଅନ୍ୟମାନେ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମସ୍ତଙ୍କ ମରଶରୀରକୁ ଶ୍ରମ ବିଭାଗ ପକ୍ଷରୁ ସରକାରୀ ବ୍ୟବସ୍ଥାରେ ସେମାନଙ୍କର ପୈତୃକ ଗ୍ରାମକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସେଠାରେ ସେମାନଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ସୂଚନାଯୋଗ୍ୟ ଯେ ତିରିଭଲ୍ଲୁର ଜିଲ୍ଲା ପେରିୟାପାଲିଆମରେ ସି ଫୁଡ୍ ଫ୍ୟାକ୍ଟ୍ରିରେ ଗ୍ୟାସ୍ ଲିକ୍ ଯୋଗୁ ଏମାନଙ୍କର ମୃତ୍ୟୁ ଘଟିଥିଲା।

### ବିଜେପି ରାଜନୀତି...

ଯାହାକୁ ନେଇ ବିଜେପିରେ ହଲଚଲ ସୃଷ୍ଟି ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନିତିନ ନବୀନଙ୍କ ନୂଆ ଟିମ୍‌ରେ ଓଡ଼ିଶାର କିଛି ବିଜେପି ନେତାଙ୍କୁ ସ୍ଥାନ ମିଳିପାରେ । ଏପରିକି ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀ ଓ ରାଜ୍ୟରୁ ନିର୍ବାଚିତ ଜଣେ ସାଂସଦଙ୍କୁ ଦଳ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯାଇପାରେ । ଯେହେତୁ ବିଜେପି ଏବେ ଜଣେ ବ୍ୟକ୍ତି, ଗୋଟିଏ ପଦ ଉପରେ ବିଶ୍ୱାସ କରୁଛି; ତେଣୁ ସମ୍ପୃକ୍ତ ମନ୍ତ୍ରୀ ମୋହନଙ୍କ କ୍ୟାବିନେଟ୍‌ରୁ ବାଦ ପଡ଼ିବା ନିଶ୍ଚିତ । ଏ ସମ୍ପର୍କରେ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ଗତ ଗସ୍ତ ସମୟରେ ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ବିଜେପିର କୋର କମିଟି ସହ ଆଲୋଚନା କରିଥିଲେ । ଏହା ସହ ନିର୍ଦ୍ଦିଷ୍ଟ ଭାବରେ କିଛି ପ୍ରସଙ୍ଗରେ କାର୍ଯ୍ୟ କରିବା ପାଇଁ ଦଳୀୟ ନେତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ସରକାରଙ୍କ କାର୍ଯ୍ୟ, ଲୋକଙ୍କ ମଧ୍ୟରେ ଦଳର ବିଶ୍ୱନୀୟତା ଆଦି ପ୍ରସଙ୍ଗକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ କେନ୍ଦ୍ରୀୟ କୋର କମିଟି ସହ ନିତିନ ନବୀନ ଆଲୋଚନା କରିଛନ୍ତି । ତେଣୁ ଓଡ଼ିଶାରେ ଦଳର ସାଂଗଠନିକ ସଂରଚନା ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି।

ପୁନଶ୍ଚ କେନ୍ଦ୍ର ମନ୍ତ୍ରିମଣ୍ଡଳର ଆଗାମୀ ସମ୍ପ୍ରସାରଣ ସମୟରେ ଏନ୍‌ଡ଼ିଏର ଅଂଶୀଦାର, ବିଜେପିରେ ସାମିଲ ହୋଇଥିବା ଆପ୍ ସାଂସଦ, ଏନ୍‌ଡ଼ିଏକୁ ସମର୍ଥନ ଜଣାଇଥିବା ଟିଏମ୍‌ସି ଓ ଶିବସେନା (ଉଦ୍ଧବ)ର ବିଭାଜିତ ଗୋଷ୍ଠୀର ସଦସ୍ୟଙ୍କୁ କିଛି ମନ୍ତ୍ରୀ ପଦ ଦିଆଯିବ। ତେଣୁ ପୂର୍ବରୁ ବିଜେପି କୋଟାରେ ଥିବା ମନ୍ତ୍ରୀ ପଦ ହ୍ରାସ ପାଇବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଭାଗରେ କେନ୍ଦ୍ରରେ ଅଧିକ ମନ୍ତ୍ରୀପଦ ମିଳିବାର ସମ୍ଭାବନା ଆଦୌ ନଥିବାରୁ ମନ୍ତ୍ରୀ ଆଶାୟୀମାନଙ୍କୁ କିପରି ସନ୍ତୁଷ୍ଟ କରାଯିବ ସେ ସମ୍ପର୍କରେ ହୁଏତ ଦଳୀୟ ନେତାଙ୍କ ସହ ଶ୍ରୀ ଶାହା ଆଲୋଚନା କରିପାରନ୍ତି । ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଛି । ସରକାରରେ ୬ଟି ମନ୍ତ୍ରୀ ପଦ ଖାଲି ଥିବା ଯୋଗୁଁ ଅନେକ ଆଶାୟୀ ମନ୍ତ୍ରୀ ହେବାକୁ ପାଗବାନ୍ଧି ବସିଛନ୍ତି । ନିଗମ ଓ ବୋଡର୍‌ଗୁଡ଼ିକରେ ନିଯୁକ୍ତି ହୋଇ ପାରିନାହିଁ । ତେଣୁ ଶ୍ରୀ ଶାହାଙ୍କ ଆଗାମୀ ଗସ୍ତ ସମୟରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି ।

ସୂଚନା ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶା ପୁଲିସକୁ ପ୍ରଦତ୍ତ ପୁଲିସ କଲର ଆୱାର୍ଡ କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ସାମିଲ ପାଇଁ ଏକ ପରେଡ୍ କାର୍ଯ୍ୟକ୍ରମରେ ଶ୍ରୀ ଶାହ ଯୋଗ ଦେବେ। ଏହାସହ ବଡ଼ମ୍ବା ଚିନି କଳ ସମେତ ବଲାଙ୍ଗୀର ଓ ନୟାଗଡ଼ ଚିନି କଳର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ କରିପାରନ୍ତି। ଭୁବନେଶ୍ୱରରେ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସ୍କୁଲ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଏବଂ ହୀରାକୁଦଠାରେ ୧୦୦କୋଟି ଟଙ୍କା ବ୍ୟୟରେ ପୂର୍ବଭାରତର ପ୍ରଥମ ସମନ୍ୱିତ ଆକ୍ୱା ପାର୍କ ସ୍ଥାପନ, ଭୁବନେଶ୍ୱରର ପାଣ୍ଡରାଠାରେ ୫୯କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାରର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶାହ ଯୋଗ ଦେଇପାରନ୍ତି ବୋଲି ଜଣାପଡ଼ିଛି। ଅମିତ୍ ଶାହଙ୍କ ୪ତାରିଖରେ ଦିନିକିଆ ଗସ୍ତ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ନେଇ ଆନୁଷ୍ଠାନିକ ସୂଚନା ଆସିଛି। ତେବେ ଓଡ଼ିଶା ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମରେ ସେ ଯୋଗଦେବେ, ତା'ର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଉଛି। ଏହାକୁ ଖୁବଶୀଘ୍ର କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ସେ କହିଛନ୍ତି।

### ଅକଳରେ ୧୧...

ଯାଇଥିଲେ ସେମାନଙ୍କ ମନବୋଧ ହୋଇ ଗଲାଣି ଓ ଯିବା ପାଇଁ ଯେଉଁମାନେ ଗୋଡ଼ଟେକି ବସିଛନ୍ତି; ସେମାନେ ବିଜେପି ଯିବା ପରେ ସବୁ ବୁଝିଯିବେ ବୋଲି ଶ୍ରୀ ସାହୁ କହିଛନ୍ତି ।

ଅପରପକ୍ଷରେ କ୍ରସ ଭୋଟିଙ୍ଗ ବିଧାୟକମାନଙ୍କର ଆଉ ଦଳରେସ୍ଥାନ ନାହିଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ରାଜନ ଏକ୍କା। ସେ କହିଛନ୍ତି ଯେ ରାଜ୍ୟସଭାରେ କ୍ରସ ଭୋଟିଙ୍ଗ କରିଥିବା ୩ଜଣ କଂଗ୍ରେସ ବିଧାୟକ ଦଳରୁ ବିଦା ହେବା ନିଶ୍ଚିତ । ସେମାନଙ୍କର ସଭ୍ୟପଦ ରଦ୍ଦ ହେବ ଓ ସେମାନେ କେବେ ବି ଦଳକୁ ଫେରି ପାରିବେ ନାହିଁ। କ୍ରସ ଭୋଟିଂ କରିବା ପରେ ବି ସେମାନେ ଅନୁତପ୍ତ ନୁହନ୍ତି, ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି । କୌଣସି ସଫେଇ ଦଳ ଶୁଣିବ ନାହିଁ । ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ କୋର୍ଟକୁ ଯିବ ବୋଲି ଶ୍ରୀ ଏକ୍କା କହିଛନ୍ତି ।

### କୀଟନାଶକ ପିଇ...

୨୮ ପର୍ଯ୍ୟନ୍ତ ୩୬ କ୍ୱିଣ୍ଟାଲ ୯୬ କିଲୋଗ୍ରାମ ଧାନ ବିକିବାକୁ ନେପାଳଙ୍କ ପାଖକୁ ଟୋକନ୍ ଆସିଥିଲା। ମଣ୍ଡିରୁ ଧାନ ଉଠୁନଥିବାରୁ ଗତକାଲି ଗାଁର ଶତାଧିକ ଚାଷୀଙ୍କ ସହ ନେପାଳ ସିଏସ୍‌ଓ ଅଫିସ ଆଗରେ ବିକ୍ଷୋଭରେ ସାମିଲ ହୋଇଥିଲେ। ସେଠାରୁ ଘରକୁ ଫେରି କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଆଜି ଦିନ ୧୧ଟାରେ ନେପାଳଙ୍କ ଶବ ଗାଁରେ ପହଞ୍ଚିଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ସରକାରୀ ଚାକିରି ଦାବିରେ ଗାଁ ଲୋକେ ଶ୍ମଶାନରୁ ଶବକୁ ଆଣି ଜାତୀୟ ରାଜପଥ ନଂ.୩୫୩ ଉପରେ ରଖି ଅବରୋଧ କରିଥିଲେ। ପରେ ନୂଆପଡ଼ା ଉପ ଜିଲ୍ଲାପାଳ, ଅତିରିକ୍ତ ଏସପି, କୋମନା ତହସିଲଦାର ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ଫଣ୍ଡରୁ ୫୦ ହଜାର ଟଙ୍କା ସହାୟତା ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ନାର୍କୋ କୋର୍ଡିନେସନ ସେଣ୍ଟର ବୈଠକରେ ନିଶା ଚିନ୍ତା

ଭୁବନେଶ୍ୱର, ୨୩।୬ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ନାର୍କୋ କୋର୍ଡିନେସନ ସେଣ୍ଟର(ଏନ୍‌ସିଓଆର୍‌ଡି)ର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ନିଶାଦ୍ରବ୍ୟ କାରବାର ନିୟନ୍ତ୍ରଣ, ନିଶାମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନତା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅପରାଧ ଅନୁସନ୍ଧାନ ବିଭାଗ ଓ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଡେପୁଟି ଡାଇରେକ୍ଟର ଜେନେରାଲ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଉଚ୍ଚ ପଦାଧିକାରୀମାନେ ନିଜର ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଦର୍ଶାଯାଇଥିଲା ଯେ, ୨୦୨୪ରୁ ୨୦୨୬ ମଧ୍ୟରେ ଅଦ୍ୟାବଧି ରାଜ୍ୟରେ ୫୧୩ ମେଟ୍ରିକ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩,୨୩୮ଟି ମାମଲା ରୁଜୁ କରାଯାଇ ୪,୫୩୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୬୯,୪୭୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୩୩ କିଲୋଗ୍ରାମରୁ ଅଧିକ ବ୍ରାଉନ୍ ସୁଗାର ଓ ୨ ଲକ୍ଷରୁ ଅଧିକ କୋଡିନ୍ ମିଶ୍ରିତ କଫ୍ ସିରପ୍ ବୋତଲ ଜବତ କରାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାରେ ଏସ୍‌ଟିଏଫ୍ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ଅଭିଯାନରେ ଏକ ଆନ୍ତର୍ରାଜ୍ୟ ନିଶାଦ୍ରବ୍ୟ ଚୋରାଚାଲାଣ ନେଟୱର୍କର ୭ଜଣ ସଦସ୍ୟଙ୍କୁ ଗିରଫ କରାଯିବା ସହ ପ୍ରାୟ ୨୩୦ କୋଟି ଟଙ୍କା ମୂଲ୍ୟର ହାସିସ୍ ତେଲ ଓ ଗଞ୍ଜେଇ ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହା ସହ ନିଶାଦ୍ରବ୍ୟ କାରବାର ସହ ଜଡିତ ସମ୍ପତ୍ତି ବିରୋଧରେ ଆର୍ଥିକ ତଦନ୍ତକୁ ଜୋରଦାର କରାଯାଇଛି। ବେଆଇନ ଗଞ୍ଜେଇ ଚାଷର ବିକଳ୍ପ ଭାବେ ଲାଭଜନକ କୃଷି କାର୍ଯ୍ୟକଳାପ ଓ ଜୀବିକାଭିତ୍ତିକ ଅନ୍ୟ ପଦକ୍ଷେପମାନେ ଗ୍ରହଣ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ କବଳରୁ ଦୂରେଇ ରଖିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସେ ପରାମର୍ଶ ଦିଆଯାଇଛି।

# ବାଲିଅନ୍ତା ଭିଡ଼ହତ୍ୟା: ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୩।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ବିଭୁତି ଭୂଷଣ ପରିଡା ଓରଫ ହାପିକୁ କ୍ରାଇମ୍‌ବ୍ରାଞ୍ଚ ମଙ୍ଗଳବାର ଗିରଫ କରିଛି। ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଆକ୍ରମଣରେ ସିଧାସଳଖ ସମ୍ପୃକ୍ତି ରହିଥିଲା ବୋଲି ଅଭିଯୋଗ ହୋଇଥିଲା। ତା ଘର ବେଣୁପୁରୁ କୁମ୍ଭାର ସାହି ଅଞ୍ଚଳରେ ବୋଲି ଜଣାପଡ଼ିଛି। ହାପିକୁ କଟକ ବିଡ଼ାନାସୀ ଅଞ୍ଚଳରୁ ଗିରଫ କରାଯାଇଛି। ହାପିକୁ ଗିରଫ କରିବା ପରେ ମୋଟ୍ ଗିରଫଦାରି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। କମିଶନରେଟ୍ ପୁଲିସ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୮ ଜଣଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆଉ କିଛି ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି।

# ଝାରପଡ଼ା ଜେଲ୍‌ରେ ୫ କଏଦୀ ଅସୁସ୍ଥ; ମେଡିକାଲ୍‌ରେ ଭର୍ତ୍ତି

ଭୁବନେଶ୍ୱର, ୨୩।୬ (ସମିସ): ଝାରପଡ଼ା ଜେଲରେ ୫ରୁ ଊର୍ଦ୍ଧ୍ୱ କଏଦୀ ଅସୁସ୍ଥ। ଏକ ସମୟରେ ଜଣଙ୍କ ପରେ ଜଣେ ବେହେସ ହୋଇଗଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କୁ କେହି ବିଷ ଦେଇଥିବା ନେଇ ଅନୁମାନ କରାଯାଉଛି। ତେବେ ଫୁଡ୍ ପଏଜନ୍ ଯୋଗୁଁ ସମସ୍ତଙ୍କ ଦେହ ଅସୁସ୍ଥ ହେବା ନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁମାନ କରାଯାଉଛି। ମିଳିଥିବା ସୂଚନା ମୁତାବକ, ଝାରପଡ଼ା ଜେଲରେ କଏଦୀ ମାନେ ସନ୍ଧ୍ୟା ସମୟରେ ଖାଦ୍ୟ ଗ୍ରହଣ କରିଥିଲେ। ଏହାର ୩ ଘଣ୍ଟା ପରେ ସମସ୍ତେ ନିଜ ନିଜ ସେଲ୍‌କୁ ଯାଇଥିଲେ। ଏକାଧିକ ୱାର୍ଡରୁ କଏଦୀଙ୍କ ଦେହ ଅସୁସ୍ଥ ହେବା ଆରମ୍ଭ ହୋଇଥିଲା। କଏଦୀମାନଙ୍କ ଦେହରୁ ଝାଳ ବାହାରିବା ଆରମ୍ଭ କରିଥିଲା। ଧଇଁସଇଁ ହୋଇଯାଇ ବେହୋସ ହୋଇଯାଇଥିଲେ। ସମସ୍ତଙ୍କୁ ଏକ ସଙ୍ଗରେ ହସ୍ପିଟାଲ ନିଆଯାଇଥିଲା। କେଉଁ କାରଣରୁ ଏଭଳି ହୋଇଥିବା ଜଣାପଡୁ ନଥିଲେ ମଧ୍ୟ ଖାଦ୍ୟରେ କିଛି ଅପମିଶ୍ରଣ ଥିଲା ବୋଲି ଅନୁମାନ କରାଯାଉଛି। ଯାହାକୁ କଏଦୀ ଖାଇବା ପରେ ଜଣଙ୍କ ପରେ ଜଣେ ଅଚାନକ ଅସୁସ୍ଥ ହୋଇଯାଇଥିଲେ। ତେବେ ଡାକ୍ତରୀ ପରୀକ୍ଷା ହେଲେ ସ୍ୱଷ୍ଟ ହେବ ବୋଲି ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ଏହି ଘଟଣା ପରେ ଜେଲରେ କଏଦୀ ମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## LOST

I Susma Acharya, W/o- Nirmal Kumar Acharya, of Vill.- Birmal. Ps.- Sadar, Dist.- Bargarh state that, I have lost original Electricity money receipt of Maa Fly Ash Bricks on 07.06.2026 bearing No. SD.A 1620002, Consumer A/C No. 515001110966 in the name of Susma Acharya of Rs.36,946.00 towards Security Deposit. Inspite of my several effort the same could not found.

## AFFIDAVIT

By virtue of an affidavit before the Executive Magistrate Bhubaneswar I, **Malka Tarannum,** the mother of **Daraksha Tarannum** declared that my daughter's new name is **Daraksha Tarannum** and old name is **Daraksan Taranum.** Hence from today she will be known as **Daraksha Tarannum.**

## AFFIDAVIT

By virtue of an affidavit no. 1788, sworn before the executive Magistrate Champua on dtd- 03/06/2026, I Falguni Kumari Rout, D/o- Rabi Rout, permanent resident of Vill- Maricha, P.o/Ps- Ghagarbeda, Dist- Mayurbhanj, Pin- 757035, Odisha, declare that I have changed my name from **Phalguni Rout** (Old Name ) to **Falguni Kumari Rout** (New Name), Henceforth she shall be known as **FALGUNI KUMARI ROUT** for all future purposes.

**Falguni Kumari Rout**

## AFFIDAVIT

I, Sachinkumar Jachindranath Patra, aged about 32 years, S/O- Jachindranath Jairam Patra, resident of At/Po- Rambhadeipur, Ps- Jagatsinghpur, Dist- Jagatsinghpur, Odisha, PIN-754102, do hereby declare by this affidavit No.1287, dtd- 22.06.2026, that now onwards I shall be known as **SACHIN JACHINDRANATH PATRA** for all future purposes.

## AFFIDAVIT

I, **Anoop Kumar Pera,** aged about 45 years, S/o- Ballav Pera, resident of At: Flat No-202, Block-C, PDN Horizon, Jagamara, Ps- Khandagiri, Bhubaneswar, Pin-751030, Odisha do hereby declare for my minor daughter Digna Anoop Pera by this affidavit No.1286, dtd- 22.06.2026, that now onwards she shall be known as **DIGNA DARSHEE PERA** for all future purposes.

**PANCHAYAT SAMITI OFFICE**
**LEPHRIPARA, DIST: SUNDARGARH**

19001/118/2627

**No.: 1809** **Date: 23/06/2026**

**e-Procurement Notice Bid Identification No. 02/2026-27**

The Block Development Officer, Lephripara on behalf of Governor of Odisha invites Percentage Rate bids online mode for Construction of the work detailed below.

1. **Name of the work** : Construction of Building works
2. **Total no. of work** : 1 (One) no.
3. **Class of Contractor** : C & B Class
4. **Period of completion** : Six Calendar Months

The bidders have to participate in online bidding only. The details will be available in the website www.tenderodisha.gov.in from **11.00 AM of 25.06.2026** to **5.00 PM of 08.07.2026**.

**Block Development Officer**
**Lephripara**

OIPR-19001/19486/1/26-27/0001

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩

## ଡିମାଣ୍ଡ ନୋଟିସ୍

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ** ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି **ସମ୍ପୃକ୍ତ ଶାଖାର** ନିମ୍ନଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସମ୍ପୂର୍ଣ୍ଣ ଭାବେ ପଇଠ କରିବାକୁ କହିଥିଲେ । କଥିତ ଡିମାଣ୍ଡ ନୋଟିସ୍ ନିମ୍ନ ଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଏହି ନୋଟିସ୍ ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ ବର୍ତ୍ତମାନ ସୁଦ୍ଧା ଥିବା ସମସ୍ତ ବକେୟା ଦେୟ ରାଶି ସହିତ ତତ୍‌ପରବର୍ତ୍ତୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସୁରକ୍ଷିତ ଋଣଦାତାଭାବେ ଆମକୁ ପଇଠ କରନ୍ତୁ ଅନ୍ୟଥା ଆମେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଆମକୁ ପ୍ରାପ୍ତ ଅଧିକାର ଅନୁଯାୟୀ କ୍ଷମତା ପ୍ରୟୋଗ କରିବାକୁ ବାଧ୍ୟ ହେବୁ। ଏତଦ୍‌ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ପ୍ରାକ୍ ଲିଖିତ ଅନୁମତି ବିନା ନିମ୍ନଲିଖିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ ମାଧ୍ୟମ ଦ୍ୱାରା ହସ୍ତାନ୍ତରିତ କରିପାରିବେ ନାହିଁ । ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏହି ନିଷେଧାଦେଶ/ଅବରୋଧର କୌଣସି ପ୍ରକାର ଉଲଂଘନ ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ଏକ ଅପରାଧ ଅଟେ। ଏହି ନୋଟିସ୍‌ଟି ସରଫେଶୀ ଆକ୍ଟ ୨୦୦୨ ଏବଂ / କିମ୍ବା ଅନ୍ୟ କୌଣସି ଆଇନଗତ ଅଧିକାରକୁ ପ୍ରତିହତ ନକରି ଜାରି କରାଯାଇଅଛି।

**ଏତଦ୍‌ଦ୍ୱାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୮)ର ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଆକାଉଣ୍ଟ /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର/ଋଣ ରାଶି / ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଦେୟ | ସମ୍ପତ୍ତି(ଗୁଡିକ)ର ବିବରଣୀ |
|---|---|---|---|
| **ପଳାଶପଲ୍ଲୀ ଶାଖା /** ଋଣଗ୍ରହୀତାମାନେ: **୧) ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, **୨) ଶ୍ରୀ କ୍ଷୀରୋଦ କୁମାର ନାୟକ,** ପିତା: ଶ୍ରୀ ଅଚ୍ୟୁତାନନ୍ଦ ନାୟକ, ଉଭୟଙ୍କ ଠିକଣା- ସା: ଖମାର, ପୋ: ଉତ୍ତ୍ରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ବସନ୍ତ କୁମାର ସିଂ,** ପିତା: ୰ ଘଷିରାମ ସିଂ, ସା: ବଡବିଲ ମ୍ୟୁନିସିପାଲିଟି ୱାର୍ଡ ନଂ.: ୭, ପୋ: ବଡବିଲ, ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍ - ୭୫୮୦୩୫ / **ବନ୍ଧକଦାତା: ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, ସା: ଖମାର, ପୋ: ଉତ୍ତ୍ରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ | ସେଣ୍ଟ ହୋମ୍ ଡବଲ୍ ପ୍ଲସ୍ > ୨୫ ଲକ୍ଷ / ଟ.୬୮,୦୦,୦୦୦/- / ୨୦.୦୫.୨୦୨୬ | ୧୯.୦୫.୨୦୨୬ ସୁଦ୍ଧା ଟ.୯୩,୫୮,୮୧୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | **ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ୍ ଖାତା ନଂ.: ୯୨୯/୨୦୮୭, ମ୍ୟୁଟେସନ୍ ଖାତା ନଂ.: ୯୨୯/୩୫୩୮, ପ୍ଲଟ୍ ନଂ.: ୩୭୬/୯୧୬୫, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ମୌଜା: ତୁରଙ୍ଗ, ତହସିଲ: ବଅଁରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ଦାସ, ଉତ୍ତର: ରତ୍ନାକର ବିଶ୍ୱାଳ, ଦକ୍ଷିଣ: ଲକ୍ଷ୍ମୀଧର ପାଣି |
| **ପୁରୀ ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: **୧) ମିସ୍ ନିରୁପମା ପ୍ରଧାନ,** ପିତା: ୰ ରାଧାମୋହନ ପ୍ରଧାନ, **୨) ସୂର୍ଯ୍ୟମଣୀ ପ୍ରଧାନ,** ସ୍ୱାମୀ: ୰ ରାଧାମୋହନ ପ୍ରଧାନ, ଉଭୟଙ୍କ ଠିକଣା ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧ / **ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନେ: ୧) ମିସ୍ ମମତା ପ୍ରଧାନ,** ପିତା: ୰ ରାଧାମୋହନ ପ୍ରଧାନ, ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧, **୨) ଶ୍ରୀମତୀ ତନୁଜା ପ୍ରଧାନ,** ସ୍ୱାମୀ: ସୁଧୀର କୁମାର ପ୍ରଧାନ, ସା: ଝୋଲା ସାହି ପିଠାପୁର, ପୋ: ଦୋଳମୁଣ୍ଡାଇ, ଜିଲ୍ଲା: କଟକ, ପିନ୍ - ୭୫୩୦୦୧ | ସେଣ୍ଟ ମଡଗେଜ୍ / ଟ.୩,୫୦,୦୦୦/- / ୧୪.୦୫.୨୦୨୬ | ୧୩.୦୫.୨୦୨୬ ସୁଦ୍ଧା ଟ.୩୫,୫୨,୪୫୯/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | **ସୂର୍ଯ୍ୟମଣୀ ପ୍ରଧାନ, ମିସ୍ ନିରୁପମା ପ୍ରଧାନ, ମିସ୍ ମମତା ପ୍ରଧାନ, ଶ୍ରୀମତୀ ତନୁଜା ପ୍ରଧାନଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବିକ ଖାତା ନଂ.: ୩୫୭/୧୬, ମ୍ୟୁଟେସନ୍ ଖାତା ନଂ.: ୧୮୬, ହାଲ୍ ପ୍ଲଟ୍ ନଂ.: ୧୧୬୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୨୪୩, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ମୌଜା: ବାଲିସାହି, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ହରେକୃଷ୍ଣ ବାରିକ, ପଶ୍ଚିମ: ବାବନ ଚନ୍ଦ୍ର ଖଡ଼ିରତ୍ନ, ଉତ୍ତର: ରାସ୍ତା, ଦକ୍ଷିଣ: ହାଡି ଗୋହାଳି |

**ସ୍ଥାନ : ଭୁବନେଶ୍ୱର**
**ତାରିଖ : ୨୩.୦୬.୨୦୨୬**

**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ**
**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ନାବାଳିକା ଦୁଷ୍କର୍ମ ଘଟଣା
# ଟିଉସନ ଶିକ୍ଷକଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ



**ଯାଜପୁର,୨୩।୬(ସମିସ):** ନାବାଳିକାକୁ ଦୁଷ୍କର୍ମ କରିବା ଘଟଣାରେ ୨୦ବର୍ଷ ପାଇଁ ଜେଲ ଗଲେ ଅଭିଯୁକ୍ତ ଟିଉସନ ଶିକ୍ଷକ। ୨୦୨୦ ମସିହାରେ କୋରେଇ ଥାନା ଅଞ୍ଚଳର ରମାକାନ୍ତ ବିଶ୍ୱାଳ ଜୈନକା ନାବାଳିକାକୁ ଟିଉସନ କରିବା ସହିତ ନାବାଳିକା ସହ ବାରମ୍ବାର ଦୁଷ୍କର୍ମ କରିଥିଲେ। ବାପା ମା' ବିଶ୍ୱାସରେ ରମାକାନ୍ତ ଟିଉସନ ଶିକ୍ଷକଙ୍କ ନିକଟରେ ପାଠ ପଢିବା ପାଇଁ ପଠାଉଥିଲେ। କିନ୍ତୁ ଟିଉସନ ଶିକ୍ଷକ ବାରମ୍ବାର ଟିଉସନ କରିବା ସହିତ ବାରମ୍ବାର ଦୁଷ୍କର୍ମ କରୁଥିଲା। ପୀଡ଼ିତା ଏହି ଘଟଣା ଘରେ ନ ଜଣାଇ ଚାଇଲ୍ଡଲାଇନକୁ ଜଣାଇଥିଲେ। ପରେ କୋରେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତ ରମାକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ପୋକ୍‌ସୋ ସ୍ପେଶାଲ ଅଦାଲତ। ଅଦାଲତ ମୋଟ ୧୯ ଜଣଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥି ସହିତ ଅନାଦେୟରେ ଅତିରିକ୍ତ ୧ବର୍ଷ କାରାଦଣ୍ଡାଦେଶ ସହ ପୀଡ଼ିତାଙ୍କୁ ୮ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ଅଭିଳାଷ ସେନାପତି। ଏହି ମାମଲାକୁ ସରକାରୀ ଆଇନଜୀବୀ ପ୍ରତାପ କୁମାର ରାୟ ପରିଚାଳନା କରିଥିଲେ।

## ଶୋଇବା ଘରୁ ବାହାରିଲା ୨୩ ନାଗଛୁଆ

**ଦଶରଥପୁର,୨୩।୬(ସମିସ):** ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଅଧୀନସ୍ଥ ଚନ୍ଦୁକୁଡା ଗ୍ରାମରେ ଗୌରାଙ୍ଗ ଜେନାଙ୍କ ଶୋଇବା ଘରୁ ଏକାସାଥିରେ ୨୩ଟି ନାଗଛୁଆ ଉଦ୍ଧାର କରାଯାଇଛି। ଗୌରାଙ୍ଗ ଜେନା ତାଙ୍କ ଶୋଇବା ଘରେ ଏକ ଛୋଟ ସାପ ବୁଲୁଥିବା ଦେଖି ତାହାକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଛୋଟ ସାପ ହୋଇଥିଲେ ମଧ୍ୟ ଏହା ଫଣା ଟେକି ଚୋଟ ମାରିବାକୁ ଉଦ୍ୟମ କରିଥିଲା। ଏଥିରେ ପରିବାର ଲୋକେ ଭୟଭୀତ ହୋଇ ସ୍ନେକ୍ ହେଲ୍ପଲାଇନ୍‌ର ରାଜ୍ୟ ସଂଯୋଜକ ପ୍ରମୋଦ ସାହୁଙ୍କୁ ଖବର ଦେଇଥିଲେ। ପ୍ରମୋଦ ତାଙ୍କ ସହଯୋଗୀ ଜାହାଙ୍ଗୀର ଖାନ୍‌ଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମାଟିଘରର ସମ୍ପୂର୍ଣ୍ଣ ଚଟାଣ ଖୋଲି ଖୋଜାଖୋଜି କରିବା ପରେ ୨୩ଟି ନାଗଛୁଆ ଉଦ୍ଧାର କରିଥିଲେ। ଏଥିସହ କିଛି ସାପ ଅଣ୍ଡାର ଖୋଳପା ମଧ୍ୟ ଉଦ୍ଧାର ହୋଇଥିଲା। ବର୍ତ୍ତମାନ ସମୟରେ ନାଗ ସାପ ଅଣ୍ଡାରୁ ଛୁଆ ବାହାରିବାର ଉପଯୁକ୍ତ ଋତୁ ଚାଲିଛି। ତେଣୁ ଲୋକମାନେ ସତର୍କ ରହିବା ଆବଶ୍ୟକ। ବିଷଧର ସାପ ଛୋଟ ହୋଇଥିଲେ ମଧ୍ୟ ତାହାର ବିଷ ପ୍ରାଣଘାତକ ହୋଇପାରେ। ବିଶେଷ କରି ବର୍ଷାଦିନରେ ଖଟିଆ ଉପରେ ମଶାରୀ ଟାଙ୍ଗି ଶୋଇବା ସହିତ ଘର ଓ ଘର ଚାରିପାଖର ପରିବେଶ ସଫା-ସୁତରା ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି ସ୍ନେକ୍ ହେଲ୍ପଲାଇନ୍‌ର ରାଜ୍ୟ ସଂଯୋଜକ। ଉଦ୍ଧାର ହୋଇଥିବା ସମସ୍ତ ନାଗଛୁଆଙ୍କୁ ସୁରକ୍ଷିତ ଭାବେ ଦୂରସ୍ଥ ପ୍ରାକୃତିକ ଆବାସସ୍ଥଳରେ ଛାଡ଼ି ଦିଆଯାଇଛି।

## କଲେଜ ରାସ୍ତାରୁ ଚୋରାମଦ ଜବତ

**ଦଶରଥପୁର,୨୩।୬(ସମିସ):** ବାଲିପଦା ଛକଠାରୁ ଚିତ୍ତାଳ କଲେଜକୁ ସଂଯୋଗ କରୁଥିବା କେନାଲ ରାସ୍ତାରେ ବିପୁଳ ପରିମାଣରେ ଚୋରା ମଦ ଜବତ କରାଯାଇଛି। ଯାଜପୁର ଟାଉନ ଅଞ୍ଚଳରେ ଥିବା ଏକ ସରକାରୀ ଠିପି ବନ୍ଦ ମଦ ଦୋକାନରୁ ୨ଜଣ ଯୁବକ ବାଇକରେ ମୁହଁ ବନ୍ଧା ଯାଇଥିବା ୪ଟି ଜରି ଅଖା ଭର୍ତ୍ତିଥିବା ୮୦ଲିଟରୁ ଅଧିକ ଚୋରା ମଦ ନେଇ ଯାଉଥିଲେ। ଯାଜପୁର ଟାଉନ ଥାନାର ଏସଆଇ ସୌରଭ ମାଝୀ ଓ ଥାନାର ଅନ୍ୟ ୩ଜଣ ସହଯୋଗୀ ବାଇକ୍‌ରେ କୌଣସି ବିଭାଗୀୟ କାର୍ଯ୍ୟ ସାରି ବିପରୀତ ପାର୍ଶ୍ୱରୁ ଆସୁଥିବା ଦେଖି ୨ଯୁବକ ସମସ୍ତ ଚୋରାମଦ ଭର୍ତ୍ତି ଅଖାକୁ କେନାଲ ପାର୍ଶ୍ୱରେ ଫିଙ୍ଗି ଚମ୍ପଟ ମାରିଥିଲେ। ପୁଲିସ ଆଉ ସେମାନଙ୍କୁ ପିଛା କରିବା ପରିବର୍ତ୍ତେ ଅଖା ଭର୍ତ୍ତି ଚୋରା ମଦକୁ କେନାଲ ରାସ୍ତା ପାର୍ଶ୍ୱରୁ ଉଦ୍ଧାର କରିବା ସହିତ ଥାନା ଗାଡ଼ି ଡକାଇ ନିଜ ହେଫାଜତକୁ ନେଇଯାଇଥିବା ସ୍ଥାନୀୟ ଲୋକଙ୍କ ଠାରୁ ଜଣାଯାଇଛି।

## ପାଣିକୋଇଲି ଥାନାରେ ନୂତନ ଥାନାଧିକାରୀ



**ପାଣିକୋଇଲି, ୨୩।୬(ସମିସ):** ପାଣିକୋଇଲି ଥାନାରେ ଆଜି ନୂତନ ଥାନାଧିକାରୀ ଭାବେ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ଯୋଗଦେଇଛନ୍ତି। ତାଙ୍କୁ ଥାନା ପକ୍ଷରୁ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଛି। ପୁଲିସ ମୁଖ୍ୟାଳୟରୁ ଆସିଥିବା ଶ୍ରୀ ପଟ୍ଟାୟତଙ୍କ ଯୋଗଦାନ ପରେ ଥାନାଧିକାରୀ ଥିବା ରଞ୍ଜିତ ମହାନ୍ତିଙ୍କୁ ମୁଖ୍ୟାଳୟକୁ ବଦଳି କରାଯାଇଛି। ଯାଜପୁର ଏସ୍‌ପି ଯଶ୍‌ପ୍ରତାପ ଶ୍ରୀମଲ ପତ୍ର ସଂଖ୍ୟା ୧୩୭୩/୨୬ରେ ନିର୍ଦ୍ଦେଶନାମା ଜାରି କରିଥିଲେ। ପୂର୍ବରୁ ଶ୍ରୀ ପଟ୍ଟାୟତ ୨୦୧୨ ମସିହାରେ ପାଣିକୋଇଲି ଥାନାଧିକାରୀ ଭାବେ ଯୋଗଦେଇଥିଲେ। ଜଣେ ଦକ୍ଷ ଅଧିକାରୀ ଭାବେ ଜଣାଶୁଣା ଶ୍ରୀ ପଟ୍ଟାୟତଙ୍କ ଯୋଗଦାନ ପରେ ଅପରାଧିଙ୍କ ମନରେ ଛନକା ପଶିଛି। ପାଣିକୋଇଲି ଅଞ୍ଚଳରୁ ବଢୁଥିବା ଅପରାଧ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

## ପୁରୋହିତଙ୍କ ପରଲୋକ

**ଦଶରଥପୁର,୨୩।୬(ସମିସ):** ଦଶରଥପୁର ବ୍ଲକ ରାହାସୋଇ ଅଞ୍ଚଳର ବରିଷ୍ଠ ପୁରୋହିତ ତଥା ଧର୍ମପ୍ରାଣ ବ୍ୟକ୍ତି ଶ୍ରୀନିବାସ ପତି (୮୧)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ପତି କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ରହିଥିଲେ। ଗତକାଲି ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଙ୍କ ନିକଟକୁ ନେବାକୁ ପ୍ରସ୍ତୁତି କରୁଥିବା ସମୟରେ ତାଙ୍କର ପରଲୋକ ହୋଇଥିଲା। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବିଜେପି ସଭାନେତ୍ରୀ ବବିତା ମଲ୍ଲିକ ପ୍ରମୁଖ ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ ପୁଅ ଅଶୋକ ପତି ମୁଖାଗ୍ନି ଦେଇଥିଲେ।

## ଦୁଇ ଗୋଟି ପ୍ରକଳ୍ପର ଶିଳାନ୍ୟାସ

**ଧର୍ମଶାଳା,୨୩।୬(ସମିସ):** ଧର୍ମଶାଳା ବ୍ଲକର ଦୁଇଗୋଟି ସ୍ଥାନରେ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣର ପାଇଁ ଆଜି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶିଳାନ୍ୟାସ କରିଛନ୍ତି। ଯାଜପୁର ୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁସ୍ତିରା ବାତ୍ୟା ଆଶ୍ରୟ ସ୍ଥଳୀ ଠାରୁ ଖପରାନଳି ଦେଇ ଅଣ୍ଟିଆ ଉପର ସାହି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକାରଣ ପାଇଁ ୩ କୋଟି ୪୩ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ରାସ୍ତାର ଶିଳନ୍ୟାସ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଶିଳାନ୍ୟାଶ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ତିଥି ଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାଶ କରିଥିଲେ। ସେହିପରି ୩ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଣ୍ଟିଗଡ଼ିଆ ଠାରୁ କୁସୁନପୁର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ବିଧାୟକ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁ, ବିଜେପି ଜୋନ ସଭାପତି ଶିବୁଲି ଧିର, ଦେବଦତ୍ତ ପଣ୍ଡା, ଜିତେନ୍ଦ୍ର ରାଉତ, ପ୍ରଭାରୀ ରାଜେଶ ପାଳ, ଅଭିଷେକ ରାଉତ, ସମିତିସଭ୍ୟ ଅରୁପାନନ୍ଦ ଜେନା, ବିଶ୍ୱଜିତ ପୃଷ୍ଟି, ଆମ୍ବାର ଅଧ୍ୟକ୍ଷ ଉପେନ୍ଦ୍ର କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ
# ବିପଜ୍ଜନକ ଡ୍ରେନେଜ୍ ନିର୍ମାଣ

**ଦୋଳସାହି,୨୩।୬(ସମିସ)**



ଭଦ୍ରକ-ଚାନ୍ଦବାଲି ରାଜପଥ ତିହିଡ଼ି ପୁରୁଣାହାଟଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଣି ନିଷ୍କାସନ ପାଇଁ ସରକାରଙ୍କ ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅନେକ ଅନିୟମିତତା ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ତିହିଡ଼ି ପୁରୁଣାହାଟଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଜପଥର ଗୋଟିଏ ପାଖରେ ଜଳ ନିଷ୍କାସନ ନିମନ୍ତେ ଡ୍ରେନ୍ ନିର୍ମାଣ ଜାରି ରହିଛି। ଏହି କାର୍ଯ୍ୟରେ ନିୟୋଜିତ ଠିକାଦାର ମନୋମୁଖୀ କାର୍ଯ୍ୟ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର କରୁଥିବା ନେଇ ଗତ କିଛି ମାସ ତଳେ ତିହିଡ଼ି ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା ବେଳେ ଏହି ଅଭିଯୋଗ କାଗଜକଲମରେ ସୀମିତ ଥିବା ସାଧାରଣରେ ଅଭିଯୋଗ ହେଉଛି। ନିୟୋଜିତ ଠିକାଦାର ଡ୍ରେନ୍ ନିର୍ମାଣ ସମୟରେ ବାହାରୁଥିବା ମାଟି ବାହାରେ ବିକ୍ରି କରୁଥିବା ସହ ନିର୍ମାଣ କରିଥିବା ଡ୍ରେନ୍‌ର ବିଭିନ୍ନ ସ୍ଥାନରେ ଡ୍ରେନ୍ ଉପରେ ପ୍ଲେଟ୍ ନ ପକାଇବା ନେଇ ଅନେକ ସମୟରେ ବୁଲା ଷଣ୍ଢ ଓ ଗାଈଗୋରୁମାନେ ଗଳି ପଡୁଥିବା ଅଭିଯୋଗ ହେଉଛି। ସେହିପରି ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## 'ବିକାଶର ଧାରା, ଓଡ଼ିଶା ସାରା' ସମ୍ମିଳନୀ ଉଦ୍‌ଯାପିତ



**ଯାଜପୁର,୨୩।୬(ସମିସ):** ଜିଲ୍ଲାସ୍ତରୀୟ "ବିକାଶର ଧାରା, ଓଡ଼ିଶା ସାରା' ସମ୍ମିଳନୀ ଉଦ୍‌ଯାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସମେତ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ଼ର୍ ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଯୋଗ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିକାଶର ରିପୋର୍ଟ ପ୍ରଦାନ କରିବା ଏକ ଉତ୍ତରଦାୟୀ ସରକାରକୁ ସୂଚାଉଛି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ଯୋଜନା ବୋର୍ଡ଼ର୍ ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ "ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଯାଜପୁର ରୋଡ଼-ଧାମରା ରେଳ ଲାଇନ୍ ଏବଂ ଜାତୀୟ ଜଳପଥ-୫ ପ୍ରକଳ୍ପ ସରକାରଙ୍କ ପକ୍ଷରୁ ଯାଜପୁର ପାଇଁ ବଡ଼ ଅବଦାନ, ଯାହା ଦ୍ୱାରା ଜିଲ୍ଲାର ଅର୍ଥନୈତିକ ପ୍ରଗତି ହେବ। ଏହାସହ ବନ୍ୟାର ନିରାକରଣ ପାଇଁ ଦୀର୍ଘସ୍ଥାୟୀ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଉଛି ବୋଲି ବିଧାୟକ ଆକାଶ ଦାସନାୟକ କହିଛନ୍ତି। ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନ୍ୱେଷଣ ଥିଏଟର ପକ୍ଷରୁ ସରକାରଙ୍କ ଯୋଜନା ସମ୍ବନ୍ଧୀୟ ଏକ ଆକର୍ଷଣୀୟ ନାଟକ ଏବଂ କଳାକାରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା।

## ଛୟାଳସିଂହରେ ଗ୍ରାମପଞ୍ଚାୟତସ୍ତରୀୟ ସମ୍ମିଳନୀ


**ବନ୍ତ/ଆଗରପଡ଼ା,୨୩।୬(ସମିସ):** ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତରେ ମଙ୍ଗଳବାର ଗ୍ରାମ ପଞ୍ଚାୟତସ୍ତରୀୟ ସମ୍ମିଳନୀ କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସନ୍ତୋଷ ନାୟକଙ୍କ ସଭାପତିତ୍ୱ କରିଥିବାବେଳେ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚ ସତ୍ୟଭାମା ଧଳ, କମଳାକାନ୍ତ ସାହୁ, ସମାଜସେବୀ ଖଗେଶ୍ୱର ବେହେରା, ଗଦାଧର ରାଉତ, ନାଏବ ସରପଞ୍ଚ ଉର୍ମିଳା ଜେନା, ଏଡିଇଓ ବିଚିତ୍ର ଓଝା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ କାର୍ଡ ବଣ୍ଟନ ଓ ଯୋଜନାର ସୁବିଧା ବିଷୟରେ ଅବଗତ କରାଇଥିଲେ। ଏହି ଯୋଜନା ଅନୁସାରେ ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏ ଅଧୀନରେ ଥିବା ହିତାଧିକାରୀମାନଙ୍କୁ ପୂର୍ବରୁ ମିଳୁଥିବା ଚାଉଳ ସହ ଅତିରିକ୍ତ ୫ କେଜି ଚାଉଳ ମାଗଣାରେ ପ୍ରଦାନ କରାଯିବ, ଫଳରେ ପ୍ରତି ବ୍ୟକ୍ତିଙ୍କୁ ମୋଟ୍ ୧୦ କିଲୋଗ୍ରାମ୍ ଚାଉଳ ମିଳିବ। ଏହା ରାଜ୍ୟର ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ସୁବାସ ଜେନା, ପ୍ରଦୀପ ବାରିକ୍, ମାନସ ଜେନା, ପ୍ରସନ୍ନ ଗିରି, ଶ୍ରଦ୍ଧାରଞ୍ଜନ ନାୟକ, ରଞ୍ଜନ ଦାସ, ରାଜକିଶୋର ଘଡ଼ାଇ, ଶଙ୍କର୍ଷଣ ସେଠୀ, ରାଜକିଶୋର ପରିଡ଼ା, ଗୟାଧର ଗିରି, ପିଣ୍ଟୁ ଜେନା, ୱାର୍ଡ ମେମ୍ବର ବୀଣାପାଣି ଘଡ଼ାଇ, ମନୋପ୍ରୀତି ରାଉତ୍, ଦମୟନ୍ତୀ ଖଣ୍ଡା, ରାଜେଶ ଗିରି, ସସ୍ମିତା ବାରିକ୍, ଅର୍ଜୁନ ଚରଣ ଜେନା, ଦିଲ୍ଲୀପ ଜେନା, ସୁଭଦ୍ରା ଗିରି, ସନ୍ତୋଷ ଓଝାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବିଭିନ୍ନ ବିଭାଗୀୟ କର୍ମଚାରୀ ଏବଂ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ। ଏହି ୩ଦିନ କାର୍ଯ୍ୟକ୍ରମରେ ଆୟୁଷ୍ମାନ କାର୍ଡ, ସୁଭଦ୍ରା, ସୂର୍ଯ୍ୟଘର, ଗୋପବନ୍ଧୁ ବାର୍ଦ୍ଧକ୍ୟ ଭତ୍ତା, ଆଧାର ସଂଶୋଧନ, ଲେବର କାର୍ଡ, ରାସନ କାର୍ଡ ସମେତ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ପଞ୍ଚାୟତରେ ଅବଗତ ସମେତ ଆବେଦନ କରିପାରିବେ।

## ଜିଲ୍ଲା ଠିକାଦାର ସଂଘର ଧାରଣା



**ବାରିକପୁର,୨୩।୬(ସମିସ):** ସରକାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଇଚ୍ଛାକୃତ ଲେସ୍ ଟେଣ୍ଡର ଆଇନ ପ୍ରଣୟନ କରିଛନ୍ତି। ଯାହାକୁ ଦୀର୍ଘଦିନ ଧରି ବିଭିନ୍ନ ଠିକାଦାର ସଙ୍ଘ ବିରୋଧ କରୁଥିବା ଦେଖିବାକୁ ମିଳିଛି। ଏନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ସଂଘ ପକ୍ଷରୁ ଏବେ ସୁଦ୍ଧା ବିରୋଧାଭାସ ଜାରି ରହିଛି। ସମସ୍ତ ଠିକାଦାର ନିର୍ଦ୍ଧାରିତ ଟେଣ୍ଡରକୁ ସିଡ୍ୟୁଲ୍ ମୂଲ୍ୟରେ ପକାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର କିଛି ବ୍ୟତିକ୍ରମ ଭଦ୍ରକ ଜିଲ୍ଲାରେ ଦେଖାଯାଇଛି। ଜିଲ୍ଲାର ସମସ୍ତ ଠିକାଦାର ସଂଘ ନିଷ୍ପତ୍ତି ଅନୁଯାୟୀ, ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ଟେଣ୍ଡର ପକାଇଛନ୍ତି। ଏହାରି ଭିତରେ ଜିଲ୍ଲା ବାହାରର କିଛି ଠିକାଦାର ମନୋମୁଖୀ ଭାବେ ଲେସ୍‌ରେ ଟେଣ୍ଡର ପକାଇଥିବା ଜଣାପଡ଼ିଛି। ତେଣୁ ଏହାକୁ ତୀବ୍ର ବିରୋଧ କରି ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟଠାରେ ଧାରଣା ଆରମ୍ଭ ହୋଇଛି। ଜିଲ୍ଲାର ୭ଟି ବ୍ଲକ୍‌ର ଠିକାଦାରମାନେ ଏଥିରେ ସାମିଲ୍ ହୋଇଛନ୍ତି। ଜିଲ୍ଲା ସଭାପତି କୁମୁଦ ମହାପାତ୍ର, ସମ୍ପାଦକ ଅଜିତ କୁମାର ଦାସ, ବ୍ଲକ୍ ସଭାପତି ଲଳିତ ରାଉତ, ସମ୍ପାଦକ ଗିରିଶ ସାମଲଙ୍କ ନେତୃତ୍ୱରେ ୩୦୦ରୁ ଅଧିକ ଠିକାଦାର ଉପସ୍ଥିତ ରହି ଯେଉଁମାନେ ଲେସ୍ ଟେଣ୍ଡର ପକାଇଛନ୍ତି ସେମାନଙ୍କୁ ତୀବ୍ର ବିରୋଧ କରିଛନ୍ତି। ଅମାନିଆ ଠିକାଦାରଙ୍କ ବିରୋଧରେ ଜିଲ୍ଲା ଠିକାଦାର ସଂଘ ଧାରଣା ଜାରି ରଖିବ ବୋଲି ସୂଚନା ଦିଆଯାଇଛି।

## ଆଧୁନିକ ରୂପ ନେବ ଭଦ୍ରକର ନେହରୁ ଷ୍ଟାଡିୟମ



**ଭଦ୍ରକ,୨୩।୬(ସମିସ)**

ଭଦ୍ରକସ୍ଥିତ ନେହରୁ ଷ୍ଟାଡିୟମ୍‌ର ଉନ୍ନୟନ ଓ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଷ୍ଟାଡିୟମର ଭୌତିକ ଦଖଲ ହିନ୍ଦୁସ୍ତାନ ଷ୍ଟିଲ୍‌ୱର୍କ୍ସ କନଷ୍ଟ୍ରକ୍ସନ ଲିମିଟେଡ୍ (ଏଚ୍‌ଏସ୍‌ସିଏଲ୍), ଓଡ଼ିଶା ଜୋନ୍‌କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦିଲ୍ଲୀପ ରାଉତରାଏଙ୍କ ଆଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଦ୍ୱାରା ଏ ସମ୍ପର୍କିତ ପତ୍ର ଜାରି କରାଯାଇଛି। ଏଚ୍‌ଏସ୍‌ସିଏଲ୍ ପକ୍ଷରୁ ଅନୁମୋଦିତ ଡିପିଆର୍, ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ, ଗୁଣବତା ନିୟମାବଳୀ ଓ ପ୍ରଯୁଜ୍ୟ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଉନ୍ନୟନ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ। ପ୍ରକଳ୍ପ କାର୍ଯ୍ୟ ସମୟରେ ସୁରକ୍ଷା ବ୍ୟବସ୍ଥା, ବର୍ତ୍ତମାନ ଥିବା ସମ୍ପତ୍ତିର ସଂରକ୍ଷଣ, ଆବଶ୍ୟକ ବୈଧାନିକ ଅନୁମତି ଓ ନିୟମାବଳୀର ପାଳନ ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ

### ଏଚ୍‌ଏସ୍‌ସିଏଲ୍‌କୁ ହସ୍ତାନ୍ତର ହେଲା ଦଖଲ

ସମାପ୍ତି ପାଇଁ ଏଚ୍‌ଏସ୍‌ସିଏଲ୍ ଦାୟୀ ରହିବ। କାର୍ଯ୍ୟ ସମାପ୍ତି ପରେ ଉନ୍ନତ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ବ୍ୟବହାରଯୋଗ୍ୟ ଅବସ୍ଥାରେ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବ। ନେହରୁ ଷ୍ଟାଡିୟମର ଆଧୁନିକୀକରଣ ଦ୍ୱାରା ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଘଟିବା ସହ କ୍ରୀଡ଼ାବିତ୍‌ମାନଙ୍କୁ ଉନ୍ନତ ସୁବିଧା ମିଳିବ ଏବଂ ଜିଲ୍ଲାରେ କ୍ରୀଡ଼ା କ୍ଷେତ୍ରର ବିକାଶକୁ ନୂତନ ଗତି ମିଳିବ ବୋଲି ଆଶା କରାଯାଉଛି।

## ୨୨ ସହକାରୀ ସବ୍‌ଇନ୍ସପେକ୍ଟରଙ୍କ ଜିଲ୍ଲା ବାହାରକୁ ବଦଳି

**ପାଣିକୋଇଲି,୨୩।୬(ସମିସ):** ଯାଜପୁର ଜିଲ୍ଲାର ବିଭିନ୍ନ ଥାନାରେ ପ୍ରଶିକ୍ଷଣ ନେଉଥିବା ୨୨ ଜଣ ସହକାରୀ ସବଇନ୍ସପେକ୍ଟର (ଏଏସ୍‌ଆଇ)ଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି କରାଯାଇଛି। କୋରେଇ ଥାନାରେ କାର୍ଯ୍ୟରତ ଏଏସଆଇ କାହ୍ନୁଚରଣ ମହାରଣା, ଯାଜପୁରରୋଡ ଥାନାର ସୁଚିସ୍ମିତା ମଲ୍ଲିକ, ଜେନାପୁର ଥାନାର ଯଶୋବନ୍ତ ପାତ୍ର, ସୁକିନ୍ଦା ଥାନାର ମନୋରଞ୍ଜନ ରାଉତ, କଳିଙ୍ଗନଗର ଥାନାର ମଦନ ମୋହନ ସାହୁ, ବୈରୀ ଥାନାର ବିନୋଦିନୀ ପ୍ରଧାନ, ଯାଜପୁର ସଦର ଥାନାର ଅନନ୍ତ ଗୋପାଳ ସାହୁ, ସୁକୁମାର ବିଶ୍ୱାଳ, ପ୍ରଦୀପ କୁମାର ରାଉତଙ୍କୁ ବାଲେଶ୍ୱର ଜିଲ୍ଲାକୁ ବଦଳି କରାଯାଇଥିବା ବେଳେ ଯାଜପୁର ସଦର ଥାନାର ଅଞ୍ଜୁଲତା ସାହୁ, ବଡ଼ଚଣା ଥାନାର ଅମୀୟ ଦାସ, ବ୍ରହ୍ମବରଦା ଥାନାର ସୁନିଲ କୁମାର ସାମଲ, କୁଆଖିଆ ଥାନାର ସ୍ୱର୍ଣ୍ଣପ୍ରଭା ଦାସ ଓ ରଞ୍ଜନ କୁମାର ବେହେରାଙ୍କୁ କମିଶନରେଟ ପୁଲିସ, ବୈରୀ ଥାନାର ହେମନ୍ତ କୁମାର ବେହେରା, କୋରେଇ ଥାନାର ମଧୁସ୍ମିତା ସାହୁଙ୍କୁ କେନ୍ଦ୍ରାପଡା ଜିଲ୍ଲା, ପାଣିକୋଇଲି ଥାନାର ନରେଶ କୁମାର ମହାନ୍ତି, ବରୀ ଥାନାର ସୌମ୍ୟରଞ୍ଜନ ଧଳ, କୁଆଖିଆ ଥାନାର ଦେବାଶିଷ ମହାନ୍ତିଙ୍କୁ କଟକ ଜିଲ୍ଲା, ପାଣିକୋଇଲି ଥାନାର ମହେଶ୍ୱର ସାହୁ, କୋରେଇ ଥାନାର ବୈଶାଖୀ ଧଳ ଓ ବିନାୟକ ସାମଲଙ୍କୁ ଭଦ୍ରକ ଜିଲ୍ଲାକୁ ବଦଳି କରାଯାଇଥିବା ୧୩୫୪/ ଆରଓ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ମା' ବନଦୁର୍ଗାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଅସୁରାଳି,୨୩।୬(ସମିସ):** ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ଅଧୀନ ଗଡ଼ଗଡ଼ି ଗ୍ରାମରେ ଅଧିଷ୍ଠିତ ଗ୍ରାମଦେବତୀ ମା' ବନଦୁର୍ଗାଙ୍କ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯ ତାରିଖରେ ଧାନ୍ୟଧିବାସ, ଅଙ୍କୁରାରୋପଣ ଏବଂ ମଣ୍ଡଳାଦୀ କାର୍ଯ୍ୟ, ୨୦ରେ ପ୍ରାତଃ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋ-ପୂଜନ, ଦେବୀ ଉତ୍ଥାପନ, ନଗର ପରିକ୍ରମା, ଯଜ୍ଞାଦି କର୍ମ, ପୁରୁଷ ସୁକ୍ତ, ଶ୍ରୀସୁକ୍ତ ହବନ, ସ୍ନାନ, ଶୟନ, ଆରତୀ, ପୁଷ୍ପାଞ୍ଜଳି, ୨୧ ତାରିଖ ପ୍ରାତଃ ସମୟରେ ଦେବଧ୍ୱନି, ସୂର୍ଯ୍ୟପୂଜା, ଗୋ-ପୂଜା, ଯଜ୍ଞ, ବାସ୍ତୁ ପୂଜା, ପିଣ୍ଡି ପ୍ରତିଷ୍ଠା, ପତାକା, ତ୍ରିଶୂଳ ସ୍ଥାପନ, ଚଣ୍ଡୀ ହବନ, ଆରତୀ, ପୁଷ୍ପାଞ୍ଜଳି ଦିଆଯାଇଥିଲା। ୨୨ ତାରିଖ ପ୍ରାତଃ ସମୟରେ ଦେବଧ୍ୱନି, ସୂର୍ଯ୍ୟ ପୂଜା, ଗୋ-ପୂଜା, ଯଜ୍ଞ, ପ୍ରତିଷ୍ଠା, ବିଗ୍ରହଙ୍କ ନୂତନ ମନ୍ଦିର ପ୍ରବେଶ, ନବଯୌବନ ଦର୍ଶନ, ସହସ୍ର ନାମାବଳୀ ହବନ, ଆରତୀ, ଯଜ୍ଞ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ସହିତ କାର୍ଯ୍ୟ ସମାପନ ହୋଇଥିଲା। ୪ ଦିନ ବ୍ୟାପୀ ଗଡ଼ଗଡ଼ି ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ସୁଧାଂଶୁ ଶେଖର ମିଶ୍ର, ଅମରେନ୍ଦ୍ର ଦୀକ୍ଷିତ, ସୁଶାନ୍ତ ଆଚାର୍ଯ୍ୟ, ଗଜାନନ ମିଶ୍ର ଏବଂ ଚରଣ ପଣ୍ଡା ପ୍ରମୁଖ ପୂଜା କର୍ମ ତୁଲାଇଥିଲେ।

## ଅବ୍ୟବସ୍ଥା: ଖରାରେ ବସିଲେ ମହିଳା



**ବାରିକପୁର,୨୩।୬(ସମିସ):** ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଭଣ୍ଡାରିପୋଖରୀ ବ୍ଲକ୍‌ରେ ନାମକୁ ମାତ୍ର କରାଯାଉଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବନ୍ଧାଳ-ମଢ଼ିଆଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖରାରେ ଏହି ସମାବେଶ କରାଯାଇଛି। ଅବ୍ୟବସ୍ଥା କାରଣରୁ ଅସନ୍ତୋଷ ପ୍ରକାଶ କରି କିଛି ମହିଳା ଫେରି ଯାଇଥିବାବେଳେ ଅଳ୍ପ ସଂଖ୍ୟକ ମହିଳାଙ୍କୁ ଖରାରେ ବସାଇ ବିଧି ରକ୍ଷା କରିବା ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ସ୍ୱଳ୍ପ ସମୟ ପାଇଁ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ, କୃଷି ବିଭାଗ କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚ ଯୋଗଦେଇଥିଲେ। ସୁଭଦ୍ରା ମହିଳାଙ୍କ ଉତ୍ପାଦର ପ୍ରଦର୍ଶନୀ କାର୍ଯ୍ୟକ୍ରମ କିମ୍ବା ସଫଳ ମହିଳାଙ୍କ ପାଇଁ କୌଣସି କାର୍ଯ୍ୟକ୍ରମ କରାଯାଇ ନ ଥିଲା। ପଞ୍ଚାୟତର ଏମ୍‌ବିକେଙ୍କ ପରିବର୍ତ୍ତେ ବ୍ଲକ୍‌ର ମିଶନ ଶକ୍ତି ବିଭାଗ ପକ୍ଷରୁ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରଶାସନିକସ୍ତରରେ ଏଭଳି କାର୍ଯ୍ୟକ୍ରମକୁ ନେଇ ଖୋଦ୍ ସରପଞ୍ଚଙ୍କ ସମେତ ଅନ୍ୟ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଆଧ୍ୟାତ୍ମ୍ୟବାଦୀ ଶକୁନ୍ତଳାଙ୍କ ପରଲୋକ



**ଅସୁରାଳି,୨୩।୬(ସମିସ):** ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତର ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସଙ୍କ ବଡ଼ ଭାଉଜ ଆଧ୍ୟାତ୍ମ୍ୟବାଦୀ ଶକୁନ୍ତଳା ପରିଡ଼ାଙ୍କ ସୋମବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ ଆଧ୍ୟାତ୍ମିକ ଚେତନାବାଦୀ ମହିଳା ଥିଲେ। ସୋମବାର ରାତି ୧୦ଟାରେ ସେ ଅସୁସ୍ଥ ହୋଇପଡ଼ିବାରୁ ତୁରନ୍ତ ତାଙ୍କୁ ଭଦ୍ରକ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଚିକିତ୍ସାଳୟରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ସମିତିସଭ୍ୟ ରାକେଶ ପତି, ଶ୍ରୀକାନ୍ତ ନାୟକ, ବରିଷ୍ଠ ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ, ସାମ୍ବାଦିକ ସନ୍ତୋଷ ସାହୁ, ସାମ୍ବାଦିକ ସିଦ୍ଧାର୍ଥଶଙ୍କର ମିଶ୍ର, ମାନସ ପରିଡ଼ା, କାଳନ୍ଦୀ ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ଧାମନଗର ସିଡିପିଓ ଦମୟନ୍ତୀ ଦେଇ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ, ସମାଜସେବୀ ନିଶିକାନ୍ତ ନାୟକ, ଅର୍ଜୁନପୁର ସମିତିସଭ୍ୟ ବିଦ୍ୟାଧର ରାଉତ, ସନ୍ତୋଷ ରାୟ, ପଣ୍ଡିତ ଦୟାନିଧି ମିଶ୍ର, ସ୍ନେହାଶିଷ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମରଶରୀର ପହଞ୍ଚିବା ପରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୁଖାଗ୍ନି ଦେଇଥିଲେ ତାଙ୍କ ପୁତ୍ର ପ୍ରଭୁପାଦ ଦାସ। ଉପସ୍ଥିତ ଥିଲେ ଏକମାତ୍ର ଝିଅ ଗାୟତ୍ରୀ ଦାସ, ପୁତୁରା ଦେବଦତ ଦାସ, ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ। ସେ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଡିହସାହି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ସହାୟିକା ଭାବେ ଦୀର୍ଘ ୧୬ ବର୍ଷ ଧରି କାର୍ଯ୍ୟରତ ଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ସେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାପାଳଙ୍କଠାରୁ ସମ୍ବର୍ଦ୍ଧିତ ହୋଇଥିଲେ।

## 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



**ବନ୍ତ/ଆଗରପଡ଼ା,୨୩।୬(ସମିସ):** ବିଜେପି ପକ୍ଷରୁ 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ବନ୍ତ ବ୍ଲକ୍ ଅନ୍ତର୍ଗତ ବିଟିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶକ୍ତିକେନ୍ଦ୍ର ପ୍ରମୁଖ ଚିନ୍ମୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ସରପଞ୍ଚ ସୁଭଦ୍ରା ସିଂହ, ସରପଞ୍ଚଙ୍କ ପ୍ରତିନିଧି ସପନ ସିଂହ, ଶିବାନନ୍ଦ ଦାସ ଅଧିକାରୀ, ଅଶୋକ ପରିଡ଼ା ପ୍ରମୁଖ ଯୋଗଦେଇ ନରେନ୍ଦ୍ର ମୋଦୀଙ୍କ ସୁଶାସନ ସମ୍ପର୍କରେ ଆଲୋଚନା କରିଥିଲେ।

## ବାଲି ଖାଦାନରେ ରକ୍ତ ଭିଜା କଟୁରୀ



ବାରିକପୁର,୨୩।୬(ସମିସ): ଭଣ୍ଡାରିପୋଖରୀ ଥାନା ଜଗନ୍ନାଥ ପ୍ରସାଦ ନିକଟସ୍ଥ ବୈତରଣୀ ବାଲି ସୈରାତ ନିକଟରେ ଏକ ରକ୍ତ ଭିଜା କଟୁରୀ ପଡ଼ିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ମଙ୍ଗଳବାର ସକାଳୁ ନଦୀକୁ ଶୌଚ ହେବା ପାଇଁ ଯାଇଥିବାବେଳେ ସେଠାରେ ରକ୍ତ ଲାଗିଥିବା ଏକ ବଡ଼ କଟୁରୀ ସହିତ ଗଞ୍ଜି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାପରେ ଆଖପାଖ ଲୋକ ମଧ୍ୟ ନଦୀ ପଠାରେ ପହଞ୍ଚି ସମାନ ଚିତ୍ର ଦେଖିଥିଲେ। ଏନେଇ ପୁଲିସକୁ ମଧ୍ୟ ଖବର ଦିଆଯାଇଥିଲା। କିଏ ଓ କାହିଁକି ବେଆଇନ ବାଲି ଖାଦନ ନିକଟରେ ରକ୍ତ ଜୁଡୁବୁଡୁ କଟୁରୀ ଓ ଗଞ୍ଜି ରଖିଛି ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ଉକ୍ତ ଘଟଣାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବାରିକପୁର,୨୩।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଜଳମଣ୍ଡୁଆ ପଞ୍ଚାୟତ କରଞ୍ଜିଠାରେ ତିନି ଦିନ ଧରି ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଅଙ୍କୁରାରୋପଣ ସହିତ ଅଧିବାସ ଓ କଳସ ଯାତ୍ରା ଆୟୋଜିତ ହୋଇଥିଲା। ପରେ ପୂଜକମାନଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁଯାୟୀ, ନୂତନ ମନ୍ଦିର ପୂଜା ଓ ଜଗନ୍ନାଥ ମହାପ୍ରଭୁଙ୍କ ପୁନଃ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଥିଲା। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ସାମଲ, କଂଗ୍ରେସ ନେତା ସୁବ୍ରତ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମାଜସେବୀ ଅରୁଣ ବାରିକ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଷ୍ଠା ଉତ୍ସବରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଯୁବ ନେତା ଜଗଜ୍ଜୀବନ ବାରିକ, ଭାସ୍କର ମୁଦୁଲି, ଖଗେଶ୍ୱର ଦାସ, ଶରତ ବାରିକ, ପରମାନନ୍ଦ ନାୟକ, କରୁଣାକର ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ଆର୍ଯ୍ୟ ସମାଜରେ ବେଦ ପ୍ରବଚନ




ଭଦ୍ରକ,୨୩।୬(ସମିସ): ସଂସାରର ସବୁକିଛି ଜାଣିଲେ ବି ବ୍ରହ୍ମଜ୍ଞାନ ବା ଆଧ୍ୟାତ୍ମିକ ଜ୍ଞାନ ନ ଜାଣିଲେ ଜୀବନର ଲକ୍ଷ୍ୟ ଅପୂରଣ ରହେ ବୋଲି ଆର୍ଯ୍ୟ ସମାଜ ଭଦ୍ରକ ପକ୍ଷରୁ ତ୍ରିଦିବସୀୟ ଆଧ୍ୟାତ୍ମିକ ପ୍ରବଚନ ଡେରାଡୁନରୁ ଆସିଥିବା ସାଧକ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ ପ୍ରକାଶ କରିଥିଲେ। ସଂଯୋଜକ ଭାବରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଧର୍ମନାମରେ କର୍ମକାଣ୍ଡ ପୂଜା ପଦ୍ଧତି ଓ କେତେକ ଧାର୍ଯ୍ୟ ପରମ୍ପରାକୁ ମାନି ନିଆଯାଉଛି ମାତ୍ର ଆତ୍ମା ପରମାତ୍ମାଙ୍କ ଜ୍ଞାନ ଏହାଠାରୁ ପୃଥକ୍ ବୋଲି ଉପସ୍ଥାପନ କରିଥିଲେ। ମଙ୍ଗଳବାରଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରାତଃ ୭ଟାରୁ ୯ଟା ଏବଂ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମକୁ ସଭାପତି ବୀଣାପାଣି ପଣ୍ଡା ଓ ସମ୍ପାଦକ ସୁଧୀ ମୁଦୁଲିଙ୍କ ସହ ରବିନାରାୟଣ ଲେଙ୍କା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ସେଣ୍ଟ୍ରାଲ୍ ହାଉସ ଅଫ୍ ପାର୍ଲାମେଣ୍ଟରେ ଭଦ୍ରକ ଛାତ୍ରଙ୍କ ସଫଳତା




ଭଦ୍ରକ,୨୩।୬(ସମିସ): ଭଦ୍ରକରୁ ଦିଲ୍ଲୀ ସେଣ୍ଟ୍ରାଲ୍ ହାଉସ୍ ଅଫ ପାର୍ଲାମେଣ୍ଟ ଯାଏ ପହଞ୍ଚି ସେଠାରୁ ସଫଳତାର ପ୍ରମାଣପତ୍ର ପାଇବାର ଗୌରବ ଅର୍ଜନ କରିଛନ୍ତି ଭଦ୍ରକର ଛାତ୍ର ଅତିନ୍ଦ୍ର ବାରିକ୍। ଅତିନ୍ଦ୍ରଙ୍କ ଘର ଭଦ୍ରକ ବ୍ଲକ୍ ପରସିଙ୍ଗା ପଞ୍ଚାୟତସ୍ଥିତ ପଥରଆଡ଼ି ଗାଁରେ। ପ୍ରଥମେ ଜିଲ୍ଲାସ୍ତରରେ ପରେ ରାଜ୍ୟସ୍ତର ଓ ଶେଷରେ ଜାତୀୟସ୍ତରରେ ନିଜର ଦକ୍ଷତା ଓ ଜ୍ଞାନର ପରିପ୍ରକାଶ କରି ସଫଳତା ସାଉଁଟିଛନ୍ତି ଅତିନ୍ଦ୍ର। କେନ୍ଦ୍ର ସରକାରଙ୍କ ଯୁବ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ବିକଶିତ ଭାରତ ଉପରେ ଆଧାରିତ ଏକ ପ୍ରତିଯୋଗିତାରେ ରାଜ୍ୟରୁ ୩ ଜଣ ଛାତ୍ର ଚୟନ ହୋଇଥିଲେ। ସାରା ଦେଶରୁ ମୋଟ୍ ୧୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଭଦ୍ରକର ଅତିନ୍ଦ୍ର ନିଜ ମତ ରଖିଥିଲେ। ନାରୀ ଶକ୍ତି ବନ୍ଦନ ବିଷୟରେ ତାଙ୍କର ବକ୍ତବ୍ୟ ଏତେ ବଳିଷ୍ଠ ଓ ପ୍ରଭାବଶାଳୀ ଥିଲା ଯେ, ୧୫୦ ଜଣଙ୍କ ମଧ୍ୟରୁ ଅତିନ୍ଦ୍ର ଶ୍ରେଷ୍ଠ ପ୍ରମାଣିତ ହୋଇ କେନ୍ଦ୍ର ସରକାରଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ପଥରଆଡ଼ି ନିବାସୀ ସ୍ୱର୍ଗତ ଅରୂପ ବାରିକ ଓ ମାଆ ମିନାକ୍ଷୀ ବାରିକଙ୍କ ଏକମାତ୍ର ପୁତ୍ର ଅତିନ୍ଦ୍ର ଭବିଷ୍ୟତରେ ଜଣେ କୃଷି ବୈଜ୍ଞାନିକ ହେବେ ବୋଲି ନିଜ ଶିକ୍ଷା ଜାରୀ ରଖିଛନ୍ତି। ଅତିନ୍ଦ୍ରଙ୍କ ଏହି ସଫଳତା ବିଭିନ୍ନ ମହଲରୁ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି।

### ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ

# ‘ଦଳଗତ ନିର୍ବିଶେଷରେ ବିକାଶମୂଳକ କାମ ଜାରି ରହୁ’

ବାସୁଦେବପୁର,୨୩।୬(ସମିସ)

ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବାସୁଦେବପୁର ପୌରପାଳିକାର ବିକାଶମୂଳକ କାର୍ଯ୍ୟକ୍ରମ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଦଳଗତ ନିର୍ବିଶେଷରେ ସମସ୍ତଙ୍କୁ ଅଗ୍ରାଧିକାର ଦେବାକୁ ଦାବି କରିଥିଲେ। ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ ବାରିକ, ବିଜେଡିର କାଉନ୍‌ସିଲର ଓ ଦଳୀୟ କର୍ମୀମାନେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁଙ୍କୁ ଭେଟିଥିଲେ। ବାସୁଦେବପୁର ପୌରପାଳିକା ବିଭିନ୍ନ ୱାର୍ଡରେ ଆଲୋକୀକରଣରେ ଅବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଘର କରି ବିଲ୍‌ରେ ବିଳମ୍ବ ହେବା, ରାସନକାର୍ଡ ଚୟନରେ ପାତରଅନ୍ତର ନୀତି ଅବଲମ୍ବନ କରିବା, ବିଭିନ୍ନ ୱାର୍ଡରେ ବ୍ଲିଚିଙ୍ଗ୍ ପଡୁ ନ ଥିବାର ଅଭିଯୋଗ, କମ୍ୟୁନିଟି ପାଇଖାନା ସଫେଇ ନ ହେବା, ମଶା ଧୂଆଁ ସିଞ୍ଚନ କରିବା, ତ୍ରୁଟିପୂର୍ଣ୍ଣ ସଫେଇ କାର୍ଯ୍ୟ, ବିଭିନ୍ନ ୱାର୍ଡରେ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ସ୍ମାର୍ଟ ପାର୍କ ନିର୍ମାଣ କାମ ଧିମେଇବା, ହାଇସ୍କୁଲ ଛକ ପିପିପି ମୋଡ୍‌ରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା, ଉଠା ଦୋକାନୀଙ୍କ ପାଇଁ ଭେଣ୍ଡିଙ୍ଗ୍ ଜୋନ୍ ନିର୍ମାଣ, ଚାଚେରୀ ଛକରେ ମାର୍କେଟ କମ୍ପ୍ଲେକ୍ସ ଓ ମାଛ ମାର୍କେଟ କମ୍ପ୍ଲେକ୍ସ ଆଦି ପ୍ରକଳ୍ପ ସମ୍ପର୍କରେ ପୂର୍ବତନ ବିଧାୟକ ଶ୍ରୀ ରାଉତରାୟ ଆଲୋଚନା କରିଥିଲେ। ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁମୋହନ ସ୍ୱାଇଁ ପୂର୍ବତନ ବିଧାୟକ ଦାବିଗୁଡ଼ିକ ଗୁରୁତ୍ୱର ସହିତ ଗ୍ରହଣ କରି ପ୍ରକଳ୍ପର ଅଗ୍ରଗତି ଓ ଆର୍ଥିକ ସମ୍ବଳ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। କିଛି କାମ ହୋଇଛି, ଆଉ କିଛି କାମ ହେବାକୁ ଟେଣ୍ଡର ପ୍ରକ୍ରିୟାରେ ରହିଛି। ପୌରପାଳିକାର ୧ ଓ ୨ ନମ୍ବର ୱାର୍ଡ ବିଚ୍ଛିନ୍ନାଞ୍ଚଳ ଥିବାରୁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଏକ ରାସ୍ତାର ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ପାଦରେ ଚାଲିକି ଯିବା କଷ୍ଟକର ହୋଇପଡ଼ିଛି। ରାସ୍ତାରେ ଲାଗିଥିବା ଲାଇଟ୍ କମ୍ପାନୀର ମନମାନୀ ଯୋଗୁଁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଲୋକମାନଙ୍କ ସମସ୍ୟାର ସମାଧାନ ନ କଲେ ବିରୋଧୀ ଦଳ ଭାବେ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ପୂର୍ବତନ ବିଧାୟକ ଶ୍ରୀ ରାଉତରାୟ କହିଥିଲେ। ବିଜେଡି ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି, ବିଜେଡିର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, କାଉନ୍‌ସିଲର ଶୁଭେନ୍ଦୁ ପୃଷ୍ଟି, କାଉନ୍‌ସିଲର ଚନ୍ଦନ ସେନ୍, କାଉନ୍‌ସିଲର କୁନ୍ତଳା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



### ● ବିଦ୍ୟୁତ୍ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

## ଘରୁ ମିଟର ଉପାଡ଼ି ଆଣିଲା ବିଦ୍ୟୁତ୍ ବିଭାଗ

**ଆକ୍ରମଣକାରୀଙ୍କ ପରିବାରକୁ ବିଦ୍ୟୁତ୍ ସଂଯୋଗ ନ ଦେବାକୁ ଲାଗିଲା ଲଟ୍‌କା**

ଭଦ୍ରକ,୨୩।୬(ସମିସ): ହୁକ ପକାଇ ଲାଇନ୍ ଜାଳିବା ଓ ଫାଇନ୍ କଲେ ବିଦ୍ୟୁତ୍ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ପଡ଼ିଲା ମହଙ୍ଗା। ପୁଲିସ ଫୋର୍ସ ଉପସ୍ଥିତିରେ ବାଲେଶ୍ୱର ଓ ଭଦ୍ରକ ବିଦ୍ୟୁତ୍ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ସମ୍ପୃକ୍ତ ଘରର ମିଟର ଉପାଡ଼ି ଆଣିଛନ୍ତି। କେବଳ ଏତିକି କାର୍ଯ୍ୟାନୁଷ୍ଠାନ ନୁହେଁ, ବିଦ୍ୟୁତ୍ ଖୁଣ୍ଟରୁ ତାର ସିଜ୍ କରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି।



ପ୍ରକାଶ ଥାଉକି, ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଧୀନ ପଧାନପଡ଼ା ପଞ୍ଚାୟତର ଚଣ୍ଡୀପୁର ଗାଁର ଅବ୍‌ଦୁଲ ହସିମ ନାମକ ହିତାଧିକାରୀ ହୁକ ପକାଇ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନେଇ ପୂର୍ବରୁ ଦୁଇ ଥର ଜରିମାନା ଦେଇଥିଲେ। ତେବେ ପରେ ସେ ପୁଣି ହୁକ ପକାଇ ବିଦ୍ୟୁତ୍ ସଂଯୋଗ ନେଇଥିବାବେଳେ ଗତ ରବିବାର ବିଦ୍ୟୁତ୍ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ସମୟରେ ପରିବାର ଲୋକେ ସଂଘବଦ୍ଧ ଭାବେ ବିଦ୍ୟୁତ୍ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଘଟଣାକୁ ନେଇ ବିଦ୍ୟୁତ୍ ବିଭାଗ ତରଫରୁ ବନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

ଉକ୍ତ ଆକ୍ରମଣ ଘଟଣା ପରେ ଟିପିଏନ୍‌ଓଡିଏଲ୍(ଟାଟା ପାୱାର) କର୍ତ୍ତୃପକ୍ଷ ପୁଲିସର ସହଯୋଗ ନେଇଥିଲେ। ମଙ୍ଗଳବାର ବନ୍ତ ପୁଲିସର ସ୍ୱତନ୍ତ୍ର ଫୋର୍ସ ସହ ଏନ୍‌ଫୋର୍ସମେଣ୍ଟ ଟିମ୍ ଗାଁରେ ଚଢ଼ଉ କରିଥିଲା। ଚଢ଼ଉବେଳେ ଅଭିଯୁକ୍ତଙ୍କ ଘରର ମିଟର, ତାରକୁ କଢ଼ାଯାଇ ଜବତ କରିବା ସହ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ପରିବାରକୁ ବିଦ୍ୟୁତ୍ ସଂଯୋଗ ନ ଦେବାକୁ ଘର କାନ୍ଥରେ ଲଟ୍‌କା ବା ନୋଟିସ୍ ଲଗାଯାଇଛି। ସେହିଭଳି ଏହି ଘଟଣାରେ ବନ୍ତ ଥାନାରେ ଏକ ମାମଲା(ନଂ-୧୯୬/୨୬) ରୁଜୁ କରାଯାଇଥିବା ଜଣାଯାଇଛି।

## ଭଦ୍ରକରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଏଲ୍‌ଏ-୧ ବୈଠକ



ଭଦ୍ରକ,୨୩।୬(ସମିସ): ଆଗାମୀ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ସୁଚାରୁ ଓ ସ୍ୱଚ୍ଛ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ବିଏଲ୍‌ଏ-୧ ବୈଠକ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳ (ନିର୍ବାଚନ) ପ୍ରତିମା ନାୟକ ଉପସ୍ଥିତ ରହି ନିର୍ବାଚକ ତାଲିକା ସଂଶୋଧନ, ବିଏଲ୍‌ଏମାନଙ୍କ ଭୂମିକା, ଭୋଟର ତଥ୍ୟ ଯାଞ୍ଚ ଏବଂ ଚାଲିଥିବା ଏସ୍‌ଆଇଆର୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ-୧)ମାନଙ୍କୁ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ଅବଗତ କରାଯିବା ସହ ନିର୍ବାଚକ ତାଲିକାର ସଠିକତା ଓ ସ୍ୱଚ୍ଛତା ରକ୍ଷା ପାଇଁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ବିଭିନ୍ନ ପ୍ରସ୍ତାବ ଓ ମତାମତ ଉପରେ ଆଲୋଚନା ହେବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା।

### ● ଶିଶୁ ଶ୍ରମ ନିରାକରଣ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା

## ‘ପ୍ରତ୍ୟେକ ଶିଶୁ ଶିଖୁ, ବଢୁ ଓ ସ୍ୱପ୍ନ ଦେଖୁ’



ଭଦ୍ରକ,୨୩।୬(ସମିସ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକଠାରେ ‘ରାଜ୍ୟସ୍ତରୀୟ ଶିଶୁ ଶ୍ରମ ନିରାକରଣ ଅଭିଯାନ’ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଶ୍ରମ ବିଭାଗୀୟ ଆୟୋଗ ସଚ୍ଚିଦାନନ୍ଦ ଜେନା, ଜିଲ୍ଲା ଶ୍ରମ ଅଧିକାରୀ ପ୍ରେମମଞ୍ଜରୀ ନାୟକ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ୟୁନିସେଫ୍ ରିସୋର୍ସର ନେହା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ‘ପ୍ରତ୍ୟେକ ଶିଶୁ ଶିଖୁ, ବଢୁ ଓ ସ୍ୱପ୍ନ ଦେଖୁ’ ଥିମ୍ ତଥା ‘ଶିଶୁ ଶ୍ରମ ମୁକ୍ତ ଓଡ଼ିଶା-ଆମର ସଂକଳ୍ପ’ ଉଦ୍ଦେଶ୍ୟ ନେଇ ଆୟୋଜିତ କର୍ମଶାଳାରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତ ବିଭାଗୀୟ ଅଧିକାରୀ, ଅଣ ସରକାରୀ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କୁ ଶିଶୁ ଶ୍ରମ ନିରାକରଣ ଅଭିଯାନର ସଚେତନ କରାଇବା। ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତି ବା ପ୍ରକ୍ରିୟାରେ ନିୟୋଜିତ କରିବା ସମ୍ପୂର୍ଣ୍ଣ ନିଷେଧ ଓ ଏହା ଏକ ଦଣ୍ଡନୀୟ ଅପରାଧ। ୧୪ରୁ ୧୮ ବର୍ଷର କିଶୋରଙ୍କୁ ବିପଦସଂକୁଳ ବୃତ୍ତି ଓ ପ୍ରକ୍ରିୟାରେ ନିୟୋଜିତ କଲେ ବ୍ୟକ୍ତିଙ୍କୁ ଦଣ୍ଡ ହୋଇପାରେ। ଶିଶୁ ଶ୍ରମ ଦେଖିଲେ ତୁରନ୍ତ ନିକଟସ୍ଥ ଥାନା, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଚାଇଲ୍ଡଲାଇନ୍ ନମ୍ବର ୧୦୯୮ ଓ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫୬-୭୦୩ରେ ଯୋଗାଯୋଗ କରନ୍ତୁ। ସମସ୍ତ ଅନୁଷ୍ଠାନ, ଦୋକାନ ବଜାରରେ ସଚେତନତା ପୋଷ୍ଟର ଲଗେଇବା। ଶିଶୁକୁ କାମ ନୁହେଁ, ଶିକ୍ଷାରେ ସାମିଲ୍ କରିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ। ଶିଶୁକୁ ଶିକ୍ଷାର ଅଧିକାର ଦେବା, ଶିଶୁ ଶ୍ରମମୁକ୍ତ ସମାଜ ଗଢ଼ିବା ଏହି ସଂକଳ୍ପ ସହ ଭଦ୍ରକ ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ଏସ୍‌ଆଇଆର୍: ଜିଲ୍ଲାରେ ୮୯.୬୯% ଇଲେକ୍ଟର ଫର୍ମ ଡିଜିଟାଇଜେସନ



ଭଦ୍ରକ,୨୩।୬(ସମିସ): ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଜୁନ୍ ୨୩ ସୁଦ୍ଧା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ସମସ୍ତ ୧୩୨୬ ଜଣ ବିଏଲ୍‌ଓ ପ୍ରଶିକ୍ଷିତ ହୋଇ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଛନ୍ତି। ଜିଲ୍ଲାରେ ମୋଟ ୧୨ ଲକ୍ଷ ୮୪ ହଜାର ୬୧୮ ଜଣ ମତଦାତାଙ୍କ ମଧ୍ୟରୁ ୧୨ ଲକ୍ଷ ୮୪ ହଜାର ୪୭୫ଟି ଇଲେକ୍ଟର ଫର୍ମ (ଇଏଫ୍) ଡାଉନ୍‌ଲୋଡ୍ କରାଯାଇଥିବା ବେଳେ ସମସ୍ତ ୧୨ ଲକ୍ଷ ୮୪ ହଜାର ୬୧୮ଟି ଫର୍ମ ବଣ୍ଟନ କରାଯାଇଛି। ଏପର୍ଯ୍ୟନ୍ତ ୧୧ ଲକ୍ଷ ୫୨ ହଜାର ୨୦୮ଟି ଫର୍ମ ଡିଜିଟାଇଜ୍ ହୋଇଥିବାରୁ ଜିଲ୍ଲାର ଡିଜିଟାଇଜେସନ୍ ହାର ୮୯.୬୯ ପ୍ରତିଶତରେ ପହଞ୍ଚିଛି। ବିଧାନସଭା ଭିତ୍ତିକ ତଥ୍ୟ ଅନୁଯାୟୀ, ଧାମନଗର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୯୦.୯୭ ପ୍ରତିଶତ ଫର୍ମ ଡିଜିଟାଇଜ୍ ହୋଇଥିବାବେଳେ ବାସୁଦେବପୁରରେ ୯୦.୨୬ ପ୍ରତିଶତ, ଭଣ୍ଡାରିପୋଖରୀରେ ୯୦.୭୪ ପ୍ରତିଶତ, ଭଦ୍ରକରେ ୮୯.୩୩ ପ୍ରତିଶତ ଏବଂ ଚାନ୍ଦବାଲିରେ ୮୭.୨୩ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି। ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୧୧ ଲକ୍ଷ ୫୧ ହଜାର ୯୮୫ଟି ଫର୍ମ ବିଏଲ୍‌ଓମାନଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ବେଳେ କେବଳ ୨୦୭ଟି ଫର୍ମ ମତଦାତାଙ୍କ ଦ୍ୱାରା ଦାଖଲ ହୋଇ ଯାଞ୍ଚ ଅପେକ୍ଷାରେ ରହିଛି। ଏସ୍‌ଆଇଆର୍ କାର୍ଯ୍ୟକ୍ରମକୁ ଏଇଆର୍‌ଓମାନଙ୍କ ତତ୍ତ୍ୱାବଧାନରେ ତ୍ୱରାନ୍ୱିତ ଭାବେ ଆଗେଇ ନିଆଯାଉଛି।

## ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

**ଭିଜିଲାନ୍ସ ତଦନ୍ତ ଦାବି**

ସହିଦ ନଗର,୨୩।୬(ସମିସ)





ଧାମନଗର ବ୍ଲକ୍ ଅଧୀନସ୍ଥ ଅସୁରାଳି ପଞ୍ଚାୟତର ଉଚ୍ଚପଦା ଛକ ପୂର୍ତ୍ତ ବିଭାଗ ରାସ୍ତାଠାରୁ କାକୁଡ଼ିଗଡ଼ିଆ ଗ୍ରାମ ପର୍ଯ୍ୟନ୍ତ ରାଜ୍ୟ ବିପର୍ଯ୍ୟୟ ପାଣ୍ଠି (ଏସ୍‌ଡିଏମ୍‌ଏଫ୍) ଅଧୀନରେ କାକୁଡ଼ିଗଡ଼ିଆ ଅଞ୍ଚଳରେ ଚାଲିଥିବା ସଡ଼କ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚାଲିଥିବା ଏହି ପ୍ରକଳ୍ପରେ ସୂଚନାଫଳକ ନ ଥିବା, କାର୍ଯ୍ୟସ୍ଥଳରେ ବିଭାଗୀୟ ତଦାରଖର ଅଭାବ ଏବଂ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଛି। ଏସ୍‌ଡିଏମ୍‌ଏଫ୍ ଅଧୀନରେ ଭଦ୍ରକ ଜିଲ୍ଲାରେ ବିଭିନ୍ନ ବନ୍ୟା ପ୍ରତିରୋଧକ ସଡ଼କ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାମ ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ମଧ୍ୟ ତାଙ୍କ ଫୋନ୍ ଲାଗୁ ନ ଥିବାରୁ ତାହା ସମ୍ଭବ ହୋଇପାରିନାହିଁ। ଏପରିକି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, କାମର ଗୁଣବତା ଓ ନିୟମ ପାଳନ ସମ୍ପର୍କରେ ପ୍ରଶ୍ନ ଉଠାଇଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ବିଭାଗୀୟ ଏସ୍‌ଡିଓ ରଞ୍ଜନ ନାୟକ ନିଜର ଜନବଳ ଅଭାବ ଦର୍ଶାଇ ‘୨ଟି ବ୍ଲକ୍ ପାଇଁ ଜଣେ ଅଧିକାରୀ ରହିଛନ୍ତି, ଆମେ କ’ଣ କରିବୁ’ ବୋଲି କହିଥିବା ଅଭିଯୋଗ ହୋଇଛି। ତେବେ ଏହି ମନ୍ତବ୍ୟର ସତ୍ୟତା ଯାଞ୍ଚ ହୋଇପାରିନାହିଁ। ଅନ୍ୟପଟେ ଲୋକମାନେ ଅଭିଯୋଗ କରିଛନ୍ତି ଯେ, ଅଭିଯୋଗ ଶୁଣିବା ପରିବର୍ତ୍ତେ କିଛି ଅଧିକାରୀ ଲୋକଙ୍କ ମତାମତକୁ ଗୁରୁତ୍ୱ ଦେଉନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ଏହି କାମରେ ସରକାରୀ ଅର୍ଥର ସଠିକ୍ ବ୍ୟବହାର ହେଉଛି କି ନାହିଁ, କାର୍ଯ୍ୟର ଗୁଣବତା ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ହେଉଛି କି ନାହିଁ ଏବଂ କାହିଁକି ସୂଚନାଫଳକ ଲଗାଯାଇନାହିଁ, ସେନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଜନସାଧାରଣଙ୍କ ଅଭିଯୋଗ, ଯଦି ଆରମ୍ଭରୁ ସ୍ୱଚ୍ଛତା ଓ ତଦାରଖ ରହିଥା’ନ୍ତା, ତେବେ ଏଭଳି ପ୍ରଶ୍ନ ଉଠି ନ ଥା’ନ୍ତା। ତେଣୁ ସମଗ୍ର ପ୍ରକଳ୍ପର ଭିଜିଲାନ୍ସ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ପବିତ୍ର ମହରମ ପର୍ବ ନିମନ୍ତେ ଶାନ୍ତି କମିଟି ବୈଠକ

ଧାମନଗର,୨୩।୬(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ପବିତ୍ର ମହରମ ପର୍ବ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ ହେବ ସେନେଇ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭାଗୃହରେ ଶାନ୍ତି କମିଟିର ଆବାହକ ତଥା ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଅଧ୍ୟକ୍ଷା ନିବେଦିତା ଜେନା, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ, ଆଇଆଇସି ଶୁଭ୍ରଜିତ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ବୀରେନ୍ଦ୍ର ଜେନା, କୃଷ୍ଣ ଚନ୍ଦ୍ର ଜେନା, ଏମ୍‌ଡି ଇସ୍ରାଇଲ ହବିବି, ଗୋଲାମ ଜିଲାନି ହବିବି, ସେକ୍ ଜାଫର ଅଲ୍ଲୀ, ସେକ୍ ରୋସ୍ତମ, ପ୍ରତାପ ସାମଲ, ଲମ୍ବୋଦର ଜେନା, ଏମ୍‌ଡି ଫକିରୁଦ୍ଦିନ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକ, ବିଦ୍ୟୁତ୍ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ଶାଶ୍ୱତ ନନ୍ଦୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଇସଲାମିକ୍ ନୂତନ ବର୍ଷ ଏବଂ ପୀରବାବା ହୋଜୁର ମୁଜାହିଦ୍-ଏ-ମିଲ୍ଲତଙ୍କ ଜନ୍ମ ଦିନ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ବ୍ୟାପକ ଆଲୋଚନା କରିଥିଲେ। ଭାଇଚାରାର ମାଟି ଧାମନଗରରେ ପରସ୍ପରକୁ ସହଯୋଗ କରି ଏହି ପର୍ବ ପାଳନ କରିବାକୁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ସହ ଡିଜେ ସମ୍ପୂର୍ଣ୍ଣ ବନ୍ଦ କରିବା, ବାଡ଼ିଖେଳବେଳେ ମଦ୍ୟପାନ ନ କରିବା ପାଇଁ ପୁଲିସ ପକ୍ଷରୁ ତାଗିଦ୍ କରାଯାଇଥିଲା।



# ନ୍ୟାୟ ମିଳିଛି; ହେଲେ ଜୀବନ ପ୍ରତି ବିପଦ ଅଛି: ଜିତୁ ମୁଣ୍ଡା

ତୁରୁମୁଙ୍ଗା, ୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡାଙ୍କୁ ବ୍ୟାଙ୍କ ସେବା ଯୋଗାଇଦେବା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ମଲ୍ଲିପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମ୍ୟାନେଜର ନିଲମ୍ବିତ ହୋଇଛନ୍ତି। ଉକ୍ତ ବ୍ୟାଙ୍କ ଶାଖାରେ ଜିତୁ ମୁଣ୍ଡାଙ୍କ ମୃତ ଭଉଣୀ ଜମା ରାଶି ପ୍ରଦାନରେ ହୋଇଥିବା ଅହେତୁକ ବିଳମ୍ବକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ସମ୍ପୃକ୍ତ ବ୍ରାଞ୍ଚ ମ୍ୟାନେଜରଙ୍କୁ ନିଲମ୍ବନ କରାଯିବା ସହ ପୀଡ଼ିତ ପରିବାରର କ୍ଲେମ ସେଟଲମେଣ୍ଟ କରାଯାଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ବାବଦରେ ଅବଗତ କରାଇଥିବା ସୂଚନା ହସ୍ତଗତ ହୋଇଛି। ସ୍ଥାନୀୟ ପ୍ରଶାସନର ସହାୟତାରେ ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ ହେବା ପରେ, ମୃତ ଆକାଉଣ୍ଟଧାରୀଙ୍କ ଜମା ରାଶି ୧୯ହଜାର ୪୦୨ ଟଙ୍କା ତାଙ୍କ ଆଇନଗତ ଉତ୍ତରାଧିକାରୀ

■ ଜମା ଟଙ୍କା ପାଇଁ ବ୍ୟାଙ୍କକୁ କଙ୍କାଳ ବୋହିନେବା ଘଟଣା
■ ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ମ୍ୟାନେଜର ସୁଶାନ୍ତ ସେଠୀ ନିଲମ୍ବିତ



ଜିତୁ ମୁଣ୍ଡା ଓ ଅନ୍ୟ ଦୁଇ ଜଣଙ୍କ ସପକ୍ଷରେ ପ୍ରଦାନ କରାଯାଇଛି। ଏହାସହ ଗ୍ରାହକମାନଙ୍କୁ ସ୍ୱଚ୍ଛ ଓ ସହାନୁଭୂତିପୂର୍ଣ୍ଣ ସେବା ଯୋଗାଇବା ପାଇଁ ବ୍ୟାଙ୍କ୍ ତାର ସମସ୍ତ କ୍ଷେତ୍ରୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଛି। ଗତ ମେ ୨୯ରେ କେନ୍ଦ୍ର ଆର୍ଥିକ ସେବା ବିଭାଗ ଦେଶର ସମସ୍ତ ୨୮ଟି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କକୁ ଏନେଇ କଡ଼ା ନିର୍ଦ୍ଦେଶ ଦେଇଛି। ଗ୍ରାମୀଣ, ଆଦିବାସୀ ଓ ଅବହେଳିତ ବର୍ଗର ଗ୍ରାହକମାନେ ଯେପରି ବ୍ୟାଙ୍କିଙ୍ଗ୍ ସେବା ପାଇବାରେ କୌଣସି ହଇରାଣ ନହୁଅନ୍ତି, ତାହା ନିଶ୍ଚିତ କରିବାକୁ କୁହାଯାଇଛି।

କେନ୍ଦୁଝରର ଜିତୁ ମୁଣ୍ଡା ଘଟଣା ପରେ ବ୍ୟାଙ୍କର ଜଟିଳ ପ୍ରକ୍ରିୟା ଯୋଗୁଁ ଗରିବ ଆଦିବାସୀ ପରିବାର କେମିତି ହଇରାଣ ହେଉଛନ୍ତି, ତାକୁ ନେଇ ପ୍ରାସଙ୍ଗିକ ଚର୍ଚ୍ଚା ହୋଇଥିଲା। ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ କେନ୍ଦ୍ରର ଏହି ତ୍ୱରିତ ପଦକ୍ଷେପ ଗ୍ରାମୀଣ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସଂସ୍କାର ଆଣିବା ଦିଗରେ ଏକ ବଡ଼ ଦୃଷ୍ଟାନ୍ତ ବୋଲି କୁହାଯାଉଛି। ଅନ୍ୟପକ୍ଷରେ, ବ୍ୟାଙ୍କ ମ୍ୟାନେଜର ନିଲମ୍ବିତ ହେବା ପରେ ଜିତୁ ନ୍ୟାୟ ମିଳିଥିବା କହି ଖୁସି ବ୍ୟକ୍ତ କରିଛନ୍ତି। ତେବେ, ଏହି ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ସହ ଆଉ କିଛି ଅବହେଳା ଯୋଗୁଁ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାକୁ ନେଇ ମଧ୍ୟ ଜିତୁ ମୁଣ୍ଡା ଅପେକ୍ଷା କରିଥିବା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବ୍ୟାଙ୍କ ମ୍ୟାନେଜର ନିଲମ୍ବିତ ହେଲଣ ବର୍ତ୍ତମାନ ତାଙ୍କ ଜୀବନ ପ୍ରତି ବିପଦ ମଧ୍ୟ ରହିଛି। ବ୍ୟାଙ୍କର ଅସହଯୋଗଠାରୁ ଆରମ୍ଭ କରି କଙ୍କାଳ ବୋହିଥିବାରୁ ସାମାଜିକ ବାସନ୍ଦକୁ ନେଇ ଜିତୁମୁଣ୍ଡା ବିଶ୍ୱରେ ଚର୍ଚ୍ଚିତ ହୋଇଥିଲେ।

# ଜିତୁ ମୁଣ୍ଡାଙ୍କ ସଂଘର୍ଷକୁ ନେଇ ସିନେ ସ୍କ୍ରିପ୍ଟ ପ୍ରସ୍ତୁତି



ତୁରୁମୁଙ୍ଗା, ୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଚତୁରୀ ସାହିର ଜିତୁ ମୁଣ୍ଡାଙ୍କ ଜୀବନ ସଂଘର୍ଷ ଓ ଚର୍ଚ୍ଚିତ ଘଟଣାକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ କାହାଣୀ ଲେଖା କାର୍ଯ୍ୟ ଆରମ୍ଭ ହୋଇଛି। ଗତ ଏପ୍ରିଲ ୨୭ ତାରିଖରେ ମୃତ ଭଉଣୀ କାଲାରା ମୁଣ୍ଡାଙ୍କ ନାମରେ ଥିବା ବ୍ୟାଙ୍କ ଟଙ୍କା ଉଠାଇବା ପାଇଁ ଜିତୁ ମୁଣ୍ଡା ଭଉଣୀଙ୍କ କଙ୍କାଳ ଖୋଳି ପ୍ରାୟ ୪ କିଲୋମିଟର ବୋହି ମଲ୍ଲିପଶି ସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କକୁ ନେଇଥିଲେ। ଏହି ଘଟଣା ପରେ ଜିତୁ ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଫିଲ୍ମ ନିର୍ମାଣ କରିବାକୁ ପ୍ରସିଦ୍ଧ ସିନେ ପ୍ରଯୋଜକ ଓ ନିର୍ଦ୍ଦେଶକ ଅଶୋକ ପତି ଆଗ୍ରହ ପ୍ରକାଶ କରିଥିଲେ। ଗତ ମେ ୧୩ ତାରିଖରେ ସେ ଜିତୁ ମୁଣ୍ଡାଙ୍କ ସହ ଭେଟି ଫିଲ୍ମ ନିର୍ମାଣ ପାଇଁ ଚୁକ୍ତି ସ୍ୱାକ୍ଷର କରିବା ସହ ଅଗ୍ରିମ ଭାବେ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମଙ୍ଗଳବାର ଫିଲ୍ମର କାହାଣୀକାର ଭରଦ୍ୱାଜ ପାଣ୍ଡା ଡିଆନାଳି ଗ୍ରାମରେ ପହଞ୍ଚି ଜିତୁ ମୁଣ୍ଡାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେ ଡିଆନାଳି ଓ ଆଖପାଖ ମୁଣ୍ଡା ସମ୍ପ୍ରଦାୟ ଅଧିବାସୀ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସେମାନଙ୍କ ଜୀବନଶୈଳୀ, ସଂସ୍କୃତି, ପରମ୍ପରା, ସାମାଜିକ ରୀତିନୀତି ଓ ଦୈନନ୍ଦିନ ସଂଘର୍ଷ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। କାହାଣୀକାର ଶ୍ରୀ ପଣ୍ଡା କହିଛନ୍ତି ଯେ ପ୍ରାୟ ଏକ ସପ୍ତାହ ଧରି ତଥ୍ୟ ସଂଗ୍ରହ ପରେ ଏକ ବାସ୍ତବଧର୍ମୀ ଓ ହୃଦୟସ୍ପର୍ଶୀ କାହାଣୀ ପ୍ରସ୍ତୁତ କରାଯିବ। ପରେ ଏହାକୁ ନିର୍ଦ୍ଦେଶକ ଅଶୋକ ପତିଙ୍କୁ ଉପସ୍ଥାପନ କରାଯିବ ଏବଂ ଫିଲ୍ମର ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ ହେବ।

● କେ.ବାଲିପାଳରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ

# ୨୪ଟି ବିଭାଗର ଅଧିକାରୀ ଅନୁପସ୍ଥିତ; ଲୋକେ ଅସନ୍ତୁଷ୍ଟ

ହାଟଡ଼ିହୀ,୨୩।୬(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅନ୍ତର୍ଗତ କଅଁଳେଇବାଲିପାଳ ପଞ୍ଚାୟତରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ପ୍ରଚାର ପ୍ରସାର ଉତ୍ସବରେ ୪୦ଟି ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ସହିତ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ୍ ବିଭାଗ, ଖାଉଟି କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡ଼ିଏସି ଅଙ୍ଗନବାଡି କର୍ମୀ ଓ ମିଶନ ଶକ୍ତି ବିଭାଗ ବ୍ୟତୀତ ଅନ୍ୟ ୨୪ଟି ବିଭାଗର ସରକାରୀ କର୍ମଚାରୀ ବାବୁମାନେ ଅନୁପସ୍ଥିତ ଥିବା ଅଭିଯୋଗ ହୋଇଛି। ଏହିପରି ସରକାରଙ୍କର କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କର ଅନୁପସ୍ଥିତି ସଂପର୍କରେ ପଞ୍ଚାୟତବାସୀ ପିଇଓଙ୍କୁ ପଚାରିବାରୁ ସମସ୍ତ ବିଭାଗକୁ ଚିଠି କରାଯାଇଥିଲା ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲ୍ଲାରେ ଏହିପରି ସରକାରଙ୍କର କାର୍ଯ୍ୟକ୍ରମରେ ଅଧିକାରୀ ମାନଙ୍କର ଅନୁପସ୍ଥିତି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ପଞ୍ଚାୟତର ମାଳ ମାଳ ସମସ୍ୟା ଥିବାବେଳେ ସରକାରୀ ବାବୁମାନଙ୍କର ଏପରି ଅନୁପସ୍ଥିତ ପଞ୍ଚାୟତବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାର ପରେ ସରକାର ବଦଳୁଛି କିନ୍ତୁ କେ.ବାଲିପାଳ ପଞ୍ଚାୟତର ଚିତ୍ର ନବଦଳିବାର କାରଣ ସରକାରୀ ବାବୁମାନଙ୍କର ଏହିପରି ଅବହେଳା ବୋଲି ଉପସ୍ଥିତ ଥିବା ପଞ୍ଚାୟତର ବୁଦ୍ଧିରାମ ପୂର୍ତ୍ତି, ରାଉତ ହୋ, ସାଉଁରୀ ପୂର୍ତ୍ତି, ମାନି ପୂର୍ତ୍ତି, ପାଲ ହୋ, ରିତା ସୋରେନ୍, ସୁନାରାମ ପୂର୍ତ୍ତି, ସାଧ ହୋ, ପ୍ରଫୁଲ ହୋ, ରାମଚନ୍ଦ୍ର ଟୁଡୁ, ସାଇମନ ହୋ, ବାମିଆ ହୋ, ନନ୍ଦିନି ସଏ, ପଦ୍ମିନୀ ହାଇବୁରୁ, ହେମନ୍ତ ମାଝୀ, ବାଇଧର ନାଇକ, ମଙ୍ଗଲୁ ବିନିସିଆ, ସୁଶାନ୍ତ ନାଇକ, ଦ୍ରୌପଦୀ ମାଣିକ ପ୍ରମୁଖ ଶତାଧିକ ମହିଳା ଅଭିଯୋଗ ଆଣିଛନ୍ତି।

# ଉଦଳାର ବିଭିନ୍ନ ସମସ୍ୟା ନେଇ ଗର୍ଜିଲା ବିଜେଡି




ଉଦଳା,୨୩।୬(ସମିସ): ଉଦଳାର ବିଭିନ୍ନ ସମସ୍ୟାକୁ ନେଇ ଦାବି ଉଠାଇଲା ବିଜେଡି। ଯାହାକୁ ନେଇ ଆଜି ଉଦଳା ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ପୂର୍ବତନ ବିଜେଡି ବିଧାୟକ ଶ୍ରୀନାଥ ସୋରେନ ଏହି ସମ୍ମିଳନୀର ଆୟୋଜନ କରିଥିବା ବେଳେ ଆଜି ବି ବିଭିନ୍ନ ସମସ୍ୟାରେ ଉଦଳା ବାସିନ୍ଦା ଜର୍ଜରିତ ବୋଲି ଅଭିଯୋଗ ଆଣିଛି ବିଜେଡି। ବିଶେଷକରି ଉଦଳା-କପ୍ତିପଦାକୁ ରେଳ ଲାଇନ ସଂଯୋଗ, ଉଦଳା ମେଡିକାଲକୁ ଜିଲ୍ଲା ମେଡିକାଲ ଘୋଷଣା, ଉଦଳାରେ ସେଣ୍ଟ୍ରାଲ ସ୍କୁଲ, ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା, ନୀଳଗିରିରୁ ବାରିପଦା ଭାୟା ଉଦଳା, କପ୍ତିପଦା ହୋଇ ଜାତୀୟ ରାଜପଥ ନିର୍ମାଣ, ଶୀତଳ ଭଣ୍ଡାର ନିର୍ମାଣ ଭଳି ବିଭିନ୍ନ ଦାବି ରଖିଛି ବିଜେଡି। ଏହା ସହିତ ଏହି ଦାବି ସମୂହ ପୂରଣ ନ ହେଲେ ଆଗାମୀ ଦିନରେ ବିଜେଡି ଏହି ମୁଦ୍ଦାକୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ପୂର୍ବତନ ବିଧାୟକ ଶ୍ରୀ ନାଥ ସୋରେନଙ୍କ ନେତୃତ୍ୱରେ ଆଜିକାର ସାମ୍ବାଦିକ ସମ୍ମିଳନ ଅନୁଷ୍ଠିତ ହୋଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ମନୋଜ ମହାନ୍ତି, ବନମାଳି ବେହେରା, ସୌଭାଗ୍ୟ କୁମାର ସାହୁ, ଅମିୟ କୁମାର ବଳ, ନରେନ୍ଦ୍ର ମୋହନ ରାଉତ, ଶଶଧର ସ୍ୱାଇଁ, ଉଦଳା ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ଗୋପବନ୍ଧୁ ନଗର ବ୍ଲକ୍ ସଭାପତି ସତ୍ୟବାନ ଉପାଧ୍ୟାୟ, କପ୍ତିପଦା ବ୍ଲକ୍ ସଭାପତି ପ୍ରଶାନ୍ତ କୁମାର ବେହେରା, ଉଦଳା ଏନ୍ଏସି ଉପାଧ୍ୟକ୍ଷ ଲିଲି ଭୋଳ, ନାରୀ ନେତ୍ରୀ ବିଜୟା ବାରିକ ,କାଉନସିଲର ଭାରତୀ ପାତ୍ର, ଯମୁନା ହେମ୍ବ୍ରମ୍, ଯୁବ ନେତା ଆଶିଷ କୁମାର ଦାସ, ଶୈଳେଶ କୁମାର ବିଶ୍ୱାଳ, ବୀଣାକାର ମହାପାତ୍ର, ଭବାନୀଶଙ୍କର ମହାନ୍ତ, ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ବାରିକ୍, ପାଗାନ ମୁର୍ମୁ, ମାୟାଧର ନାଏକ, ପ୍ରତାପ ଚନ୍ଦ୍ର ବେହେରା, ମୁଚିରାମ ବେଶ୍ରା ସହଯୋଗ କରିଥିଲେ।

# ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ; ଯୁବକ ଗିରଫ



ତୁରୁମୁଙ୍ଗା, ୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳର ଜଣେ ଯୁବକ ସୋମବାର ବିଳମ୍ବିତ ରାତ୍ରୀରେ ପଡ଼ୋଶୀ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ରଜତ୍ ଓରଫ ପିକୁନ(୩୦)କୁ ମଙ୍ଗଳବାର ପାଟଣା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପିକୁନ ପଡୋଶୀ ସାହିର ଜଣେ ବିବାହିତା ମହିଳା ଦାଣ୍ଡ ଘରେ ଥିବା ବେଳେ ଦୁଷ୍କର୍ମ ଉଦ୍ୟମ କରିଥିଲା। ଏନେଇ ମହିଳାଙ୍କ ପରିବାର ଲୋକେ ମଙ୍ଗଳବାର ପାଟଣା ଥାନାରେ ଅଭିଯୋଗ କରିବା ପରେ ପାଟଣା ପୁଲିସ ଉଭୟଙ୍କ ଡ଼ାକ୍ତରୀ ପରୀକ୍ଷା କରିବା ସହ ପିକୁନକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ

ହାଟଡ଼ିହୀ,୨୩।୬(ସମିସ): ସୋସୋ ଥାନା ଅଧୀନସ୍ଥ ବାଲିଆ କେନାଲ ନିକଟରେ ଏକ ଅଜଣା ମୃତଦେହ ଠାବ ହୋଇଛି। ଆଜି ସନ୍ଧ୍ୟା ସମୟରେ ଉକ୍ତ ମହିଳାଙ୍କ ମୃତଦେହ ଜବତ କରି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛି।

# ଲିଙ୍କ୍ ଫେଲ୍; ଗ୍ରାହକ ହନ୍ତସନ୍ତ



ତୁରୁମୁଙ୍ଗା, ୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଗତ ଦୁଇ ଦିନ ଧରି ଲିଙ୍କ ଫେଲ ସମସ୍ୟା ଯୋଗୁଁ ଅସୁବିଧାରେ ପଡ଼ିଛନ୍ତି ଶତାଧିକ ଗ୍ରାହକ। ମଙ୍ଗଳବାର ବ୍ୟାଙ୍କ ଫାଟକରେ 'ନୋ ଲିଙ୍କ' ବୋଲି ସୂଚନା ଫଳକ ଲଗାଯାଇଥିବା ବେଳେ ଟଙ୍କା ଉଠାଇଣ ଓ ଜମା କରିବା ପାଇଁ ଗ୍ରାହକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ହନ୍ତସନ୍ତ ହୋଇଛନ୍ତି। ବିଶେଷ କରି ଭତ୍ତା ଟଙ୍କା ଏବଂ ନିଜ ଜମା ରାଶି ଉଠାଇବାକୁ ଆସିଥିବା ବୃଦ୍ଧବୃଦ୍ଧା ଅଧିକ ହଇରାଣ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ଗ୍ରାହକମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାବି କରିଥିବା ବେଳେ ମ୍ୟାନେଜରଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଏକ ଯାନ୍ତ୍ରିକ ତ୍ରୁଟି ଏବଂ ଶୀଘ୍ର ସେବା ସ୍ୱାଭାବିକ କରିବାକୁ ପଦକ୍ଷେପ ନିଆଯାଉଛି। ତେବେ, ମଧ୍ୟାହ୍ନ ବ୍ୟାଙ୍କ ସେବା ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ଆଉ ଜଣେ ଗୁରୁତର



ବେତନଟୀ,୨୩।୬(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ଗୋଲେଇସ୍ଥିତ ଜାତୀୟ ରାଜପଥ ଉପରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବେତନଟୀ ଅଞ୍ଚଳର ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଉଛନ୍ତି ବେତନଟୀ ଉପକଣ୍ଠ ସଠିଲୋ ଗ୍ରାମର ସ୍ୱର୍ଗତ କନ୍ଦର୍ପ ବେହେରାଙ୍କ ପୁତ୍ର ଅଶ୍ୱପତି ବେହେରା (୨୬)। ଆହତ ଯୁବକ ହେଉଛନ୍ତି ସଠିଲୋ ଗ୍ରାମର କୁଞ୍ଜବିହାରୀ ସାହୁଙ୍କ ପୁତ୍ର ଲକ୍ଷ୍ମଣ ସାହୁ। ଉଭୟେ ବସନ୍ତ ବେହେରାଙ୍କ ପୁତ୍ର ଶିଶିର ବେହେରା। ଓଡି-୧୧ଏକେ-୪୪୭୨ ନମ୍ବର ବାଇକ୍‌ରେ ବାଲେଶ୍ୱରରୁ କାମ ସାରି ବେତନଟୀ ଫେରୁଥିଲେ। ରେମୁଣା ଗୋଲେଇ ନିକଟରେ ଏକ ଟ୍ରେଲର୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅଶ୍ୱପତିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ଲକ୍ଷ୍ମଣ ଗୁରୁତର ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପାଇଁ ଲକ୍ଷ୍ମଣଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ୍ ଘଟଣାର ତଦନ୍ତ ଚଳାଇଛି ଏବଂ ଟ୍ରେଲର୍ ଚାଳକଙ୍କୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଅଶ୍ୱପତିଙ୍କ ଅକାଳ ମୃତ୍ୟୁରେ ସଠିଲୋ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉଦ୍ଧାର ଶିଶୁପୁତ୍ରଙ୍କୁ ଅଭିଭାବକଙ୍କୁ ହସ୍ତାନ୍ତର କଲା ପୁଲିସ




ମହୁଲଡିହା,୨୩।୬(ସମିସ): ମାନସିକ ବିକୃତ ଏକ ଶିଶୁପୁତ୍ରକୁ ୨୩ ତାରିଖ ରାତିରେ ଉଦ୍ଧାର କରିଛି ମହୁଲଡିହା ଥାନା ପୁଲିସ। ସୂଚନା ଅନୁସାରେ ୨୨ ତାରିଖ ୯ ଟାରେ ମହୁଲଡିହା ପଞ୍ଚାୟତ ରାଇଡିହା ଗ୍ରାମର ଅଙ୍ଗନବାଡି ଦିଦି ପିଲାର ଲକ୍ଷଣ ଅନୁଧ୍ୟାନ କରି ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସକୁ ଖବର ଦେଇଥିଲେ। ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ପିଲାଟିକୁ ଉଦ୍ଧାର କରି ବ୍ଲକ ପ୍ରଶାସନ ସହିତ କଥା ହୋଇ ସାତକୋଶିଆ ଆଶ୍ରମ ବିଦ୍ୟାଳୟରେ ରାତିରେ ରଖିଥିଲେ। ବିଡିଓ ସ୍ୱପ୍ନେଶ୍ୱର ବେହେରା ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସହିତ ଆଲୋଚନା କରିଥିଲେ। କଥା ଅନୁସାରେ ଚାଇଲ୍ଡ ହେଲ୍ପ ଲାଇନ ବାରିପଦାରୁ ଆସି ୨୩ ତାରିଖ ସକାଳେ ନେଇଯିବେ ବୋଲି ପ୍ରଧାନ ଶିକ୍ଷକ ଭୁବନ କୁମାର ପାତ୍ରଙ୍କୁ ପୁଲିସ କହିଥିଲେ। ଅପରାହ୍ଣରେ ସିଡିପିଓ ପ୍ରେମଲତା ସେଠୀ ପିଲାଟିକୁ ଥଇଥାନ ପାଇଁ କୁରୁଳିଆ ନେଇଥିଲେ। ଏହି ସମୟରେ ବନ୍ତ ଥାନା ଦେଗଡି ଗ୍ରାମର ସୁଶାନ୍ତ ଜେନାଙ୍କ ପୁଅ କୃଷ୍ଣା (୭) ବର୍ଷା ଗତକାଲି ନିରୁଦ୍ଦିଷ୍ଟ ଥିବା ଥାନା ଅଧିକାରୀଙ୍କୁ ଅବଗତ ହେଲା। ଆଇଆଇସିଙ୍କ କଥା ଅନୁସାରେ ସିଡିପିଓ ପିଲାକୁ ଥାନାକୁ ହସ୍ତାନ୍ତର କରିଥିଲେ। ବନ୍ତ ଥାନା ପୁଲିସ ସହିତ ଅଭିଭାବକ ସନ୍ଧ୍ୟା ପ୍ରାୟ ୮ଟାରେ ଥାନାକୁ ଆସି ପିଲାଟିକୁ ନେଇ ଯାଇଥିଲେ। ବନ୍ତ ଥାନାରେ ୨୦୦/୨୬ ରେ ଏକ ପିଲା ନିରୁଧିଷ୍ଟ ଥିବା ଜଣାପଡିଛି। କ୍ରିଷ୍ଣାର ବାପା ଚେନ୍ନାଇରେ କାମଦାମ କରନ୍ତି। ପିଲାର ମାଉସା ସୁଶାନ୍ତ ଜେନା, ମାଉସୀ ମାନସି ଜେନା ଓ ଭଉଣୀ ଲକ୍ଷ୍ମୀ ପ୍ରିୟା ଜେନା ଙ୍କୁ ଥାନାଧିକାରୀ ପିଲାକୁ ହସ୍ତାନ୍ତର କରାଯାଇଛି।

# ପଦ୍ମଶ୍ରୀ ପାଇଲେ ଚରଣ ହେମ୍ବ୍ରମ୍



ରାଇରଙ୍ଗପୁର,୨୩।୪(ସମିସ): ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଜୀବନ ବ୍ୟାପି ଅବଦାନ ପାଇଁ ସାନ୍ତାଳୀ ଲେଖକ ଚରଣ ହେମ୍ବ୍ରମ୍‌ଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବ ଘୋଷଣା ଅନୁସାରେ ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଲେଖକ ଶ୍ରୀ ହେମ୍ବ୍ରମ୍ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳର ପୁରୁଣାଘାଟି ସ୍ଥିତ ନୂଆ ଗାଁ ଗ୍ରାମରେ ୧୯୫୨ ମସିହା ଫେବୃଆରୀ ୯ ତାରିଖରେ ସାନ୍ତାଳୀ ସମ୍ପ୍ରଦାୟରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୭୧ ମସିହାରେ ମେଟ୍ରିକ ପାସ କରିବା ପରେ ଶିକ୍ଷକତା ନେଇ ତାଲିମ ଗ୍ରହଣ କରିଥିଲେ। ଏହାପରେ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ନିମନ୍ତେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ। ବିଭିନ୍ନ ସ୍ଥାନରେ ତାଲିମ ଗ୍ରହଣ କରିବା ପରେ ଆସେକା ସାଂସ୍କୃତିକ ସହ ଜଡ଼ିତ ହୋଇଥିଲେ। ତାହାର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱରେ ରହି ଆଦିବାସୀ ଭାଷା, ସଂସ୍କୃତି ଆଦି ବିକାଶ ନିମନ୍ତେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିଲେ। କଟକ ସ୍ଥିତ ଅଲ୍ ଇଣ୍ଡିଆ ରେଡିଓରେ ମଧ୍ୟ ସେ ନିଜର ପରିଚୟ ପ୍ରତିପାଦନ କରିଥିଲେ। ସାନ୍ତାଳୀ ଭାଷାର ପ୍ରସାର ନିମନ୍ତେ ଅନେକ ପ୍ରୟାସ କରିଥିବା ବେଳେ ସାନ୍ତାଳୀ ଭାଷା ରଥ କାର୍ଯ୍ୟକ୍ରମରେ ଜଡିତ ହୋଇ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ଆଦିବାସୀ ଭାଷା, ସାହିତ୍ୟ ଓ ସଂସ୍କୃତି ଆଗେଇ ନେବାକୁ ତାଙ୍କର ଅସାଧାରଣ ଅବଦାନକୁ ନେଇ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ନେଇ ଗତ ଜାନୁଆରୀରେ ଘୋଷଣା କରାଯାଇଥିଲା। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳର ବୋଲି ଜଣାପଡ଼ିଛି।

ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରାର ଦ୍ୱିତୀୟ ପ୍ରସ୍ତୁତି ବୈଠକ

# ସୁରକ୍ଷିତ ଓ ଶୃଙ୍ଖଳିତ ରଥଟଣାକୁ ଗୁରୁତ୍ୱ





● ରଥକାଠ ଅଭାବ ପୂରଣ ପାଇଁ ବ୍ୟାପକ ବନୀକରଣ ପ୍ରସ୍ତାବ
● ୪ଜୋନରେ ବଡ଼ଦାଣ୍ଡ ସୁରକ୍ଷା

ବାରିପଦା,୨୩।୬(ସମିସ)

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜିଉ ବିଜେଙ୍କ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ହେମକାନ୍ତ ସଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକ ଓ ଉପଜିଲ୍ଲାପାଳ ତଥା ଦେବତ୍ତୋର ଅଧିକାରୀ କସ୍ତୁରୀ ପଣ୍ଡା ଉପସ୍ଥିତ ରହି ଜଗନ୍ନାଥ ମନ୍ଦିର, ଅନ୍ୟ ମଠ, ମନ୍ଦିର ପରିଚ୍ଛା, ପୁରୋହିତ, ସମସ୍ତ ପୂଜକ, ଦେବତ୍ତୋର ଓ ଅନ୍ୟ ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି। ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବ ଜୀଉ ମନ୍ଦିରରେ ଆସନ୍ତା ଜୁଲାଇ ୧୩ରେ ଅଧିବାସ, ୧୪ରେ ନେତ୍ରୋତ୍ସବ, ୧୫ରେ ଉଭାଯାତ୍ରା, ୧୬ରେ ପହଣ୍ଡି ଏବଂ ୧୭ ଓ ୧୮ ଦୁଇ ଦିନ ଧରି ରଥଟଣା ୧୯ରେ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପ ବିଜେ ଓ ବେଶ ଦର୍ଶନ ଆରମ୍ଭ ହେବ। ୨୦ରେ ହେରା ପଞ୍ଚମୀ ଭେଟ, ୨୪ରେ ଦ୍ୱାରିକା ବେଶ, ଚକାଛଡା ନୀତି ଓ ବାହୁଡା ପହଣ୍ଡି, ୨୫ ଓ ୨୬ ଦୁଇ ଦିନ ଧରି ବାହୁଡା ରଥଟଣା ସମ୍ପନ୍ନ ପରେ ନୀଳାଦ୍ରି ବିଜେ ପହଣ୍ଡି କାର୍ଯ୍ୟ ଅନୁଷ୍ଠିତ ହେବ। ସେହିପରି ଜିଲ୍ଲାର ମାଣତ୍ରୀ ମନ୍ଦିର ଓ କାଛ ମଠର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ୧୬ତାରିଖ ଓ ବାହୁଡାଯାତ୍ରା ୨୪ରେ ଅନୁଷ୍ଠିତ ହେବ। ରାସଗୋବିନ୍ଦପୁର ଖୁଣ୍ଟା ଶ୍ରୀ ରଘୁନାଥ ଜୀଉ ମଠରେ ଶ୍ରୀଗୁଣ୍ଡିଚା ଯାତ୍ରା ୧୬ ଓ ୧୭ରେ ହେବାକୁ ଥିବା ବେଳେ ବାହୁଡା ଯାତ୍ରା ୨୪ ଓ ୨୫ରେ ଅନୁଷ୍ଠିତ ହେବ। ମଙ୍ଗଳପୁର ମଠରେ ୧୭ ତାରିଖ ଶ୍ରୀଗୁଣ୍ଡିଚା ଓ ୨୫ତାରିଖ ବାହୁଡାଯାତ୍ରା ହେବ। ସେହିପରି ପ୍ରତାପପୁର ଦଧିବାମନଜିଉ ମନ୍ଦିର ଓ ଅମର୍ଦା ହରିବଳଦେବଜିଉ ମଠର ଶ୍ରୀଗୁଣ୍ଡିଚା ରଥଯାତ୍ରା ୧୭ ଓ ୧୮ ଏବଂ ବାହୁଡ଼ାଯାତ୍ରା ୨୫ ଓ ୨୬ରେ ଅନୁଷ୍ଠିତ ହେବ ଏବଂ ବାରିପଦା ସାନ ଜଗନ୍ନାଥ ମନ୍ଦିରରେ ଜୁଲାଇ ୧୮ ତାରିଖ ରଥଟଣା ଓ ୨୬ରେ ବାହୁଡାଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଚଳିତ ବର୍ଷ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ଏବଂ ଆଡପ ମଣ୍ଡପ ଦର୍ଶନ ନୀତିକାନ୍ତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବାକୁ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ରଥ ନିର୍ମାଣ ନିମନ୍ତେ କାଠର ଅଭାବକୁ ଦୃଷ୍ଟିରେ ରଖି ଜଗନ୍ନାଥ ମନ୍ଦିର ନାମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବନୀକରଣ ପାଇଁ ବନବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଦେବତ୍ତୋର ବିଭାଗ ମଧ୍ୟ ସହାୟତା ପ୍ରଦାନ କରିବ ବୋଲି କହିଥିଲେ। ରଥଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ବ?ଦାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା, ରଥଯାତ୍ରା ସମୟରେ ସହରର ବିଭିନ୍ନ ସ୍ଥାନରେ ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା, ହୋଟେଲ ଓ ଜଳଖିଆ ଦୋକାନୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ ପରୀକ୍ଷା ଓ ଯାଞ୍ଚ ବ୍ୟବସ୍ଥା, ବଡ଼ଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରୟ ଉପରେ ନିଷେଧ, ରଥଟଣା ସମୟରେ ସିସିଟିଭି ବ୍ୟବସ୍ଥା ଉପରେ ସବିଶେଷ ଆଲୋଚନା ହୋଇଛି। ଚଳିତ ଥର ପ୍ରଥମ କରି ବଡ଼ଦାଣ୍ଡକୁ ୪ଟି ଜୋନରେ ବିଭକ୍ତ କରାଯାଇ ପ୍ରତି ଜୋନରେ ଜଣେ ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ସୁଉଚ୍ଚ ସ୍ଥାନରେ ଶିବିର ଖୋଲାଯାଇ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରାଯିବ ବୋଲି ନିଷ୍ପତି ହୋଇଛି। ସେହିପରି ପ୍ରବଳ ଗରମକୁ ଦୃଷ୍ଟିରେ ରଖି ଅଂଶୁଘାତ ବା ଅସୁସ୍ଥ ଶ୍ରଦ୍ଧାଳୁଙ୍କ ଚିକିତ୍ସା ପାଇଁ ବଡ଼ଦାଣ୍ଡରେ ୧୫-୨୦ଶଯ୍ୟା ବିଶିଷ୍ଟ ୨-୩ଟି ଅସ୍ଥାୟୀ ମେଡିକାଲ କ୍ୟାମ୍ପ କରାଯିବ। ରଥଦାଣ୍ଡର ମରାମତି କରିବା ସହିତ ରଥ ଗଡିବା ଉପରେ ସବିଶେଷ ଆଲୋଚନା ହୋଇଥିଲା। ଶାନ୍ତିଶୃଙ୍ଖଳାର ସହିତ ରଥଯାତ୍ରା ସମାପନ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡା ବୋଲି ଉପସ୍ଥିତ ଅଧିକାରୀଗଣ ମତବ୍ୟକ୍ତ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଦିନରେ

- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା।
- ୧୯୧୮- କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି।


# ଚା'-ବିସ୍କୁଟ୍‌ରୁ ହୋଇପାରେ ମଧୁମେହ



ଅନେକ ଲୋକଙ୍କର ସକାଳେ ଉଠିବା ମାତ୍ରେ ଚା'-ବିସ୍କୁଟ୍ ଖାଇବା ଅଭ୍ୟାସ ଥାଏ। ସେହିପରି ଯେଉଁମାନେ କେବଳ ଚା' ପିଅନ୍ତି ଏସିଡିଟି ନ ହେବା ଆଶାରେ ଏହାସହ ବିସ୍କୁଟ୍ ଖାଇଥାନ୍ତି। ହେଲେ ଏଭଳି ଅଭ୍ୟାସ ମଧୁମେହର କାରଣ ହୋଇପାରେ। ଦିଲ୍ଲୀ ଏମ୍ସର ଏଣ୍ଡୋକ୍ରାଇନୋଲଜି ବିଭାଗର ପ୍ରଫେସର ଡା. ରାଜେଶ ଖଡ଼ଗାବତ ସକାଳୁ ଚା'-ବିସ୍କୁଟ୍ ଖାଇବା ଅଭ୍ୟାସକୁ ନେଇ ଲୋକଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି, 'ବିସ୍କୁଟ୍‌ରେ ଲାକ୍‌ଟୋଜ ଏବଂ ଗ୍ଲୁକୋଜ୍ ଥାଏ। କିଛି ବିସ୍କୁଟ୍‌ରେ ଫ୍ଲେଭର୍ ବି ମିଶାଯାଇଥାଏ। ଏଥିରେ ଚିନି ଲୁଚିକରି ଥାଏ। ସେହିପରି କିଛି ବିସ୍କୁଟ୍‌ରେ କୃତ୍ରିମ ଶର୍କରା ବି ମିଶାଯାଏ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ଏବଂ ଶରୀରରେ ଚର୍ବି ବୃଦ୍ଧି ପାଏ। ଏଭଳି ସ୍ଥିତିରେ ଚା' ମିଠା ଥିଲେ ଏହା ଅଧିକ କ୍ଷତି ପହଞ୍ଚାଏ। ଖାଲି ପେଟରେ ଚା- ବିସ୍କୁଟ୍ ଖାଇବା ମଧୁମେହକୁ ନିମନ୍ତ୍ରଣ ଦେବା ସଦୃଶ। ଏହାକୁ ଖାଇବା ଦ୍ୱାରା ଶର୍କରା ସ୍ତର ବଢ଼ିଯାଏ। ଏଭଳି ସ୍ଥିତିରେ ସବୁଠୁ ଜରୁରି ହେଉଛି, ବିସ୍କୁଟ୍ ଖାଇବା ବେଳେ ଏହାର ଲେବଲ ପଢ଼ିବା ଏବଂ ତା' ସହ ଏଥିରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ଜାଣିବା। ଯଦି ଏଥିରେ ଉଚ୍ଚ ଶର୍କରା, ପାମ୍ ତେଲ ଲେଖାଥାଏ, ତେବେ ଏହାକୁ ଖାଇବାଠୁ ଦୂରେଇ ରହିବା ଉଚିତ। ଏଭଳି ବିସ୍କୁଟ୍ ସ୍ୱାସ୍ଥ୍ୟ ଲାଗି ହାନିକାରକ।' ତେଣୁ ସକାଳ ଜଳଖିଆରେ ବିସ୍କୁଟ୍ ନ ଖାଇବା ଭଲ। ଏହାକୁ ଖାଇଲେ ବି କିଛି ଲାଭ ନାହିଁ। ବିସ୍କୁଟ୍‌ରୁ ପ୍ରୋଟିନ କିମ୍ବା ପୋଷଣ କିଛି ନ ଥାଏ। ଏହା ବଦଳରେ ଚଣା, ମଖାନା ଖାଇବା ଶରୀର ପାଇଁ ଉତ୍ତମ। ଏଥିରେ ଶରୀରକୁ ପ୍ରୋଟିନ ମିଳେ ଏବଂ ଏସବୁ ସ୍ୱାସ୍ଥ୍ୟ ପାଇଁ ହିତକର।

## ଆଜିର ଦିନରେ

# ଜନସେବକ ନବକୃଷ୍ଣ ଚୌଧୁରୀ



ଓଡ଼ିଶା ଇତିହାସରେ ନବକୃଷ୍ଣ ଚୌଧୁରୀ ଜଣେ ନିଆରା ବ୍ୟକ୍ତିତ୍ୱ। ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ନିଜର ସରଳ ଜୀବନଯାପନ, ସ୍ପଷ୍ଟବାଦିତା ଏବଂ ତ୍ୟାଗପୂତ ରାଜନୀତି ପାଇଁ ସେ ଜନମାନସରେ 'ନବବାବୁ' ଭାବେ ବେଶ୍ ପରିଚିତ। ସେ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ସେ ଅନେକ ଥର କାରାବରଣ କରିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଣ୍ଡ ଗ୍ରାମରେ ବାସ କରିଥିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ। କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ 'ସାରଥି' ଏବଂ ତା ପରେ 'କୃଷକ' ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହେଲେ ମଧ୍ୟ ଦଳର ଆଦର୍ଶ ଅନୁଯାୟୀ, କୌଣସି ପଦବୀରେ ଅଧିଷ୍ଠିତ ହୋଇନଥିଲେ। ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହେଲେ। ୧୯୫୦ ମେ' ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଛଅ ବର୍ଷ କାଳ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତି ସ୍ଥାପନ ହୋଇଥିଲା। ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଜଣେ ସାଧାରଣ ଚାଷୀ ଭଳି ଜୀବନ ବିତାଇ ଗରିବ ଓ ନିଷ୍ପେଷିତ ଲୋକଙ୍କ ସେବା କରିଥିଲେ। ୧୯୮୪ ମସିହା ଆଜିର ଦିନରେ ଏହି ମହାନ ଜନନାୟକଙ୍କର ପରଲୋକ ଘଟିଥିଲା।

# 'କକ୍‌ଟେଲ୍' ପାଇଁ ମନା କରିଥିଲେ ରଣବୀର



ରଣବୀର କପୁର ଏବଂ ଦୀପିକା ପାଦୁକୋନ୍ ଏଯାବତ୍ ତିନୋଟି ଫିଲ୍ମରେ ଏକାଠି କାମ କରିଛନ୍ତି। ଏହି ଯୋଡ଼ିଙ୍କର ଆଉ ଏକ ଫିଲ୍ମ ମଧ୍ୟ ଆସିବାର ଥିଲା, କିନ୍ତୁ ନିଜେ ରଣବୀର ଏହାକୁ କରିବାକୁ ମନା କରିଦେଇଥିଲେ। ଏହି ଫିଲ୍ମଟି ଥିଲା 'କକ୍‌ଟେଲ୍'। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ୨୦୧୨ରେ ମୁକ୍ତିଲାଭ କରିଥିବା 'କକ୍‌ଟେଲ୍' ଚଳଚ୍ଚିତ୍ରରେ ଦୀପିକା, ଡାଏନା ପେଣ୍ଟି ଏବଂ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ସହ ଲିଡ୍ ରୋଲରେ ନଜର ଆସିଥିଲେ। ସୈଫ୍ ଏହି ଚଳଚ୍ଚିତ୍ରରେ 'ଗୌତମ' ଚରିତ୍ରରେ ଅଭିନୟ କରିଥିଲେ। ହେଲେ ଗୌତମ ଚରିତ୍ର ପାଇଁ ସୈଫ୍ ପ୍ରଥମ ପସନ୍ଦ ନ ଥିଲେ। ଫିଲ୍ମ ପ୍ରଯୋଜକ ଏହି ଚରିତ୍ର ପାଇଁ ରଣବୀର କିମ୍ବା ଇମ୍ରାନ୍ ଖାନ୍‌ଙ୍କୁ ନେବାକୁ ଚାହୁଁଥିଲେ। ଉଭୟ କିନ୍ତୁ ଏହି ଫିଲ୍ମ କରିବାକୁ ମନା କରି ଦେଇଥିଲେ। ନିକଟରେ ଏକ ସାକ୍ଷତକାର ସମୟରେ ସୈଫ୍ କହିଛନ୍ତି ଯେ, "ଏହି ଚଳଚ୍ଚିତ୍ର ପାଇଁ ଦୀପିକା ଏବଂ ଡାଏନାଙ୍କୁ ଚୟନ କରାଯାଇ ସାରିଥିଲା, କିନ୍ତୁ ନିର୍ମାତାମାନଙ୍କୁ ଚଳଚ୍ଚିତ୍ରର ମୁଖ୍ୟ ନାୟକ ଖୋଜିବାରେ ଅସୁବିଧା ହେଉଥିଲା, କାରଣ 'ଭେରୋନିକା'(ଦୀପିକା)ଙ୍କ ଚରିତ୍ର ବହୁତ ଜବରଦସ୍ତ ଥିଲା। ମୋତେ ଲାଗୁଛି ଯେ, ସେମାନେ ଇମ୍ରାନ୍ ଏବଂ ରଣବୀରଙ୍କୁ ଏଥିପାଇଁ ଯୋଗାଯୋଗ କରିଥିଲେ। ଏଥିରେ ହିରୋଙ୍କର କିଛି ବିଶେଷ ଭୂମିକା ନାହିଁ ବୋଲି ଅନୁଭବ କରି ରଣବୀର ଓ ଇମ୍ରାନ୍ ଏହାକୁ ଛାଡ଼ି ଦେଇଥିଲେ। ମୋତେ ଏହି ଚରିତ୍ର ପାଇଁ ଯୋଗାଯୋଗ କରିବା ପରେ ମୁଁ କାମ କରିବା ପାଇଁ ରାଜିଥିଲି। ମୋତେ ଲାଗୁଛି ଯେ, ସେମାନେ ସମସ୍ତେ ମୋ ପାଖରେ ଏଥିପାଇଁ କୃତଜ୍ଞ ରହିବା ଉଚିତ ଯେ, ମୁଁ ଏହି ଚରିତ୍ରଟି କଲି।" ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ରଣବୀର 'କକ୍‌ଟେଲ୍'କୁ ପ୍ରତ୍ୟାଖ୍ୟାନ କରିବା ସହିତ ଦୀପିକାଙ୍କୁ ମଧ୍ୟ ଏହି ଚଳଚ୍ଚିତ୍ରରେ କାମ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ, ଦୀପିକା ତାଙ୍କ କଥା ନ ଶୁଣି ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିଲେ। ଏହି ଚଳଚ୍ଚିତ୍ର ରିଲିଜ୍ ହେବା ପରେ ରଣବୀର ତାଙ୍କର ନିଷ୍ପତ୍ତି ଭୁଲ୍ ଥିଲା ବୋଲି ପରେ ସ୍ୱୀକାର କରିଥିଲେ।



# ସମ୍ଭାବନା

## ସାର୍ଟିଫିକେଟ୍ କିଭଳି ସାଇତି ରଖିବେ



**ସ୍କୁଲ ତଥା କଲେଜ ଦସ୍ତାବିଜଙ୍କୁ ସାଇତି ରଖିବା ଛାତ୍ର ଏବଂ ଅଭିଭାବକଙ୍କ ପାଇଁ ଏକପ୍ରକାର କଷ୍ଟକର କାମ ହୋଇଥାଏ। ତେବେ କିଛି ସହଜ ଉପାୟ ଆପଣାଇ ଏହି କାମକୁ ବ୍ୟବସ୍ଥିତ କରିପାରିବେ ଏବଂ ସବୁ କିଛି ଠିକ୍ ସ୍ଥାନରେ ରହିପାରିବ।**

ଆଜିର ସମୟରେ ପ୍ରତ୍ୟେକ କାମ ଟେକ୍ନୋଲୋଜି ମାଧ୍ୟମରେ ହେଉଛି। ଡିଜିଟାଲ ଉପାୟରେ ଫାଇଲକୁ ସେଭ୍ କରିବା ଉପଯୋଗୀ ହୋଇପାରେ। ଜରୁରି ଦସ୍ତାବିଜକୁ ସ୍କାନ କରି କମ୍ପ୍ୟୁଟର ତଥା କ୍ଲାଉଡ ଷ୍ଟୋରେଜରେ ଅଲଗା ଅଲଗା ଫୋଲଡର କରି ରଖନ୍ତୁ। ଏହା ଦ୍ୱାରା କାଗଜପତ୍ର ଖୋଜିବାକୁ ପଡ଼ିବ ନାହିଁ।

ରଙ୍ଗରେ କୋଡ୍ କରି ସ୍କୁଲ, କଲେଜ ଦସ୍ତାବିଜକୁ ବ୍ୟବସ୍ଥିତ ରଖିବାର ଏକ ସହଜ ଓ ପ୍ରଭାବୀ ଉପାୟ ବୋଲି କୁହାଯାଉଛି। ଅଲଗା ଅଲଗା ଜିନିଷ ଲାଗି ଭିନ୍ନ ଭିନ୍ନ ରଙ୍ଗ ବାଛିପାରିବେ। ଆସାଇନମେଣ୍ଟ, ସିଡ୍ୟୁଲ ଲାଗି ଅଲଗା, ଜରୁରି ସୂଚନା ଲାଗି ଭିନ୍ନ ରଙ୍ଗକୁ ବାଛିପାରିବେ। ଏହା ଦ୍ୱାରା ଏକଥା ବୁଝିବାରେ ସହଜ ହେବ, କେଉଁ ଦସ୍ତାବିଜ୍ ଆବଶ୍ୟକ।

ସ୍କୁଲ ଦସ୍ତାବିଜ ସିଷ୍ଟମକୁ ବ୍ୟବସ୍ଥିତ ରଖିବା ଲାଗି ଏକ ନିର୍ଦ୍ଧାରିତ ଦିନଚର୍ଯ୍ୟା ପ୍ରସ୍ତୁତ କରିବା ଉଚିତ। ଏ ଲାଗି ସପ୍ତାହରେ କିଛି ସମୟ ବାହାର କରି ନୂଆ କାଗଜପତ୍ରକୁ ଦେଖି ପୁରୁଣା ଦସ୍ତାବିଜକୁ ଅପଡେଟ୍ କରନ୍ତୁ। ଯାହାର ଆବଶ୍ୟକତା ନାହିଁ, ତାହାକୁ ହଟାଇ ଦିଅନ୍ତୁ।

ଦସ୍ତାବିଜକୁ ଭଲଭାବରେ ସମ୍ଭାଳିବା ପାଇଁ ଅନେକ ମୋବାଇଲ ଆପ୍ ଉପଲବ୍ଧ। ଏହି ଆପ୍ ସ୍ମାର୍ଟଫୋନ୍, ଟାବଲେଟ୍‌ରୁ ସିଧା ଫାଇଲକୁ ସ୍କାନ କରିବା ସହିତ ସାଇତି ରଖେ। ଏପରିକି ସେୟାର କରିବା ସୁବିଧା ପ୍ରଦାନ କରେ।

## ପାଠପଢ଼ାରେ ଧ୍ୟାନ ବୃଦ୍ଧି ପାଇଁ...



ସାଧାରଣତଃ ପାଠ ପଢ଼ାରେ ପିଲାଙ୍କ ଧ୍ୟାନ ଭଗ୍ନ ଶୀଘ୍ର ହୋଇଯାଏ। ବର୍ତ୍ତମାନ ସମୟରେ ମୋବାଇଲ, ଟିଭି, ଭିଡିଓ ଗେମ୍, ସୋସିଆଲ ମିଡିଆ ସେମାନଙ୍କ ଧ୍ୟାନ ଉପରେ ପ୍ରଭାବ ପକାଉଛି। ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ବ୍ରେନ ଏକ୍ସରସାଇଜ୍ କଲେ ଦୁଇ ମିନିଟ୍‌ରେ ପଢ଼ାରେ ମନ ଲାଗିବ।

**୫-୪-୩-୨-୧ ନିୟମ:** ପିଲାଙ୍କୁ ପାଞ୍ଚଟି ଜିନିଷ ଦେଖାନ୍ତୁ। ୪ଟିକୁ ସ୍ପର୍ଶ କରିବାକୁ କୁହନ୍ତୁ। ତିନିଟିର ଶବ୍ଦ ଶୁଣାନ୍ତୁ। ୨ଟି ସୁଗନ୍ଧ ଅନୁଭବ କରିବାକୁ କୁହନ୍ତୁ। ଗୋଟିଏର ସ୍ୱାଦ ବାରିବାକୁ କୁହନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କକୁ ଶାନ୍ତ କରେ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ମେମୋରି ଟ୍ରେ ଚ୍ୟାଲେଞ୍ଜ:** ଗୋଟିଏ ଟ୍ରେରେ ୮ ରୁ ୧୦ଟି ଛୋଟ ଜିନିଷ ରଖନ୍ତୁ। ପିଲାଙ୍କୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ତାହାକୁ ଦେଖିବାକୁ ଦିଅନ୍ତୁ। ତା'ପରେ ଟ୍ରେକୁ ଘୋଡ଼ାଇ ଦିଅନ୍ତୁ। ଏବେ ପିଲାଙ୍କୁ ବସ୍ତୁର ନାଁ ପଚାରନ୍ତୁ। ଏହି ଏକ୍ସରସାଇଜ ମେମୋରି ଏବଂ ଧ୍ୟାନକୁ ମଜଭୁତ କରେ।

**ଖେଳରେ ଧ୍ୟାନ:** ପିଲାଙ୍କୁ ଛିଡ଼ା କରି ଡାହାଣ ହାତକୁ ବାମ ଗୋଡ଼ ଏବଂ ବାମ ହାତରେ ଡାହାଣ ଗୋଡ଼କୁ ଛୁଇଁବାକୁ କୁହନ୍ତୁ। ଏହାକୁ ୨-୨ ମିନିଟ୍ କରନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କର ଦୁଇ ଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରେ। ଶିଖିବା କ୍ଷମତାକୁ ବିକଶିତ କରାଏ। ପିଲାଙ୍କୁ ଗୀତରେ ନାଚିବାକୁ କୁହନ୍ତୁ। ଗୀତ ବନ୍ଦ ହେବା ପରେ ସ୍ଥିର ହୋଇ ଛିଡ଼ା ହେବାକୁ କୁହନ୍ତୁ। ଏହି ଖେଳ ଆତ୍ମନିୟନ୍ତ୍ରଣ- ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ସ୍କ୍ରିନ୍ ଟାଇମ୍ ସୀମିତ କରନ୍ତୁ:** ପିଲାଙ୍କୁ ପର୍ଯ୍ୟାପ୍ତ ଶୋଇବାକୁ କୁହନ୍ତୁ। ପଢ଼ା ପାଇଁ ଶାନ୍ତ ବାତାବରଣ ସୃଷ୍ଟି କରନ୍ତୁ। ୨୦-୩୦ ମିନିଟ୍ ପଢ଼ା ପରେ ଛୋଟ ବ୍ରେକ୍ ନିଅନ୍ତୁ। ପୁଷ୍ଟିକର ଖାଦ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ ଟାଇମ୍ ସୀମିତ କରନ୍ତୁ।

## କ୍ୟାରିୟର ପାଇଁ କମ୍ପ୍ୟୁଟର କୋର୍ସ



**ବର୍ତ୍ତମାନ ଯୁଗ ସମ୍ପୂର୍ଣ୍ଣ ଡିଜିଟାଲ। ଚାକିରି ହେଉ ଅବା ବ୍ୟବସାୟ ପ୍ରାୟ ପ୍ରତ୍ୟେକ ସ୍ଥାନରେ କମ୍ପ୍ୟୁଟର ଜ୍ଞାନ ଏବେ ଲୋଡ଼ା ପଡ଼ୁଛି। ଏଭଳି ସ୍ଥିତିରେ କମ୍ ସମୟରେ କମ୍ପ୍ୟୁଟର ଜ୍ଞାନ କୌଶଳ ଶିଖିବା ଜରୁରି। କାରଣ ଏହା କ୍ୟାରିୟରକୁ ନୂଆ ଦିଶା ପ୍ରଦାନ କରିବ। କିଛି କମ୍ପ୍ୟୁଟର କୋର୍ସ ଏଭଳି ଅଛି, ଯାହାକୁ ୬ ମାସରୁ ଆରମ୍ଭ କରି ବର୍ଷେ ଭିତରେ ପୂରା କରାଯାଇପାରିବ। ଏହା ମାଧ୍ୟମରେ ଭଲ ଚାକିରି ମଧ୍ୟ ମିଳିଥାଏ।**

**ଡିସିଏ:** ଡିପ୍ଲୋମା ଇନ୍ କମ୍ପ୍ୟୁଟର ଆପ୍ଲିକେସନ (ଡିସିଏ) ଏକ ଉତ୍ତମ କୋର୍ସ। ଏହି କୋର୍ସର ଅବଧି ମୁଖ୍ୟତଃ ୬ ମାସରୁ ବର୍ଷେ। ଏଥିରେ ଏମ୍ଏସ୍ ୱାର୍ଡ, ଏକ୍ସେଲ, ପାୱାର ପଏଣ୍ଟ, ଇଣ୍ଟରନେଟ୍ ଏବଂ କମ୍ପ୍ୟୁଟର ସମ୍ପର୍କରେ ଶିଖାଯାଏ। ଏହି କୋର୍ସର ଫି' ଇନଷ୍ଟିଚ୍ୟୁଟ୍ ଅନୁସାରେ, ନିର୍ଦ୍ଧାରିତ ହୁଏ। କୋର୍ସ ପୂରା କରିବା ପରେ ଡାଟା ଏଣ୍ଟ୍ରି ଅପରେଟର, ଅଫିସ୍ ଆସିଷ୍ଟାଣ୍ଟ, କମ୍ପ୍ୟୁଟର ଟ୍ରେନର ଭାବେ କ୍ୟାରିୟର କରିପାରିବେ।

**ଟାଲି:** କମର୍ସ ଏବଂ ଆକାଉଣ୍ଟିଂରେ ଆଗ୍ରହ ରଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଟାଲି କୋର୍ସ ଖୁବ୍ ଉତ୍ତମ। ଦଶମ ଏବଂ ଦ୍ୱାଦଶ ପରେ ଏହି କୋର୍ସ କରାଯାଇପାରିବ। ଏଥିରେ ବୁକ୍‌କିପିଂ, ଜିଏସ୍‌ଟି, ବିଲିଂ, ଇନଭେଣ୍ଟ୍ରି ମ୍ୟାନେଜମେଣ୍ଟ ଏବଂ ଆକାଉଣ୍ଟ ସହ ଜଡ଼ିତ ବିଷୟ ଉପରେ ଟ୍ରେନିଂ ପ୍ରଦାନ କରାଯାଏ। ଏହି କୋର୍ସ ପୂରା ହେବା ପରେ କମ୍ପାନି ଆକାଉଣ୍ଟ ବିଭାଗରେ ଚାକିରି ପାଇବା ଅବସର ବଢ଼ିଯାଏ।

**ସି++:** ପୋଗ୍ରାମିଂ ପ୍ରତି ଆଗ୍ରହ ଥିଲେ ସି++ ଏବଂ ସଫ୍ଟୱେର ଇଞ୍ଜିନିୟରିଂ କୋର୍ସ ଭଲ ବିକଳ୍ପ। ଏହି କୋର୍ସରେ ପୋଗ୍ରାମିଂ ଲାଙ୍ଗୁଏଜ, ସଫ୍ଟୱେର ଡେଭଲପମେଣ୍ଟ, ଆପ୍ଲିକେସନ ଡିଜାଇନିଂ ସମ୍ପର୍କିତ ଜ୍ଞାନ ପ୍ରଦାନ କରାଯାଏ। ଆଜିର ସମୟରେ ସଫ୍ଟୱେର ଡେଭଲପର ଏବଂ ଆପ୍ ଡେଭଲପରର ଚାହିଦା ଦ୍ରୁତ ଗତିରେ ବଢ଼ୁଛି। ଏହା ପରେ ଟେକ୍ନୋଲୋଜି ସେକ୍ଟରରେ କ୍ୟାରିୟରର ଅନେକ ରାସ୍ତା ଖୋଲିଯାଏ।

**ଇ-ବିଜନେସ୍:** ଡିଜିଟାଲ ଇଣ୍ଡିଆ ଏବଂ ଅନଲାଇନ ବିଜନେସର ଚାହିଦା ବଢ଼ୁଥିବାରୁ ସାଇବର ସିକ୍ୟୁରିଟି ଏବଂ ଇ-ବିଜନେସ ଏକ୍ସପର୍ଟଙ୍କ ଚାହିଦା ଦ୍ରୁତ ଗତିରେ ବଢ଼ୁଛି। ଏହି କୋର୍ସରେ ୱେବ୍‌ସାଇଟ ମ୍ୟାନେଜମେଣ୍ଟ, ଅନଲାଇନ ପେମେଣ୍ଟ ସିଷ୍ଟମ, ଡିଜିଟାଲ ବିଜନେସ ଅପରେସନ ଏବଂ ଇଣ୍ଟରନେଟ୍ ସୁରକ୍ଷା ସହିତ ଜଡ଼ିତ ବିଷୟ ଶିଖାଯାଉଛି। କୋର୍ସ ପୂରା ହେବା ପରେ ଡିଜିଟାଲ ମାର୍କେଟିଂ ଏଜେନ୍ସି, ଇ-କମର୍ସ କମ୍ପାନି ବା ସାଇବର କନସଲଟାଣ୍ଟ ଭାବେ ନିଜ କ୍ୟାରିୟର ଆରମ୍ଭ କରିପାରିବେ।

## ଜୁମ୍‌ର ନୂଆ ଟୁଲ୍

ଜୁମ୍ ତା'ର ନୂଆ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ୍ 'ଜୁମ୍‌ମେଟ୍'କୁ ପରିଚିତ କରାଇଛି। ଏହି ଟୁଲ୍ ମିଟିଂକୁ ଧ୍ୟାନରେ ଶୁଣେ ଏବଂ ଏହାପରେ ଫଲୋ-ଅପ୍ କାମକୁ ସଙ୍ଗେ ସଙ୍ଗେ ନିଜେ କରିଦିଏ। ମିଟିଂରେ କୌଣସି ନିଷ୍ପତ୍ତି ନିଆଗଲେ ଏହି ଟୁଲ୍ ସଙ୍ଗେ ସଙ୍ଗେ ତାହା ଉପରେ କାମ କରିବା ଆରମ୍ଭ କରେ। ଏଇ ଯେମିତି ଟିକଟ୍ ତିଆରି କରିବା, ସେଲଫୋର୍ସକୁ ଅପଡେଟ କରିବା, ପ୍ରସ୍ତାବ ପ୍ରସ୍ତୁତ କରିବା ତଥା ଟିମ୍‌କୁ ଜରୁରି ତଥ୍ୟ ଦେବା।

ଏହା ଜୁମ୍‌ମେଟ୍ ସ୍ଲେକ୍, ଗୁଗଲ ୱାର୍କସ୍ପେସ୍, ମାଇକ୍ରୋସଫ୍ଟ ୩୬୫ ଏବଂ ଅନ୍ୟ ପରିଚିତ ଆପ ସହିତ ସହଜରେ ଯୋଡ଼ି ହୋଇଯାଏ। ଏହା କେବଳ ମିଟିଂର ସାରାଂଶ ପ୍ରଦାନ କରି ନ ଥାଏ, ବରଂ ଲାଇଭ୍ ମିଟିଂ ସମୟରେ ପ୍ରକୃତ କାମ କରିଥାଏ। ଏହା ଦରକାର ପଡ଼ିଲେ ଜରୁରି ଡାଟାକୁ ସାମ୍ନାକୁ ଆଣେ। ନଚେତ କଲ୍ କଟି ଯିବା ମାତ୍ରେ ହିଁ ଫଲୋ-ଅପ୍ ମେସେଜ ପଠାଇ ଦିଏ। ଏହି ଟୁଲ୍ ଜୁମ୍‌ର ପେଡ୍ ପ୍ଲାନ୍ ସହିତ ଆଡ୍‌ଅନ୍ ଭାବେ ମିଳିଥାଏ। ଏହା ଦ୍ୱାରା ବ୍ୟସ୍ତ ଟିମ୍‌କୁ କାମ କରିବା ଖୁବ୍ ସହଜ ହେବା କୁହାଯାଉଛି।








## ୧୬ତମ ଗୋଲ୍ ଦେବାରେ ଏମ୍‌ବାପେ ଦ୍ରୁତତମ

ଫିଲାଡେଲଫିଆ,୨୩।୬(ଏଜେନ୍ସି): ଏଠାରେ ସୋମବାର ଖେଳାଯାଇଥିବା ଇରାକ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଫ୍ରାନ୍ସର ୨୭ ବର୍ଷୀୟ ତାରକା ଖେଳାଳି କିଲିଆନ୍ ଏମ୍‌ବାପେ ୨ଟି ଗୋଲ ସ୍କୋର କରିଛନ୍ତି। ଏହି ଡବଲ ଗୋଲ ବଳରେ ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୬ରେ ପହଞ୍ଚିଛି। ସେ ବିଶ୍ୱକପ୍‌ରେ ୧୬ତମ ମ୍ୟାଚ୍ ଖେଳି ୧୬ଟି ଗୋଲ ଦେବା ସହ ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କ୍ଲୋଜ୍ ୨୪ଟି ଓ ସର୍ବକାଳୀନ ଟପ୍ ସ୍କୋରର ଆର୍ଜେଣ୍ଟିନାର ଲିଓନେଲ ମେସି ୨୭ତମ ମୁକାବିଲାରେ ୧୬ତମ ଗୋଲ ସ୍କୋର କରିଥିଲେ। କ୍ଲୋଜ୍ ୪ଟି ଓ ମେସି ୬ଟି ବିଶ୍ୱକପ୍ ସଂସ୍କରଣରେ ଖେଳିଛନ୍ତି। କିନ୍ତୁ ୨୦୧୮, ୨୦୨୨ ଓ ୨୦୨୬ରେ ଏମ୍‌ବାପେ ତୃତୀୟ ବିଶ୍ୱକପ୍ ଖେଳୁଛନ୍ତି। ସେ ଯେପରି ଖେଳୁଛନ୍ତି ଚଳିତ ବିଶ୍ୱକପ୍‌ରେ ମେସିଙ୍କୁ ଅତିକ୍ରମ କରି ଫିଫା ବିଶ୍ୱକପ୍‌ରେ ସର୍ବକାଳୀନ ଟପ୍ ଗୋଲ ସ୍କୋରର ହେବାର ରେକର୍ଡ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଫ୍ରାନ୍ସ ପକ୍ଷରୁ ସେ ମଧ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି ଓ ଏବେ ଦଳର ଅଧିନାୟକ ରହିଛନ୍ତି। ମେସି ୧୮, ଏମ୍‌ବାପେ ଓ କ୍ଲୋଜ୍ ୧୬ଟି ଲେଖାଏଁ, ବ୍ରାଜିଲ୍‌ର ରୋନାଲ୍ଡୋ ୧୫ଟି, ପଶ୍ଚିମ ଜର୍ମାନୀର ଗର୍ଡ ମୁଲର ୧୪ଟି ଗୋଲ ସ୍କୋର କରି ସର୍ବକାଳୀନ ସର୍ବାଧିକ ଗୋଲ ତାଲିକାରେ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନରେ ରହିଛନ୍ତି।

## ରାଉଣ୍ଡ ୩୨ରେ ଆର୍ଜେଣ୍ଟିନା

ଡଲାସ, ୨୩।୬ (ଏଜେନ୍ସି): ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସି ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ଆଉ ଏକ ଐତିହାସିକ ବିଶ୍ୱ କୀର୍ତ୍ତିମାନ କରିଛନ୍ତି। ଫିଫା ବିଶ୍ୱକପ୍ ଇତିହାସର ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି ମେସି। ସୋମବାର ରାତିରେ ଏଠାରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ଅଷ୍ଟ୍ରିଆ ମଧ୍ୟରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଗ୍ରୁପ୍-ଜେ'ର ଏକ ମ୍ୟାଚରେ ମେସି ଏହି ବିଶ୍ୱରେକର୍ଡ କରିଛନ୍ତି। ମ୍ୟାଚରେ ମେସିଙ୍କ ଡବଲ୍ (୩୮ତମ ଓ ୯୫ତମ) ଗୋଲ୍ ବଳରେ ଆର୍ଜେଣ୍ଟିନା ୨-୦ରେ ବିଜୟୀ ହୋଇଥିଲା। ପୂର୍ବରୁ ଆଲ୍‌ଜେରିଆକୁ ପରାସ୍ତ କରିଥିବା ଆର୍ଜେଣ୍ଟିନା ୬ ପଏଣ୍ଟ ପାଇ ନକ୍‌ଆଉଟରେ ସ୍ଥାନ ଏକପ୍ରକାର ପକ୍କା କରିଛି।

### ୧୦୦ତମ ମ୍ୟାଚ୍‌ରେ କିଲିଆନ୍ ଏମ୍‌ବାପେଙ୍କ ଡବଲ ଗୋଲ୍

# ଇରାକ୍‌କୁ ହରାଇ ନକ୍‌ଆଉଟ୍‌ରେ ଫ୍ରାନ୍ସ

ଫିଲାଡେଲଫିଆ,୨୩।୬(ଏଜେନ୍ସି)

ସୁପରଷ୍ଟାର କିଲିଆନ୍ ଏମ୍‌ବାପେଙ୍କ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିବା ଫଳରେ ଏଠାରେ ସୋମବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ଲିଗ୍ ମ୍ୟାଚ୍‌ରେ ଫ୍ରାନ୍ସ ୩-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ସେହିପରି ଅନ୍ୟତମ ସୁପରଷ୍ଟାର ଏର୍ଲିଙ୍ଗ ହଲାଣ୍ଡଙ୍କ ଡବଲ ଗୋଲ ବଳରେ ନ୍ୟୁୟର୍କର ନ୍ୟୁ ଜର୍ସୀଠାରେ ଖେଳାଯାଇଥିବା ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ନରୱେ ୩-୨ ଗୋଲରେ ସେନେଗାଲ୍‌କୁ ହରାଇ ଦେଇଛି। ଏହା ଫଳରେ ଗ୍ରୁପରେ କ୍ରମାଗତ ବିଜୟ ସହ ୨ଥରର ଚାମ୍ପିଅନ୍ ଫ୍ରାନ୍ସ ଏବଂ ନରୱେ ଗ୍ରୁପ୍-ଆଇ'ରୁ ନକ୍‌ଆଉଟ ବା ରାଉଣ୍ଡ ଅଫ ୩୨ରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ମଧ୍ୟରେ ହେବାକୁ ଥିବା ମୁକାବିଲା ପରେ ଗ୍ରୁପରେ କିଏ ପ୍ରଥମ ଓ କିଏ ଦ୍ୱିତୀୟ ସ୍ଥାନ ଅଧିକାର କରିବ ତାହା ସ୍ଥିର ହେବ। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇ ଫରାସୀ ତାରକା ଏମ୍‌ବାପେ ଫିଫା ବିଶ୍ୱକପ୍ ଇତିହାସରେ ୧୬ତମ ଗୋଲ ସ୍କୋର କରି ଦୀର୍ଘଦିନର ରେକର୍ଡଧାରୀ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରିଆ ବିପକ୍ଷରେ ଡବଲ ଗୋଲ ସ୍କୋର କରିଥିବା ଆର୍ଜେଣ୍ଟିନାର ଲିଓନେଲ ମେସୀ ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସର୍ବାଧିକ ୧୮ଟି ଗୋଲ ଦେଇ ରେକର୍ଡ କରିଥିଲେ। ଫ୍ରାନ୍ସ ଓ ଇରାକ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପରେ ବର୍ଷା, ଘଡଘଡ଼ି ଯୋଗୁଁ ଦୀର୍ଘ ସମୟ ଖେଳ ବନ୍ଦ ରହିଥିଲା। ଚଳିତ ଫିଫା ବିଶ୍ୱକପ୍‌ରେ ଖରାପ ପାଗ ଯୋଗୁଁ ଖେଳ ବାଧାପ୍ରାପ୍ତ ହେବାରେ ଏହା ହେଉଛି ପ୍ରଥମ ମ୍ୟାଚ୍।



ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇରାକ ବିପକ୍ଷ ମ୍ୟାଚ୍‌ରେ ଫ୍ରାନ୍ସ ଖେଳକୁ ନିୟନ୍ତ୍ରଣରେ ରଖି ଖେଳିଥିଲା। ଖେଳର ୧୪ତମ ମିନିଟ୍‌ରେ ଏମ୍‌ବାପେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ୍ ବଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଫ୍ରାନ୍ସ ୧-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବାରୁ ଖେଳ ବନ୍ଦ ରହିଥିଲା। ଏପରିକି ଖେଳାଳି ଓ କର୍ମକର୍ତ୍ତାମାନେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ୧୩୦ ମିନିଟ୍ ଖେଳ ବନ୍ଦ ରହିବା ପରେ ମୁକାବିଲା ଆରମ୍ଭ ହୋଇଥିଲା। ଖେଳର ୫୪ତମ ମିନିଟ୍‌ରେ ଏମ୍‌ବାପେ ଦ୍ୱିତୀୟ ଓ ଚଳିତ ବିଶ୍ୱକପ୍‌ରେ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଖେଳର ୬୬ମତ ମିନିଟ୍‌ରେ ଚଳିତବର୍ଷ ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ଓସ୍‌ମାନେ ଡେମ୍ବେଲେ ବିଶ୍ୱକପ୍‌ରେ ତାଙ୍କ ଖାତା ଖୋଲିଥିଲେ। ଇରାକ୍ ସେପରି କିଛି ଯୋଜନାବଦ୍ଧ ଆକ୍ରମଣ କରିପାରି ନ ଥିଲା। ଯେଉଁ କେତୋଟି ଆକ୍ରମଣ ରଚନା କରିଥିଲା ତାହାକୁ ଫ୍ରାନ୍ସର ଶକ୍ତିଶାଳୀ ରକ୍ଷଣଭାଗ ବିଫଳ କରିଦେଇଥିଲେ। ଯାହା ଫଳରେ ଦଳ ଗୋଲ ଦେବାକୁ ବଞ୍ଚିତ ହୋଇଥିଲା।



| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୨୪, ବୁଧବାର ରାତି |
| ସ୍ୱିଜରଲାଣ୍ଡ-କାନାଡା |
| ଭାଙ୍କୋଭର, ରାତି ୧୨.୩୦ |
| ବୋସ୍‌ନିଆ-କତାର |
| ସିଆଟଲ, ରାତି ୧୨.୩୦ |
| ମରକ୍କୋ-ହାଇତି |
| ଆଟଲାଣ୍ଟା, ରାତି ୩.୩୦ |
| ବ୍ରାଜିଲ-ସ୍କଟଲାଣ୍ଡ |
| ମିଆମି, ରାତି ୩.୩୦ |
| ଜୁନ୍-୨୫ ଗୁରୁବାର ସକାଳ |
| ଦ.କୋରିଆ-ଦ.ଆଫ୍ରିକା |
| ଗୌଦଲଜାରା, ସକାଳ ୬.୩୦ |
| ମେକ୍ସିକୋ-ଚେକିଆ |
| ମେକ୍ସିକୋ ସିଟି, ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

### ହଲାଣ୍ଡଙ୍କ ଡବଲ ଗୋଲ

## ତୃତୀୟଥର ଲାଗି ନକ୍‌ଆଉଟରେ ନରୱେ

ନ୍ୟୁୟର୍କ, ୨୩।୬ (ଏଜେନ୍ସି): କ୍ରମାଗତ ଦ୍ୱିତୀୟ ବିଜୟ ସହ ନରୱେ ଚଳିତ ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ-୩୨ରେ ପ୍ରବେଶ କରିଛି। ମଙ୍ଗଳବାର ଭୋର ସମୟରେ ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଆଇ'ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନରୱେ ୩-୨ ଗୋଲରେ ସେନେଗାଲ୍‌କୁ ପରାସ୍ତ କରିଥିଲା। ଦଳର ଷ୍ଟାର ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ଡବଲ୍ ଗୋଲ୍ ଦେଇ ନରୱେକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ୪-୧ ଗୋଲ୍‌ରେ ଇରାକକୁ ହରାଇଥିବା ନରୱେ ଏଥିସହ ୬ ପଏଣ୍ଟ ପାଇ ଫ୍ରାନ୍ସ ପଛକୁ ଦ୍ୱିତୀୟ ଦଳ ଭାବେ ଏହି ଗ୍ରୁପରୁ ରାଉଣ୍ଡ-୩୨କୁ ଯୋଗ୍ୟତା ଅର୍ଜନ କରିଛି। ନରୱେ ଏହାର ଶେଷ ମ୍ୟାଚରେ ଜୁନ ୨୭ରେ ଟେବୁଲ ଟପ୍ପର ଫ୍ରାନ୍ସକୁ ଭେଟିବ।

ନରୱେ ଓ ସେନେଗାଲ୍ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମୁହୂର୍ତ୍ତରେ ମାର୍କସ ହୋଲମଗ୍ରୀନଙ୍କ ଗୋଲ୍ ବଳରେ ନରୱେ ଖାତା ଖୋଲିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଆହୁରି ସଂଘର୍ଷପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥିଲା। ୪୮ତମ ମିନିଟରେ ହଲାଣ୍ଡଙ୍କ ଗୋଲ୍ ବଳରେ ନରୱେର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ଏହାର ୫ ମିନିଟ୍ ସେନେଗାଲ୍‌ର ଇସମାଇଲ ସାର୍ ଦଳ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ଫଳରେ ମ୍ୟାଚ୍ ୨-୧ ସ୍ଥିତିକୁ ଚାଲିଆସିଥିଲା। ତେବେ ପାଞ୍ଚ ମିନିଟ୍ ପରେ ପୁଣିଥରେ ହଲାଣ୍ଡଙ୍କ ଚମକ ଦେଖିବାକୁ ମିଳିଥିଲା। ହଲାଣ୍ଡ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଏହାପରେ ସେନେଗାଲ୍ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ଇଞ୍ଜୁରୀ ଟାଇମ୍‌ରେ ଇସମାଇଲ ଆଉ ଏକ ଗୋଲ୍ କରିଥିଲେ ମଧ ସେନେଗାଲକୁ ୨-୩ ଗୋଲରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ବିଜୟ ସହ ନରୱେ ବିଶ୍ୱକପ୍ ଇତିହାସରେ ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ପ୍ରବେଶ କରିଛି। ଦଳ ଏଥିପୂର୍ବରୁ ନରୱେ ୧୯୩୮ ଓ ୧୯୯୮ରେ ନକ୍‌ଆଉଟ୍ ଖେଳିଥିଲା।



## ଜୋର୍ଡାନକୁ ବିଦା କଲା ଆଲଜେରିଆ

ସାଣ୍ଟା କ୍ଲାରା,୨୩।୬(ଏଜେନ୍ସି): ନାଧୀର ବେନ୍‌ବୌଆଲୀ ଓ ଅମିନୋ ଗୌଇରୀଙ୍କ ଗୋଲ ବଳରେ ସାନ୍‌ଫ୍ରାନସିସ୍କୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଜେ'ର ଏକ ଲିଗ୍ ମ୍ୟାଚ୍‌ରେ ଆଲଜେରିଆ ୨-୧ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ଦ୍ୱିତୀୟ ମୁକାବିଲାରୁ ପ୍ରଥମ ବିଜୟ ଫଳରେ ଆଲଜେରିଆ ନକ୍‌ଆଉଟ୍‌କୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ସେହିପରି କ୍ରମାଗତ ମ୍ୟାଚ୍‌ରେ ହାରିଯିବା ପରେ ଡେବ୍ୟୁଟାଣ୍ଟ ଜୋର୍ଡାନ୍ ଚଳିତ ବିଶ୍ୱକପ୍ ଲିଗ୍ ବା ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଛି। ଏହି ମ୍ୟାଚ୍‌ଟି ଆଲଜେରିଆର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା। ସମସ୍ତ ବିଭାଗରେ ଆଲଜେରିଆର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। କିନ୍ତୁ ମ୍ୟାଚ୍‌ରେ ପ୍ରଥମ ଗୋଲ ଦେଇଥିଲା ଜୋର୍ଡାନ। ଖେଳର ୩୬ତମ ମିନିଟ୍‌ରେ ମୌସା ଅଲି ତମାରିଙ୍କ ପାସ ଗୋଲ ପୋଷ୍ଟ ସାମ୍ନାରେ ପଡ଼ିଥିଲା। ସେଠାରେ ଥିବା ନିଜାର ଅଲ ରାଶଦାନ କୌଣସି ତ୍ରୁଟି ନ କରି ନିଜ ଦେଶ ପକ୍ଷରୁ ପ୍ରଥମ ବିଶ୍ୱକପ୍ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଜୋର୍ଡାନ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଲଜେରିଆ ସବୁଥିରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଖେଳର ୬୯ତମ ମିନିଟ୍‌ରେ ରିୟାଦ୍ ମାହେରାଜ୍‌ଙ୍କଠାରୁ ପାସ୍ ପାଇ ବଦଳ ଖେଳାଳି ନାଧିର ହେଡ୍‌ର ଜରିଆରେ ଗୋଲ ଶୁଝାଇ ଦେଇଥିଲେ। ଖେଳ ସମାନ ସ୍ତରକୁ ଆସିବା ପରେ ଆଲଜେରଆ ଘନ ଘନ ଆକ୍ରମଣ କରିଥିଲା। ଜୋର୍ଡାନ ମଧ୍ୟ ଏହି ସମୟରେ ସଂଘର୍ଷ କରିଥିଲା। ଏଥିରୁ ଫାଇଦା ଉଠାଇ ୮୨ତମ ମିନିଟ୍‌ରେ ଆମିନେ ଗୌଇରୀ ଦ୍ରୁତଗତିରେ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଶେଷଭାବେ ଏହି ଉତ୍ତର ଆଫ୍ରିକୀୟ ଦଳ ଖେଳକୁ ନିୟନ୍ତ୍ରଣରେ ରଖିବା ସହ ପୂରା ନ ପଏଣ୍ଟ ପାଇ ଦ୍ୱିତୀୟ ରାଉଣ୍ଡକୁ ଯିବାର ଆଶା ଉଜ୍ଜୀବିତ ରଖିଛି।

## ପ୍ରୋ-ଲିଗ୍ ହକି: ଭାରତଠାରୁ ହାରିଲା ପାକିସ୍ତାନ

ଲଣ୍ଡନ,୨୩।୬(ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ଆଜି ଖେଳାଯାଇଥିବା ଏକ ମୁକାବିଲାରେ ଭାରତ ତାହାର ପଡୋଶୀ ପାକିସ୍ତାନକୁ ୪-୩ ଗୋଲରେ ପରାସ୍ତ କରିଛି। ନିକଟରେ ଜର୍ମାନୀ ଓ ନେଦରଲ୍ୟାଣ୍ଡସ ପରି ବିଶ୍ୱଚାମ୍ପିଅନ ଦଳକୁ ହରାଇଥିବା ଭାରତ ଏହି ମ୍ୟାଚ୍‌ରେ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ତଥାପି ଦଳ ପ୍ରଥମେ ଗୋଲ ଖାଇବା ପରେ ଖେଳକୁ ନିଜ ନିୟନ୍ତ୍ରଣକୁ ଆଣି ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା। ଭାରତ ପକ୍ଷରୁ ଅଭିଷେକ, ନିଳକାନ୍ତ ଶର୍ମା, ସୁଖଜିତ ସିଂହ ଓ ରାଜିନ୍ଦର ସିଂହ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପାକିସ୍ତାପ ପକ୍ଷରୁ ନଦୀମ ଅହମ୍ମଦ୍, ଅବୁ ମହମ୍ମଦ୍ ଓ ମୋଇନ୍ ସକିଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

## ରୋହିତ୍, ଅମ୍ରିତରାଜଙ୍କୁ 'ପଦ୍ମ' ପୁରସ୍କାର

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଓ ପୂର୍ବତନ ମହାନ ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ମଙ୍ଗଳବାର 'ପଦ୍ମ' ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପଦ୍ମଶ୍ରୀ' ପୁରସ୍କାର ରୋହିତ୍ ଶର୍ମାଙ୍କୁ ପ୍ରଦାନ କରିଥିଲେ। ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ ଗ୍ରହଣ କରିବାରେ ରୋହିତ ୪୦ତମ କ୍ରିକେଟର୍ ହୋଇଛନ୍ତି। ସେହିଭଳି ୭୨ ବର୍ଷୀୟ ଅମ୍ରିତରାଜଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଭୂଷଣ' ପ୍ରଦାନ କରାଯାଇଥିଲା। ଅମ୍ରିତରାଜ ୧୯୮୦ରେ ବିଶ୍ୱ ମାନ୍ୟତାର ୧୮ତମ ସ୍ଥାନ ହାସଲ କରିଥିଲେ। ଯାହାକି ଏଟିପି ସିଙ୍ଗଲ୍ସରେ ତାଙ୍କର କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ଥିଲା। ବିଜୟ ତିନିଥର ଜାତୀୟ ସିଙ୍ଗଲ୍ସ ଚାମ୍ପିଅନ୍ ରହିଥିଲେ। ସେ ଦୁଇ ଦଶନ୍ଧି ଧରି ଭାରତରୁ ପ୍ରତିନିଧିତ୍ୱ କରିଥିବା ବିଜୟଙ୍କ ନେତୃତ୍ୱରେ ଭାରତ ୧୯୭୪ ଏବଂ ୧୯୮୭ରେ ଦୁଇଥର ଡେଭିସ୍ କପ୍ ଫାଇନାଲ ଖେଳିଥିଲା। ସିଓଲରେ ୧୯୮୦ରେ ଅନୁଷ୍ଠିତ ଅଲିମ୍ପିକ୍ସ ପାଇଁ ସେ ଭାରତୀୟ ଦଳର ମଶାଲବାହକ ଭୂମିକା ନିଭାଇଥିଲେ।



## କଳିଙ୍ଗରେ ଆଜିଠାରୁ ଆନ୍ତଃରାଜ୍ୟ ଦୌଡ଼କୁଦ

ଭୁବନେଶ୍ୱର,୨୩।୬(ସମିସ): ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ଦିନ ଧରି ଆୟୋଜିତ ହେବ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ଲାଗି ଏହି ପ୍ରତିଯୋଗିତା ଅନେକ ଗୁରୁତ୍ୱ ରଖୁଛି। ଏଥିରେ ମୋଟ ୬୩୦ ଜଣ ପ୍ରତିଯୋଗୀ ୪୫ଟି ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ୨୮ଜଣ ଅଂଶଗ୍ରହଣ କରୁଛନ୍ତି। କିଶୋର ଜେନା, ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞାପ୍ରଶାନ୍ତି ସାହୁ ଓ ସବିତା ଟପ୍ପୋ ଓଡ଼ିଶା ଲାଗି ପଦକ ଜିତିବାର ସମ୍ଭାବନା ରହିଛି।

### ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍

## ନୀତୀଶ ବାଦ୍; ସୂର୍ଯ୍ୟାଂଶ ସାମିଲ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳ ଖୁବ୍ ଶୀଘ୍ର ୟୁକେ ଗସ୍ତ କରିବାକୁ ଯାଉଛି। ତେବେ ଏହି ଗସ୍ତ ପୂର୍ବରୁ ଭାରତକୁ ବଡ଼ ଝଟକା ଲାଗିଛି। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆଘାତଜନିତ ସମସ୍ୟା ଲାଗି ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରୁ ବାଦ ପଡ଼ିଛନ୍ତି। ଫଳରେ ବିସିସିଆଇ ତାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ମୁମ୍ବଇ ଅଲ୍‌ରାଉଣ୍ଡର ସୂର୍ଯ୍ୟାଂଶ ଶେଡଗେଙ୍କୁ ଦଳରେ ସାମିଲ କରିଛି। ନିକଟରେ ଶ୍ରୀଲଙ୍କାରେ ତ୍ରି-ରାଷ୍ଟ୍ରୀୟ ସିରିଜ ଚାମ୍ପିଅନ ହୋଇଥିବା ଭାରତ-ଏ ଦଳର ସୂର୍ଯ୍ୟାଂଶ ସଦସ୍ୟ ରହିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ୫ଟି ମ୍ୟାଚ୍ ଖେଳି ୧୪୭ ରନ କରିବା ସହ ୨ଟି ୱିକେଟ ନେଇଥିଲେ। ୟୁକେ ଗସ୍ତରେ ଭାରତ ପ୍ରଥମେ ଆୟର୍ଲାଣ୍ଡ ବିପକ୍ଷରେ ଜୁନ ୨୬ ଓ ଜୁନ ୨୮ରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହାପରେ ଇଂଲଣ୍ଡ ଗସ୍ତ କରି ସେଠାରେ ଘରୋଇ ଦଳ ବିପକ୍ଷରେ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବ।

### ଆଇପିଏଲ୍‌ରେ ହାଇପ୍ରୋଫାଇଲ ଖେଳାଳି ଡିଲ୍

# ୧୫ କୋଟିରେ ଦିଲ୍ଲୀକୁ ଫେରିଲେ ପନ୍ତ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଆଇପିଏଲ ଇତିହାସର ଅନ୍ୟତମ ହାଇପ୍ରୋଫାଇଲ ଖେଳାଳି ଅଦଳବଦଳ ମଙ୍ଗଳବାର ଦେଖିବାକୁ ମିଳିଛି। ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଛାଡିବା ପରେ ରିଷଭ ପନ୍ତ ତାଙ୍କ ପୁରୁଣା ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ପନ୍ତଙ୍କ ସ୍ଥାନରେ ଦିଲ୍ଲୀର ରିଷ୍ଟ ସ୍ପିନର କୁଲଦୀପ୍ ଯାଦବ ଲକ୍ଷ୍ନୌ ଦଳରେ ସାମିଲ ହୋଇଛନ୍ତି। ୨୦୨୫ ଆଇପିଏଲ୍ ମେଗା ଖେଳାଳି ନିଲାମୀରେ ଲକ୍ଷ୍ନୌ ୨୭ କୋଟି ଟଙ୍କାରେ ପନ୍ତଙ୍କ ସହ ଚୁକ୍ତି କରିଥିଲା। ଫଳରେ ସେ ଆଇପିଏଲ୍ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। ତେବେ ସଦ୍ୟ ଖେଳାଳି ଅଦଳବଦଳ ଡିଲ୍‌ରେ ପନ୍ତ ୧୫ କୋଟି ଟଙ୍କାର ସଂଶୋଧିତ ଚୁକ୍ତିରେ ଦିଲ୍ଲୀ ଫେରିଛନ୍ତି। ଫଳରେ ପନ୍ତଙ୍କ ୧୨ କୋଟି ଟଙ୍କା କ୍ଷତି ହୋଇଛି। ସେହିଭଳି କୁଲଦୀପ ୧୩.୫ କୋଟି ଟଙ୍କା ଚୁକ୍ତିରେ ଲକ୍ଷ୍ନୌରେ ଯୋଗ ଦେଇଛନ୍ତି। ଗତ ସିଜନରେ ଦିଲ୍ଲୀ କୁଲଦୀପଙ୍କୁ ୧୩.୨୫ କୋଟି ଟଙ୍କାରେ ଚୁକ୍ତି କରିଥିଲା। ଫଳରେ ଆଜିର ଏହି ଡିଲ୍‌ରେ କୁଲଦୀପଙ୍କ ୨୫ ଲକ୍ଷ ଟଙ୍କା ଫାଇଦା ହୋଇଛି।

ଉଲ୍ଲେଖଯୋଗ୍ୟ ପନ୍ତ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ୯ସିଜନ ଧରି ଦିଲ୍ଲୀ ଫ୍ରାଞ୍ଚାଇଜ ପକ୍ଷରୁ ୧୧୧ ମ୍ୟାଚ୍ ଖେଳିଥିଲେ। ଯେଉଁଥିରେ ସେ ୨୦୨୧ ରୁ ୨୦୨୪ ପର୍ଯ୍ୟନ୍ତ ୪୩ ମ୍ୟାଚରେ ଦଳର ନେତୃତ୍ୱ ଭାର ସମ୍ଭାଳିଥିଲେ। ପନ୍ତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୧୩୯ ମ୍ୟାଚ୍ ଖେଳିଛନ୍ତି। ସେ ୩୩.୬୦ ହାରରେ ୩୮୬୫ ରନ୍ କରିଛନ୍ତି। ଏହା ମଧ୍ୟରେ ସେ ୨ଟି ଶତକ ଏବଂ ୨୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।



## ଶୀର୍ଷରେ ଶ୍ରୀ ଚରଣି

ଦୁବାଇ, ୨୩।୬ (ଏଜେନ୍ସି): ଯୁବ ଭାରତୀୟ ସ୍ପିନର ଶ୍ରୀ ଚରଣି ବିଶ୍ୱର ଏକ ନମ୍ବର ଟି-୨୦ ବୋଲର ହୋଇଛନ୍ତି। ଆଇସିସି ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ମହିଳା ଟି-୨୦ ର୍‌ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ଶ୍ରୀ ଚରଣି ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଇଂଲଣ୍ଡରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଚରଣି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ତିନୋଟି ମ୍ୟାଚ୍ ଖେଳିଥିବା ଏହି ବାମହାତୀ ସ୍ପିନର ବିଶ୍ୱକପ୍‌ରେ ମୋଟ୍ ୧୦ଟି ୱିକେଟ୍ ନେଇସାରିଛନ୍ତି। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସେ ଇଂଲଣ୍ଡର ଲିନସୀ ସ୍ମିଥଙ୍କୁ ହଟାଇ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଇଂଲଣ୍ଡ ବୋଲର ଚାର୍ଲି ଡିନ୍ ର୍‌ୟାଙ୍କିଙ୍ଗ୍‌ରେ ଚତୁର୍ଥରୁ ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ସେହିଭଳି ସୋଫି ଇକଲେଷ୍ଟୋନ ୮ମରୁ ୪ର୍ଥ ସ୍ଥାନକୁ ଉଠିଛନ୍ତି। ତେବେ ଭେଟେରାନ ଭାରତୀୟ ସ୍ପିନର ଦୀପ୍ତି ଶର୍ମା ୩ଟି ସ୍ଥାନ ହରାଇଛନ୍ତି। ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୮ମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡ ଲୌରେନ ବେଲ୍ ମଧ୍ୟ ତୃତୀୟରୁ ୭ମ ସ୍ଥାନକୁ ଖସିଯାଇଛନ୍ତି।



### ମହିଳା ଟି-୨୦ ବିଶ୍ୱକପ୍

## ଦ୍ୱିତୀୟ ବିଜୟ ସହ ନ୍ୟୁଜିଲାଣ୍ଡର ଆଶା ଉଜ୍ଜୀବିତ

ବ୍ରିଷ୍ଟଲ, ୨୩।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୬ ୱିକେଟ୍‌ରେ ସ୍କଟଲାଣ୍ଡ ମହିଳା ଦଳକୁ ପରାସ୍ତ କରିଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟଲାଣ୍ଡ ୭ ୱିକେଟରେ ୧୩୧ ରନ କରିଥିଲା। ଓପନର୍ ଡାର୍ସି କାର୍ଟର ୫୨ ବଲରେ ୭୨ ରନର ଅପରାଜିତ ପାଳି ଖେଳିଥିଲେ। ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟିକା ଆମେଲିଆ କେର ୩ ଏବଂ ସୋଫି ଡିଭାଇନ ୨ଟି ୱିକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୪ ୱିକେଟ୍ ହରାଇ ୧୦ଟି ବଲ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଜି ଶାର୍ପ ୬୨ ଓ ବ୍ରୁକ୍ ହଲିଡେ ୪୧ ରନର ଉପଯୋଗୀ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୱେଷ୍ଟଇଣ୍ଡିଜ (୭ ୱିକେଟ୍) ଓ ଶ୍ରୀଲଙ୍କା (୫ ୱିକେଟ) ନିକଟରୁ ହାରିଥିଲା।

## ଆୟର୍ଲାଣ୍ଡ ଅଧିନାୟିକାଙ୍କ ଅର୍ଦ୍ଧଶତକ

ବ୍ରିଷ୍ଟଲ,୨୩।୬(ଏଜେନ୍ସି): ଅଧିନାୟିକା ଗାବି ଲୁଇସ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ବି' ମ୍ୟାଚ୍‌ରେ ଆୟର୍ଲାଣ୍ଡ ୫ ୱିକେଟରେ ୧୩୦ ରନ୍ କରିଛି। ଅଧିନାୟିକା ଲୁଇସ୍ ୫୦ବଲ୍‌ର ସାମ୍ନା କରି ୮ ଚୌକା ସହ ୫୯ ରନ୍ କରିଥିଲେ। ଆଲିସ୍ ଟେକ୍ଟର ଅପରାଜିତ ୨୮ ଓ ଲିଆ ପଲଙ୍କ ୨୦ ରନ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ୪ଜଣ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲାବେଳେ ଆୟର୍ଲାଣ୍ଡର ଜଣେ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ମିଥାଲି ଅଯୋଧ୍ୟା ତାଙ୍କ ୪ ଓଭର ବୋଲିଂ ସ୍ପେଲ୍‌ରେ ସବୁଠାରୁ କମ୍ ୧୮ ରନ୍ ଦେଇଥିଲେ। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଦଳ ଟସ୍ ଜିତି ଆୟର୍ଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS